ଧରିତ୍ରୀ 51 Years
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୪/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 14/2025 Page 14 ₹ 7.00 BERHAMPUR

୫୧ଶ ଭାଗ ୧୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 199 ମୂଲ୍ୟ ₹୭/-

## ଯାଜପୁର, ଭଦ୍ରକରେ ୮ କଲେରା ପଜିଟିଭ୍ ସଙ୍କେତ

ଭୁବନେଶ୍ୱର (ବନ୍ଦନା ସେଠୀ)/ ଯାଜପୁର (ହର୍ଷବର୍ଦ୍ଧନ ବେହେରା),୧୩।୬

ଯାଜପୁର ଓ ଭଦ୍ରକ ଜିଲାରେ ବ୍ୟାପିଥିବା ଡାଇରିଆ ଅଣାୟତ୍ତ ହେବାରେ ଲାଗିଛି। ଗତ ସୋମବାରଠାରୁ ଡାଇରିଆର ପ୍ରକୋପ ଦେଖିବାକୁ ମିଳିଥିବାବେଳେ ଇତିମଧ୍ୟରେ ଯାଜପୁରରେ ୧୨ଜଣଙ୍କର ମୃତ୍ୟୁ ଘଟିଲାଣି। ଯାଜପୁର, ଭଦ୍ରକରେ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଟପିଲାଣି। ତେବେ ୨ଜିଲାର ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇଥିବା ୪୧ ଝାଡ଼ା ନମୁନା ମଧ୍ୟରୁ ୮ଟିରେ କଲେରା ପଜିଟିଭ୍ ସଙ୍କେତ ମିଳିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭୁବନେଶ୍ୱର ଲୋକସେବା ଭବନଠାରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମିଶ୍ର ଏହି ସୂଚନା ଦେଇଛନ୍ତି। ଯାଜପୁର ସିଡିଏମ୍‌ଓ ପ୍ରକାଶ ଚନ୍ଦ୍ର ବଳ କହିଛନ୍ତି, ଆଇସିଏମ୍‌ଆର ରିପୋର୍ଟ ଅନୁଯାୟୀ ଯାଜପୁର ଜିଲାର ୨୧ଟି ନମୁନା ପରୀକ୍ଷାରୁ ୬ଟିରେ କଲେରା ପଜିଟିଭ୍ ସଙ୍କେତ ମିଳିଥିବା ଜଣାପଡ଼ିଛି। ଡାଇରିଆକୁ ଦୃଷ୍ଟିରେ ରଖି ଯାଜପୁର ଜିଲାରେ ସରକାରୀ ଛୁଟିକୁ ବାତିଲ କରାଯାଇଛି। ୧୦ ଦିନ ମଧ୍ୟରେ ବିଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ତେବେ ବ୍ୟାପକ ସଚେତନତା, କ୍ଷେତ୍ରସ୍ତରୀୟ ପ୍ରତିଷେଧ ଏବଂ ପ୍ରାଥମିକ ସ୍ତରରେ ଚିହ୍ନଟ ଓ ଚିକିତ୍ସା ମାଧ୍ୟମରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

DADLS - 31

ଓଡ଼ିଶା ଶାସନ



ରଜ ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0697/2526







DSPL - 115



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

सत्यमेव जयते | ଓଡ଼ିଶା ଶାସନ

# କୃଷକ ରେଜିଷ୍ଟ୍ରି



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସରକାରଙ୍କର ଡିଜିଟାଲ୍ କୃଷି ଅଧୀନରେ କୃଷକ ପଞ୍ଜିକରଣ ଜାରି ରହିଛି

ସମସ୍ତ ବର୍ଗର ଚାଷୀ ଓ ପି ଏମ୍ କିଷାନ ହିତାଧିକାରୀ ଏଥିରେ ପଞ୍ଜୀକୃତ ହେବା ଅନିବାର୍ଯ୍ୟ
ନଚେତ ଆପଣ ପି ଏମ୍ କିଷାନ ଯୋଜନାରୁ ବଞ୍ଚିତ ହୋଇପାରନ୍ତି

**ଆବଶ୍ୟକୀୟ ଦସ୍ତାବିଜ୍**
- ଆଧାର କାର୍ଡ
- ଆଧାର ସଂଯୁକ୍ତ ମୋବାଇଲ୍ ନମ୍ବର୍
- ନିଜ ନାମରେ ଥିବା ଜମି ପଟ୍ଟା

**ଜମିଜମା ରେକର୍ଡ ନିଜ ନାମରେ ନଥିଲେ**
ମୃତ ଜମିଧାରୀଙ୍କ ମୃତ୍ୟୁ ପ୍ରମାଣ ପତ୍ର କିମ୍ବା ଉତ୍ତରାଧିକାରୀ ପ୍ରମାଣ ପତ୍ର ସହ ତହସିଲ୍ କାର୍ଯ୍ୟାଳୟରେ ଯୋଗାଯୋଗ କରି ଜମି ପଟ୍ଟା/ RoR ରେ ନାମ ସଂଶୋଧନ କରାଇ ନିଅନ୍ତୁ

ନିମ୍ନସ୍ଥ ଚାରୋଟି ଉପାୟ ମଧ୍ୟରୁ ଯେକୌଣସି ଉପାୟ ମାଧ୍ୟମରେ କୃଷକ ରେଜିଷ୍ଟ୍ରି ପୋର୍ଟାଲ (https://odfr.agristack.gov.in) ରେ ତୁରନ୍ତ ନିଜକୁ ପଞ୍ଜୀକୃତ କରନ୍ତୁ

- ନିକଟସ୍ଥ ଜନ ସେବା କେନ୍ଦ୍ର
- ଗ୍ରାମପଞ୍ଚାୟତ ସ୍ତରରେ ନିଯୁକ୍ତ ସହାୟକ
- ବ୍ୟକ୍ତିଗତ ସ୍ତର
- ଗ୍ରାମପଞ୍ଚାୟତ ସ୍ତରୀୟ କ୍ୟାମ୍ପ

ଅଧିକ ସୂଚନା ପାଇଁ - ୧୫୫୩୩୩ ରେ ଯୋଗାଯୋଗ କରନ୍ତୁ

OIPR-01510/13/0053/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର


ଦୁର୍ଘଟଣାସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।


ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ପରିବାର ସଦସ୍ୟଙ୍କୁ ଭେଟି ପ୍ରଧାନମନ୍ତ୍ରୀ ସାନ୍ତ୍ୱନା ଦେଉଛନ୍ତି।


ତ୍ରିପୁରାର ଅଗରତାଲାରେ ମାଇମ ଆର୍ଟିଷ୍ଟମାନେ କ୍ଷୁଦ୍ର ବିମାନ ଧରି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# ବିମାନ ବ୍ଲାକ୍‌ବକ୍ସ ମିଳିଲା

ନୂଆଦିଲ୍ଲୀ, ୧୩।୬

ଏୟାର ଇଣ୍ଡିଆର ଦୁର୍ଘଟଣାଗ୍ରସ୍ତ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନର ବ୍ଲାକ୍‌ବକ୍ସ ଶୁକ୍ରବାର ମିଳିଛି। ବିମାନ ଧକ୍କାଦେଇଥିବା ବିଜେ ମେଡିକାଲ କଲେଜ ହଷ୍ଟେଲ ଛାତରୁ ବ୍ଲାକ୍‌ବକ୍ସ ବା ଡିଜିଟାଲ ଫ୍ଲାଇଟ୍ ଡେଟା ରେକର୍ଡର (ଡିଏଫ୍‌ଡିଆର୍) ମିଳିବା ପରେ ସେଥିରୁ ଦୁର୍ଘଟଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଟିମ୍ ସହ ଗୁଜରାଟ ସରକାରଙ୍କ ୪୦ ଜଣ କର୍ମଚାରୀ ବ୍ଲାକ୍‌ବକ୍ସକୁ ଭଗ୍ନାବଶେଷ ମଧ୍ୟରୁ ପାଇଛନ୍ତି। ସେଥିରୁ ବିମାନର ବେଗ, ଉଡୁଥିବା ଉଚ୍ଚତା, ଇଞ୍ଜିନ୍‌ର କାର୍ଯ୍ୟ, ପାଇଲଟ୍ ଏବଂ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ମଧ୍ୟରେ କଥାବାର୍ତ୍ତା ଆଦି ଜଣାପଡ଼ିବ।




ଇସ୍ପାତ ଓ ଟିଟାନିୟମ୍ ଭଳି ଅତ୍ୟନ୍ତ ଶକ୍ତିଶାଳୀ ଧାତୁରେ ନିର୍ମିତ ବ୍ଲାକ୍‌ବକ୍ସରେ ଦୁଇଟି ଭାଗ ରହିଛି। ଗୋଟିଏ ହେଲା ଡିଏଫ୍‌ଡିଆର୍ ଏବଂ ଅନ୍ୟଟି କକ୍‌ପିଟ୍ ଭଏସ୍ ରେକର୍ଡର (ସିଭିଆର୍)। ଡିଏଫ୍‌ଡିଆର୍ ଉଡ଼ାଣ ପ୍ରଯୁକ୍ତି ମାନଦଣ୍ଡ ସମ୍ପର୍କିତ ରେକର୍ଡ ରଖୁଥିବାବେଳେ ସିଭିଆର୍ କକ୍‌ପିଟ୍‌ର ଅଡିଓକୁ ରେକର୍ଡ କରିଥାଏ। ବିମାନ ସମ୍ମୁଖ ଭାଗ କିମ୍ବା ପାର୍ଶ୍ୱରୁ ଦୁର୍ଘଟଣାଗ୍ରସ୍ତ ହେଉଥିବାରୁ ବ୍ଲାକ୍‌ବକ୍ସ ଏହାର ଟେଲ୍ ନିକଟରେ ସୁରକ୍ଷିତ ରହିଥାଏ। ଏହା ୧,୧୦୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ତାପମାତ୍ରାରେ ଅନ୍ୟୂନ ୧ ଘଣ୍ଟା ପର୍ଯ୍ୟନ୍ତ ତିଷ୍ଠିରହିପାରିବ।

ଏୟାର ଇଣ୍ଡିଆ ବିମାନ ଗୁରୁବାର ଅପରାହ୍ଣରେ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଉଡ଼ାଣ ଆରମ୍ଭ କରିବାର କେଇ ମିନିଟ୍ ପରେ ବିଜେ ମେଡିକାଲ କଲେଜର ହଷ୍ଟେଲ ବିଲ୍ଡିଂରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଏହି ଦୁର୍ଘଟଣାରୁ ମାତ୍ର ଜଣେ ଯାତ୍ରୀ ବର୍ତ୍ତିଥିବାବେଳେ ଅନ୍ୟ ୨୪୧ ଜଣଙ୍କ ମୃତ୍ୟୁ ଘଟିଥିବା ଏୟାର ଇଣ୍ଡିଆ ସ୍ପଷ୍ଟ କରିଛି। ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ଯୋଗାଇଦେବା ଲାଗି ଗୁରୁବାର ଟାଟା ଗ୍ରୁପ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟହୋଇ ନ ଥିବାବେଳେ ବିମାନ ଚଳାଚଳ ସୁରକ୍ଷା ବଢ଼ାଇବା ନିମନ୍ତେ ସରକାର ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି।

# ଦୁର୍ଘଟଣାସ୍ଥଳରେ ପ୍ରଧାନମନ୍ତ୍ରୀ

## ହସ୍ପିଟାଲରେ ଏକମାତ୍ର ଜୀବିତ ଯାତ୍ରୀଙ୍କୁ ଭେଟିଲେ

ଅହମଦାବାଦ, ୧୩।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅହମଦାବାଦର ବିମାନ ଦୁର୍ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବିମାନବନ୍ଦରରେ ପହଞ୍ଚି ସେଠାରୁ ସିଧା ମେଘାନିନଗର ଅଞ୍ଚଳର ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ତାଙ୍କ ସହ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଥିଲେ। ଦୁର୍ଘଟଣା ସମସ୍ତଙ୍କୁ ଅତ୍ୟନ୍ତ ସ୍ତବ୍ଧ କରିଥିଲା। ନିମିଷକ ମଧ୍ୟରେ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଯିବା ଅତ୍ୟନ୍ତ ହୃଦୟ ବିଦାରକ, ଯାହା ବର୍ଣ୍ଣନା କରିବାକୁ ଭାଷା ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ମୃତକମାନଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି। ପରେ ପ୍ରଧାନମନ୍ତ୍ରୀ ଅହମଦାବାଦର ସିଭିଲ୍ ହସ୍ପିଟାଲକୁ ବିମାନ ଦୁର୍ଘଟଣାରୁ ବଞ୍ଚିଯାଇଥିବା ଏକମାତ୍ର ବିମାନ ଯାତ୍ରୀ ବିଶ୍ୱାସ କୁମାର ରମେଶଙ୍କୁ ପ୍ରଧାନମନ୍ତ୍ରୀ ଭେଟି କଥା ହୋଇଥିଲେ। ଏଥିସହିତ


ଦୁର୍ଘଟଣାରୁ ବଞ୍ଚିଥିବା ଏକମାତ୍ର ଯାତ୍ରୀ ବିଶ୍ୱାସ କୁମାର ରମେଶଙ୍କୁ ପ୍ରଧାନମନ୍ତ୍ରୀ ଭେଟୁଛନ୍ତି।

ସେ ହସ୍ପିଟାଲର ସି୭ ୱାର୍ଡରେ ୨୫ ଜଣ ଆହତଙ୍କୁ ଭେଟିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏଥିସହିତ ସେ ଡାକ୍ତରଙ୍କ ସହ କଥା ହୋଇଥିଲେ। ପରେ ପ୍ରଧାନମନ୍ତ୍ରୀ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଘରକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଗୁରୁବାରର ବିମାନ ଦୁର୍ଘଟଣାରେ ରୂପାନୀଙ୍କ ସମେତ ବିମାନର ୨୪୧ ଜଣଙ୍କ ମୃତ୍ୟୁ ଘଟିଥିଲା।

# ‘କେମିତି ବଞ୍ଚିଗଲି ଜାଣିନି’: ବିଶ୍ୱାସକୁମାର

## ୧୧ଏ ହେଲା ସବୁଠୁ ଭାଗ୍ୟବାନ୍ ସିଟ୍

ଅହମଦାବାଦ, ୧୩।୬

ଅହମଦାବାଦ ବିମାନ ଦୁର୍ଘଟଣାରେ ବିମାନରେ ଯାଉଥିବା ୨୪୧ ଜଣ ପ୍ରାଣ ହରାଇଥିବାବେଳେ କେବଳ ବିଶ୍ୱାସକୁମାର ରମେଶ ବଞ୍ଚିଯାଇଥିଲେ। ଏୟାରଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନରେ ସେ ସିଟ୍ ନମ୍ବର ୧୧ଏରେ ବସିଥିଲେ। ବୋଇଂ ବିମାନରେ ଏହି ସିଟ୍‌କୁ ଯାତ୍ରୀମାନଙ୍କର ସବୁଠାରୁ ନାପସନ୍ଦ ସିଟ୍ ବୋଲି ଧରାଯାଇଥାଏ। ଉଡ଼ାଣ ସମ୍ବନ୍ଧୀୟ ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରୁଥିବା ୱେବ୍‌ସାଇଟ ୟୁନିଲାଡ୍‌ଟେକ୍





ଅନୁଯାୟୀ, ଏହି ସିଟ୍ କୌଣସି ସାଧାରଣ ଝରକା ପାଖରେ ନ ଥାଏ। ବୋଇଂ ବିମାନରେ ଏୟାର କଣ୍ଡିଶନ୍ ସିଷ୍ଟମ ଯୋଗୁ ୧୧ଏ ସିଟ୍ ନିକଟରେ ଥିବା ଝରକା ସ୍ଥାନ ଅବରୋଧ ହୋଇଥାଏ। ଝରକା ବାହାରକୁ ଦେଖିବା ପାଇଁ ଆଶା କରୁଥିବା ଯାତ୍ରୀମାନେ ଏଠାରେ ବସିବା ପରେ ଖାଲି କାନ୍ଥ ପାଇ ନିରାଶ ହୋଇଥାନ୍ତି। ବିଶ୍ୱାସକୁମାର କହିଛନ୍ତି, ସେ କେମିତି ବଞ୍ଚିଲେ ଜାଣିନାହାଁନ୍ତି। ଏଭଳି ଦୁର୍ଘଟଣାରୁ ବଞ୍ଚିଯିବା କୌଣସି ଚମତ୍କାରଠାରୁ କମ୍ ନୁହେଁ। ସେ ବିମାନର ଯେଉଁ ପାର୍ଶ୍ୱରେ ବସିଥିଲେ ବୋଧହୁଏ ତାହା ମେଡିକାଲ କଲେଜ ବିଲ୍ଡିଂ କୋଠାର ତଳ ଅଂଶରେ ଧକ୍କା ହୋଇଥିଲା।

# ମୃତକଙ୍କ ମଧ୍ୟରେ ନବବିବାହିତ ଦମ୍ପତି, ଆଇଟି ମ୍ୟାନେଜର

ଅହମଦାବାଦ, ୧୩।୬

ଗୁଜରାଟର ଅହମଦାବାଦରେ ଗୁରୁବାର ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନର ଦୁର୍ଘଟଣାରେ ବିମାନରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣାରେ ଗୁଜରାଟର ଖେଡ଼ା ନିବାସୀ ରୁଦ୍ର (୨୦)ଙ୍କର ମୃତ୍ୟୁ ଘଟିଛି। ଲଣ୍ଡନରେ ଗ୍ରାଜୁଏଶନ ଶିକ୍ଷା ପାଇଁ ସେ ବୋଇଂ ୭୮୭-୮ ବିମାନରେ ଯାଉଥିଲେ। ସେହିପରି ଉକ୍ତ ବିମାନରେ ଯାଉଥିବା ଗୁଜରାଟର ବନ୍ସୱାରା ନିବାସୀ ଡାକ୍ତର ପ୍ରତୀକ ଜୋଷୀ, ତାଙ୍କ ସ୍ତ୍ରୀ କମଲା ବ୍ୟାସ୍ ଏବଂ ତାଙ୍କର ୩ ପିଲାଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେହିପରି ନିକଟରେ ବିବାହ କରିଥିବା ଗୁଜରାଟ


ହାର୍ଦ୍ଦିକ ଭାଇ ଅଭୟ ଏବଂ ତାଙ୍କ ସ୍ତ୍ରୀ ବିଭୂତି ବେନ୍।


ନୀରଜ ଲାଭାନିଆ ଓ ତାଙ୍କ ସ୍ତ୍ରୀ।

ନିବାସୀ ହାର୍ଦ୍ଦିକ ଭାଇ ଅଭୟ ଏବଂ ତାଙ୍କ ସ୍ତ୍ରୀ ବିଭୂତି ବେନ୍ ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଉଭୟେ ଲଣ୍ଡନରେ କାର୍ଯ୍ୟରତ ଥିଲେ। ଏହି ଦୁର୍ଘଟଣାରେ ଆଗ୍ରା ନିବାସୀ ନୀରଜ ଲାଭାନିଆ ଏବଂ ତାଙ୍କ ସ୍ତ୍ରୀଙ୍କର ମଧ୍ୟ ମୃତ୍ୟୁ ଘଟିଛି। ନୀରଜ ସ୍ତ୍ରୀଙ୍କ ସହ ଲଣ୍ଡନକୁ ଛୁଟି କଟାଇବା ପାଇଁ ଯାଉଥିଲେ। ନୀରଜ ବରୋଦାସ୍ଥିତ ଏକ ଆଇଟି କମ୍ପାନୀରେ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ଇନ୍ଦୋରର ହରପ୍ରୀତ କୌର୍ ହୋରା ନାମ୍ନୀ ଜଣେ ମହିଳା ଲଣ୍ଡନରେ ନିଜ ସ୍ୱାମୀଙ୍କ ଜନ୍ମଦିନ ପାଳିବାକୁ ଯାଉଥିଲେ। ତାଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେହିପରି ଗୁଜରାଟର ହିମତନଗର ନିବାସୀ ପାୟଲ ଖାତିକ୍ ଏକ ପ୍ରାଇଭେଟ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ସେ କମ୍ପାନୀ କାର୍ଯ୍ୟରେ ପ୍ରଥମ ଥର ପାଇଁ ବିମାନରେ ଯାତାୟାତ କରୁଥିଲେ। ତାଙ୍କର ମୃତ୍ୟୁ ଘଟିଛି। ଲଣ୍ଡନରେ କାର୍ଯ୍ୟରତ ଭାବିକ ମାହେଶ୍ୱରୀ ନିଜ ବିବାହ ପାଇଁ ୨ ସପ୍ତାହ ତଳେ ଭାରତ ଆସିଥିଲେ। ବିବାହ କରିସାରିବା ପରେ ଲଣ୍ଡନ ଯାଉଥିବା ବେଳେ ସେ ପ୍ରାଣ ହରାଇଛନ୍ତି। ତେବେ ଆଉ କିଛିଦିନ ପରେ ଲଣ୍ଡନ ଯିବାର କାର୍ଯ୍ୟକ୍ରମ ଥିବାରୁ ଭାବିକଙ୍କ ସ୍ତ୍ରୀ ଏହି ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।

# ସ୍ତ୍ରୀଙ୍କ ଅସ୍ଥି ବିସର୍ଜନ ପାଇଁ ଆସି ପ୍ରାଣ ହରାଇଲେ

## ମାସକ ଭିତରେ ମା’ବାପାଙ୍କୁ ହରାଇଲେ ୨ ଝିଅ


ସ୍ତ୍ରୀ ଭାରତୀ ବେନ୍‌ଙ୍କ ସହ ଅର୍ଜୁନ ମନୁଭାଇ ପଟୋଲିଆ।(ଫାଇଲ୍ ଫଟୋ)

ଅହମଦାବାଦ, ୧୩।୬

ଗୁଜରାଟର ଅହମଦାବାଦ୍‌ରେ ଗୁରୁବାର ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନର ଦୁର୍ଘଟଣାରେ ବିମାନରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣାରେ ଲଣ୍ଡନ ନିବାସୀ ଭାରତୀୟ ବଂଶୋଦ୍ଭବ ଅର୍ଜୁନ ମନୁଭାଇ ପଟୋଲିଆ(୩୬) ମଧ୍ୟ ପ୍ରାଣ ହରାଇଛନ୍ତି। ସେ ତାଙ୍କ ସ୍ତ୍ରୀ ଭାରତୀବେନ୍ ଏବଂ ୪ ଓ ୮ ବର୍ଷର ୨ ଝିଅଙ୍କ ସହ ଲଣ୍ଡନରେ ବସବାସ କରୁଥିଲେ। କିଛି ସପ୍ତାହ ତଳେ ଲଣ୍ଡନରେ ଭାରତୀବେନ୍‌ଙ୍କର ମୃତ୍ୟୁ ହୋଇଥିଲା। ତେବେ ମୃତ୍ୟୁ ପୂର୍ବରୁ ଗୁଜରାଟରେ ନିଜ ପୈତୃକ ଗ୍ରାମରେ ତାଙ୍କ ଅସ୍ଥି ବିସର୍ଜନ କରିବା ପାଇଁ ସେ ସ୍ୱାମୀ ଅର୍ଜୁନଙ୍କୁ ଅନୁରୋଧ କରିଥିଲେ। ସ୍ତ୍ରୀଙ୍କ ଇଚ୍ଛା ପୂରଣ ପାଇଁ ଅର୍ଜୁନ ଗତ ସପ୍ତାହରେ ଗୁଜରାଟର ଅମରେଲି ଜିଲାରେ ଥିବା ଭାରତୀବେନ୍‌ଙ୍କ ପୈତୃକ ଗ୍ରାମ ଭାଡିଆକୁ ଆସି ତାଙ୍କ ଅସ୍ଥିକୁ ନର୍ମଦା ନଦୀରେ ବିସର୍ଜନ କରିଥିଲେ। ସପ୍ତାହେ ଧରି ଭାରତରେ ରହିବା ପରେ ସେ ଲଣ୍ଡନରେ ଥିବା ନିଜ ୨ ଝିଅଙ୍କ ନିକଟକୁ ଫେରିଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗୁରୁବାର ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି। ଅର୍ଜୁନଙ୍କ ମୃତ୍ୟୁରେ ପୂରା ପରିବାର ସ୍ତବ୍ଧ ହୋଇଯାଇଥିବା ନେଇ ତାଙ୍କ ପୁତୁରା କ୍ରିଶ୍ ଜଗଦିଶ ପଟୋଲିଆ କହିଛନ୍ତି। ମାସକ ମଧ୍ୟରେ ଅର୍ଜୁନଙ୍କ ୨ ଝିଅ ନିଜ ମା’ବାପା ଉଭୟଙ୍କୁ ହରାଇଛନ୍ତି। ଏବେ ସେମାନଙ୍କୁ ନେଇ ପରିବାର ଲୋକେ ଚିନ୍ତାରେ ଥିବା କ୍ରିଶ୍ କହିଛନ୍ତି।

DSPL - 116



ବିଶ୍ୱ ରକ୍ତଦାତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଜୁନ ୧୪ ତାରିଖରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ଅନୁଚିନ୍ତା ହେଉଛି ରକ୍ତଦାନ କରିବା, ନୂଆ ଆଶା ଭରିବା, ସମ୍ମିଳିତ ପ୍ରୟାସରେ ପ୍ରାଣରକ୍ଷା କରିବା ।
ରକ୍ତଦାନ ଏକ ମହତ ଦାନ । ରକ୍ତର କୌଣସି ବିକଳ୍ପ ନାହିଁ । ଏହା କେବଳ ଜଣେ ସ୍ୱେଚ୍ଛାକୃତ ରକ୍ତଦାତାଠାରୁ ମିଳିଥାଏ, ଯାହା ଆଉ ଜଣଙ୍କର ମୂଲ୍ୟବାନ ଜୀବନ ରକ୍ଷା କରିପାରିଥାଏ ।

ଆସନ୍ତୁ, ରକ୍ତଦାନ କରି ସୁସ୍ଥ ସମାଜ ଗଠନରେ ସହାୟକ ହେବା । ରକ୍ତର ଅଭାବ ପାଇଁ ଅକାଳରେ ଝରି ପଡୁଥିବା ବହୁମୂଲ୍ୟ ଜୀବନ ରକ୍ଷା କରିବା । ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର କୃତଜ୍ଞତା ଜଣାଉଛି ।

ଆସନ୍ତୁ, ଆଜିର ଦିନରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ରକ୍ତର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶପଥ ନେବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବାର୍ତ୍ତା

ଜୁନ ୧୪ ବିଶ୍ୱ ରକ୍ତଦାତା ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଚଳିତ ବର୍ଷର ଅନୁଚିନ୍ତା ରକ୍ତଦାନ କରିବା, ନୂଆ ଆଶା ଭରିବା, ସମ୍ମିଳିତ ପ୍ରୟାସରେ ପ୍ରାଣରକ୍ଷା କରିବା ।

ଆମ ରାଜ୍ୟରେ ବର୍ଷକୁ ହାରାହାରି ୫ ଲକ୍ଷ ୟୁନିଟ ରକ୍ତର ଆବଶ୍ୟକତା ପଡ଼ିଥାଏ । ଏହି ଆବଶ୍ୟକତା ପୂରଣ କରିବା ପାଇଁ ଆମେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ପାଇଁ ଆଗେଇ ଆସିବା ଉଚିତ । ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅନ୍ୟର ବହୁମୂଲ୍ୟ ଜୀବନ ବଞ୍ଚାଇବାର ସହାୟକ ହେବା ।

ରକ୍ତଦାନ ଜୀବନ ଦାନ-ଆସନ୍ତୁ ଆଜିର ଦିବସରେ ଆମେ ଶପଥ ନେବା ରାଜ୍ୟରେ ରକ୍ତଦାନର ଆବଶ୍ୟକତାକୁ ଅନୁଭବ କରି ନିୟମିତ ଭାବେ ରକ୍ତଦାନ କରିବା ସହିତ ସାଙ୍ଗ, ସାଥି, ବନ୍ଧୁବାନ୍ଧବ, ସହକର୍ମୀ ତଥା ଜନସାଧାରଣଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ପାଇଁ ସଚେତନ କରିବା ।

(ଡଃ. ମୁକେଶ ମହାଲିଙ୍ଗ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ବୈଦ୍ୟୁତିକ ଅଣୁ ବିଜ୍ଞାନ ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ


OIPR-10234/13/0002/2526


# ଇରାନରେ ଇସ୍ରାଏଲ୍‌ର ଆକ୍ରମଣ

## ଆଣବିକ, ମିଶାଇଲ ସ୍ଥଳକୁ ଟାର୍ଗେଟ

## ସେନା ମୁଖ୍ୟ, ୨ ବୈଜ୍ଞାନିକ ସମେତ ଶୀର୍ଷ କମାଣ୍ଡର ନିହତ

**ଇରାନର ପରମାଣୁ ଧମକ ବିରୋଧରେ ଇସ୍ରାଏଲ ଶୁକ୍ରବାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଅପରେଶନ 'ରାଇଜିଂ ଲାୟନ' ଦ୍ୱାରା ଇରାନର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ ଆକ୍ରମଣ କରିଛି। ଏହି ଆକ୍ରମଣରେ ପରମାଣୁ କେନ୍ଦ୍ରର ବିକିରଣ ସ୍ତର ବୃଦ୍ଧି ପାଇ ନ ଥିବାବେଳେ ଇରାନର ସେନା ମୁଖ୍ୟ ଓସେଇନି ସଲାମିଙ୍କ ସମେତ ୩ ଶୀର୍ଷ ସେନା ଅଧିକାରୀ ଏବଂ ୨ ଆଣବିକ ବୈଜ୍ଞାନିକ ପ୍ରାଣ ହରାଇଥିବା କୁହାଯାଇଛି। ଅପରପକ୍ଷରେ ଇସ୍ରାଏଲ ଆକ୍ରମଣର ଜବାବରେ ତେହେରାନ ପକ୍ଷରୁ ୧୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍ ମାଡ଼ କରାଯାଇଛି। ମଧ୍ୟପ୍ରାଚ୍ୟର ଏହି ଦୁଇ ରାଷ୍ଟ୍ର ମଧ୍ୟରେ ଯୁଦ୍ଧ ସ୍ଥିତି ଲାଗି ରହିଲେ ଏହା ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି କରିଛି। ବିଶେଷକରି ଅନ୍ତର୍ଜାତୀୟ ବଜାରରେ ତୈଳ ସଙ୍କଟ ସୃଷ୍ଟି ହେବା ଆଶଙ୍କା କରାଯାଉଛି।**


ହୋସେଇନ୍ ସଲାମି


ମହମ୍ମଦ ବଘେରି

**ତେହେରାନ/ତେଲ୍ ଆଭିଭ୍, ୧୩।୬**

ଇସ୍ରାଏଲୀ ସେନା ଶୁକ୍ରବାର ଇରାନ ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ପ୍ରଚଣ୍ଡ ଆକ୍ରମଣ କରିଛି। ଇରାନର ଆଣବିକ କାର୍ଯ୍ୟକ୍ରମକୁ ଟାର୍ଗେଟ କରାଯାଇ ଏହି ଆକ୍ରମଣ ହୋଇଥିବାବେଳେ ଏଥିରେ ଇରାନ ରିଭଲ୍ୟୁଶନାରି ଗାର୍ଡସ୍‌ର ସୁପ୍ରିମ କମାଣ୍ଡର ତଥା ସେନା ମୁଖ୍ୟ ହୋସେଇନ୍ ସଲାମି, ସଶସ୍ତ୍ର ବଳର ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ ମହମ୍ମଦ ବଘେରି, ବରିଷ୍ଠ ଅଧିକାରୀ ଘୋଲାମାଲି ରଶିଦ ଓ ଆଣବିକ ବୈଜ୍ଞାନିକ ଫେରେୟଦୋଉନ୍ ଅବ୍ବାସି ଏବଂ ମହମ୍ମଦ- ମହଦି ଟରାଞ୍ଚି ନିହତ ହୋଇଥିବା ଇରାନ ଟେଲିଭିଜନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଶୀର୍ଷ ସେନା ଅଫିସରଙ୍କ ମୃତ୍ୟୁ ଇରାନ ପାଇଁ ଶକ୍ତ ଝଟକା ହୋଇଛି। ଏହି ଆକ୍ରମଣ ଫଳରେ ମଧ୍ୟପ୍ରାଚ୍ୟର ଦୁଇ ବିରୋଧୀ ରାଷ୍ଟ୍ର ମଧ୍ୟରେ ଜୋର୍‌ଦାର ଯୁଦ୍ଧ ସମ୍ଭାବନା ସୃଷ୍ଟି ହୋଇଛି। ୮୦ ଦଶକରେ ଇରାକ ସହ ଯୁଦ୍ଧ ପରେ ଏହା ଇରାନ ଉପରେ ସବୁଠୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି।

ଇରାନ ଏହାର ସାମରିକ କାର୍ଯ୍ୟକ୍ରମ ଦ୍ରୁତବେଗରେ ଆଗେଇ ନେଉଥିବାରୁ ଏହାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଇସ୍ରାଏଲ ଏହାର ନାଟାଞ୍ଜସ୍ଥିତ ମୁଖ୍ୟ ଆଣବିକ ସ୍ଥଳ ସମେତ ଅନେକ ସ୍ଥାନକୁ ଟାର୍ଗେଟ କରି 'ଅପରେଶନ ରାଇଜିଂ ଲାୟନ' ଆରମ୍ଭ କରିଛି। ପଶ୍ଚିମ ଇରାନରେ ଥିବା କେତେକ ରାଡାର କେନ୍ଦ୍ର ଓ ସ୍ଥଳରୁ ଆକାଶକୁ ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ମିଶାଇଲ୍ ଲଞ୍ଚରଗୁଡ଼ିକୁ ଧ୍ୱଂସ କରିଥିବା ଇସ୍ରାଏଲ୍ କହିଛି। ଆକ୍ରମଣର ଦୃଢ଼ ଜବାବ ଦିଆଯିବ ବୋଲି ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ଚେତାବନୀ ଦେଇଥିବାରୁ ପ୍ରତିଶୋଧ ଜୋର୍‌ଦାର ହେବା ଆଶଙ୍କା କରାଯାଉଛି। ଇସ୍ରାଏଲ୍ ଆକ୍ରମଣର ପ୍ରାରମ୍ଭିକ ଜବାବରେ ଇରାନ ଶତାଧିକ ଡ୍ରୋନ୍ ଆକ୍ରମଣ କରିଥିବାବେଳେ ସେଗୁଡ଼ିକୁ ପ୍ରତିହତ କରାଯାଇଥିବା ଜେରୁଜେଲମ୍ ପକ୍ଷରୁ କୁହାଯାଇଛି। ଇରାନର ୧୦୦ଟି ସ୍ଥାନକୁ ଟାର୍ଗେଟ କରି ଇସ୍ରାଏଲ୍ ପ୍ରାୟ ୨୦୦ ଯୁଦ୍ଧବିମାନରେ ଆକ୍ରମଣ କରିଥିଲା ବୋଲି ଏହାର ସାମରିକ ବାହିନୀ କହିଛି। ଇସ୍ରାଏଲ୍ ପୂର୍ବରୁ ଗୁପ୍ତରେ ଅସ୍ତ୍ରଶସ୍ତ୍ର ଆଣି କେନ୍ଦ୍ରୀୟ ଇରାନରେ ରଖିଥିଲା, ଯାହା ଇରାନର ଏୟାର ଡିଫେନ୍ସକୁ ଆକ୍ରମଣରେ ବ୍ୟବହାର କରାଯାଇଥିଲା।

ଇରାନର ଆଣବିକ ସମୃଦ୍ଧ କାର୍ଯ୍ୟକ୍ରମକୁ ନେଇ ଚୁକ୍ତିନାମା ନିମନ୍ତେ ଆମେରିକା ସହ ବୁଝାମଣା ଚାଲିଥିବାବେଳେ ଇସ୍ରାଏଲ୍‌କୁ ଆକ୍ରମଣ ନ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସତର୍କ କରାଇଥିଲେ। ଆକ୍ରମଣରେ ଆମେରିକା ସମ୍ପୃକ୍ତ ହେବାକୁ ନ ଥିବାରୁ ଏହାର ସ୍ୱାର୍ଥ କିମ୍ବା ବ୍ୟକ୍ତିବିଶେଷଙ୍କ ଉପରେ କୌଣସି ଜବାବୀ ଟାର୍ଗେଟ ନ କରିବାକୁ ଟ୍ରମ୍ପ୍ ଚେତାବନୀ ଦେଇଥିଲେ। ଇସ୍ରାଏଲ୍‌ର ଆକ୍ରମଣ ପରେ ଶୁକ୍ରବାର ଟ୍ରମ୍ପ୍ ଇରାନକୁ ଚୁକ୍ତି ସ୍ୱାକ୍ଷର କରିବାକୁ ପୁଣିଥରେ ଚାପ ପକାଇଛନ୍ତି। ଚୁକ୍ତି ସ୍ୱାକ୍ଷର ନ କଲେ ଅଧିକ ନରସଂହାର ଓ ଧ୍ୱଂସଲୀଳା ଚାଲିବ ବୋଲି ସେ ଚେତାବନୀ ଦେଇଛନ୍ତି। ଇରାନ ଏହାର ସାମ୍ରାଜ୍ୟକୁ ରକ୍ଷା କରିବାକୁ ଚାହୁଁଥିଲେ ତୁରନ୍ତ ଚୁକ୍ତି ସ୍ୱାକ୍ଷର କରିବାକୁ ହେବ। ତାହେଲେ ଆଉ ଅଧିକ ମୃତ୍ୟୁ କି ଧ୍ୱଂସ ଘଟିବ ନାହିଁ ବୋଲି ଟ୍ରମ୍ପ୍ ତାଙ୍କ ସୋସିଆଲ ମିଡିଆ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ଇରାନର ଆଣବିକ କେନ୍ଦ୍ର ଏବଂ ବରିଷ୍ଠ କମାଣ୍ଡରମାନଙ୍କୁ ଟାର୍ଗେଟ କରି ହୋଇଥିବା ଆକ୍ରମଣ ସଫଳ ହୋଇଛି ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି। ଇରାନର ଆଣବିକ, ମିଶାଇଲ ଏବଂ ସାମରିକ କମ୍ପ୍ଲେକ୍ସ ଉପରେ ଆକ୍ରମଣ କରାଯିବା ସହ ପ୍ରମୁଖ କମାଣ୍ଡର ଓ ଆଣବିକ ବୈଜ୍ଞାନିକ ନିହତ ହୋଇଛନ୍ତି। ଆମର ପ୍ରାରମ୍ଭିକ ଆକ୍ରମଣ ଯଥେଷ୍ଟ ସଫଳ ହୋଇଛି। ଭଗବାନଙ୍କ ସହାୟତାରେ ଆମେ ଆହୁରି ବଡ଼ ସଫଳତା ପାଇବାକୁ ଯାଉଛୁ ବୋଲି ନେତାନ୍ୟାହୁ କହିଛନ୍ତି।

ଇରାନ ପ୍ରତିଆକ୍ରମଣ କରିବା ସମ୍ଭାବନା ଥିବାରୁ ଇସ୍ରାଏଲ୍‌ରେ ଥବା ଭାରତୀୟମାନଙ୍କୁ ସତର୍କ ରହିବାକୁ ଏବଂ ଅଯଥା ଭ୍ରମଣ ନ କରିବାକୁ ଦୂତାବାସ ପକ୍ଷରୁ ସତର୍କ କରାଯାଇଛି। ଉତ୍ତେଜନା ସ୍ଥିତି ଲାଗିରହିଥିବାରୁ ଭାରତୀୟମାନେ ସେଠାରେ ସତର୍କ ରହିବା ସହ ସୁରକ୍ଷା ପ୍ରୋଟୋକଲ୍ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

**ଆଜିର ସମ୍ପାଦକୀୟ**

**ଲୋହାନିଙ୍କୁ ଦାୟିତ୍ୱ**






# ବିମାନ ଦୁର୍ଘଟଣାର ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ

**ନୂଆଦିଲ୍ଲୀ, ୧୩।୬**

ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୪୧ ଜଣ ଯାତ୍ରୀ ଓ କ୍ରିଉ ସଦସ୍ୟଙ୍କ ମୃତ୍ୟୁ ଘଟିଥିବାବେଳେ ଏକାଧିକ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏହାର ତଦନ୍ତ କରିବାକୁ ଯାଉଛନ୍ତି। ଶୁକ୍ରବାର ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ଏବଂ ଅନ୍ୟ କେନ୍ଦ୍ରୀୟ ସଂସ୍ଥାର ଅଧିକାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନରେ ୨୩୦ ଯାତ୍ରୀ ଓ ୧୨ କ୍ରିଉ ସଦସ୍ୟ ଥିଲେ। ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗୁରୁବାର ଅପରାହ୍ଣରେ ଏହା ଉଡ଼ାଣ ଆରମ୍ଭ କରିବାର କିଛି ମୁହୂର୍ତ୍ତ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ମେଡିକାଲ କଲେଜ ହଷ୍ଟେଲ ବିଲ୍ଡିଂକୁ ଧକ୍କା ଦେଇଥିଲା। ବିମାନର ଏକମାତ୍ର ଯାତ୍ରୀ ଜୀବିତ ଥିବାବେଳେ ଅନ୍ୟ ୨୪୧ ଜଣଙ୍କ ମୃତ୍ୟୁ ଘଟିଥିବା ଏୟାର ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ଏହା ବ୍ୟତୀତ କେନ୍ଦ୍ର ସରକାର ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଦୁର୍ଘଟଣାର କାରଣ ସମ୍ପର୍କରେ ଅନୁଧ୍ୟାନ କରିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି। ବିମାନ ସେବାରେ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତରେ ଯେପରି ☞ପୃଷ୍ଠା-୪

# ନାରୀ ଶକ୍ତିକୁ ଶ୍ରେଷ୍ଠ ଶକ୍ତି କରିବା ଏକମାତ୍ର ଉଦ୍ଦେଶ୍ୟ: ମୁଖ୍ୟମନ୍ତ୍ରୀ



କଟକ ବାଲିଯାତ୍ରା ପଡ଼ିଆଠାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ମହିଳାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେ.ଭି. ସିଂଦେଓ ଓ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ।

**ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶ ଉଦ୍‌ଘାଟିତ**

- **ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ**
- **ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବ**

**କଟକ, ୧୩।୬(କାର୍ତ୍ତିକ ସାହୁ)**

ନାରୀଙ୍କୁ ସମ୍ମାନ ଦେବା ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା। ଓଡ଼ିଶାର ନାରୀ ଶକ୍ତିକୁ ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢ଼ିତୋଳିବା ସରକାରଙ୍କ ଏକମାତ୍ର ଉଦ୍ଦେଶ୍ୟ ବୋଲି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ଶୁକ୍ରବାର କଟକ ବାଲିଯାତ୍ରା ପଡ଼ିଆଠାରେ ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂରଣ ପରେ ଦ୍ୱିତୀୟ ବର୍ଷର ପ୍ରଥମ କାର୍ଯ୍ୟକ୍ରମ ହେଉଛି ନାରୀ ଶକ୍ତି ସମାବେଶ। ଐତିହାସିକ ସହର କଟକଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଓଡ଼ିଶାର ମା' ଓ ଭଉଣୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ମୁଁ ଦୃଢ଼ ନିଶ୍ଚିତ। ନାରୀମାନଙ୍କ ସଶକ୍ତୀକରଣ ପାଇଁ ଆମର ସବୁଠୁ ଯୁଗାନ୍ତକାରୀ ଯୋଜନା ହେଉଛି ସୁଭଦ୍ରା ଯୋଜନା। ସୁଭଦ୍ରା ଯୋଜନା ଓଡ଼ିଶା ଇତିହାସରେ ସବୁଠାରୁ ବଡ଼ ମହିଳା କଲ୍ୟାଣ କାର୍ଯ୍ୟକ୍ରମ। ଏତେ ବୃହତ ସାମାଜିକ କଲ୍ୟାଣକାରୀ ଯୋଜନା ପୂର୍ବରୁ କରାଯାଇ ନ ଥିଲା। ଆମ ସରକାର ଓଡ଼ିଶାର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପରିବାର ସହିତ ସଂଯୋଗ କରି ତଥ୍ୟ ସଂଗ୍ରହ କରିଛି। ବିଶେଷ କରି ମା'ମାନେ ଏତେ ସଚେତନ ନ ଥିବା ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ତଥ୍ୟ ଅଣାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡ଼ାଯାଇଛି। ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅନେକ ମା' ସୁଭଦ୍ରା ସହାୟତାକୁ ଏକାଠି କରି ବିଭିନ୍ନ ପ୍ରକାର ଅର୍ଥନୈତିକ କାରବାର, ମିଳିତ କୃଷି କାର୍ଯ୍ୟ କରି ନିଜ ପରିବାର ପାଇଁ ଭଲ ରୋଜଗାର କରୁଛନ୍ତି। ସୁଭଦ୍ରା ସହାୟତା ହେଉଛି ମା'ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାର ଏକ ଲମ୍ବା ଯାତ୍ରା। ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଜୀ 'ଲକ୍ଷପତି ଦିଦି' ଯୋଜନାର ପରିକଳ୍ପନା କରିଥିଲେ। ଏହା ଆମ ରାଜ୍ୟ ପାଇଁ, ବିଶେଷ ଭାବେ ଆମ ରାଜ୍ୟର ମା'ମାନଙ୍କ ଲାଗି ଖୁସିର ବିଷୟ ଯେ ଓଡ଼ିଶା ବର୍ତ୍ତମାନ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସମଗ୍ର ଭାରତରେ ପ୍ରଥମ ସ୍ଥାନରେ ଅଛି। ଆମେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିଛୁ।

ମୁଖ୍ୟମନ୍ତ୍ରୀ କହିଥିଲେ, ଚଳିତବର୍ଷ ରାଜ୍ୟର ସମସ୍ତ ସରକାରୀ ବିଭାଗ ମିଳିତ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩,୬୯୫ କୋଟି ଟଙ୍କାର ବ୍ୟବସାୟିକ ସୁଯୋଗ ପ୍ରଦାନ କରିଛନ୍ତି। ୩.୦୭ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଇ ସେମାନଙ୍କ ଆର୍ଥିକ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛୁ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ମାଧ୍ୟମରେ ମହିଳା ଓ ପିଲାମାନଙ୍କ ସୁସ୍ଥ ଭବିଷ୍ୟତ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାର ☞ପୃଷ୍ଠା-୪

# ହାତୀ ଆକ୍ରମଣରେ ୪ ମୃତ

**କେନ୍ଦୁଝର/ ବଡ଼ବିଲ/ ଯୋଡ଼ା, ୧୩।୬ (ନରେଶ ଚନ୍ଦ୍ର ପଟ୍ଟନାୟକ /ଦେବପ୍ରିୟ ରଣା/ ମାନସ ରଞ୍ଜନ ମହାନ୍ତି)**

**ବନ କର୍ମଚାରୀଙ୍କୁ ଗ୍ରାମବାସୀଙ୍କ ଆକ୍ରମଣ, ଉଦ୍ଧାର କଲା ପୋଲିସ**

କେନ୍ଦୁଝର ବନଖଣ୍ଡ ଅଧୀନ ବଡ଼ବିଲ, ଜଂଘିରା ଓ ଚମ୍ପୁଆ ରେଞ୍ଜରେ ହାତୀ ଆକ୍ରମଣରେ ଦମ୍ପତିଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଜଂଘିରା ସେକ୍ସନ ଅଧୀନସ୍ଥ ବାଡୁଣିଧଡ଼ାର ରଞ୍ଜିତ ମୁଣ୍ଡା (୬୯), ବଡ଼ବିଲ ରେଞ୍ଜ୍ କେନ୍ଦୁଡ଼ିହି ଗ୍ରାମର ରିନା ମୁଣ୍ଡା(୪୦), ସନ୍ତୋଷ ମୁଣ୍ଡା (୪୫) ଓ ଚମ୍ପୁଆ ରେଞ୍ଜର ମୃତକଙ୍କ ପରିଚୟ ମିଳିପାରିନାହିଁ। ବଡ଼ବିଲ ଅଞ୍ଚଳରେ ବାରମ୍ବାର ହାତୀ ଆକ୍ରମଣ ଜନିତ ମୃତ୍ୟୁ ବଢୁଥିବାରୁ ଉତ୍ୟକ୍ତ ଲୋକେ ବନ କର୍ମଚାରୀଙ୍କୁ ଆକ୍ରମଣ କରି ମୃତଦେହ ଛାଡ଼ି ନ ଥିବା ଜଣାପଡ଼ିଛି।

ସୂଚନା ମୁତାବକ, ସଦର ରେଞ୍ଜ ଅନ୍ତର୍ଗତ ଜଂଘିରା ସେକ୍ସନ ଅଧୀନ ବୁଢ଼ାଖମଣ ଗ୍ରାମ ନିକଟରେ ରଞ୍ଜିତ ପୂର୍ବାହ୍ନ ୧୦ଟା ୩୦ରେ ଅନ୍ୟ ଗ୍ରାମବାସୀଙ୍କ ସହିତ ହାତୀପଲ ଘଉଡ଼ାଇବାକୁ ଯାଇଥିଲେ। ଏହି ସମୟରେ ସେ ଗୋଟିଏ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ☞ପୃଷ୍ଠା-୪

# ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୧୨ ଟଙ୍କାରୁ ବଢ଼ି ୬୨୩ ଟଙ୍କା ହେଲା

**ଭୁବନେଶ୍ୱର, ୧୩।୬(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରକ୍ଷୀମାନଙ୍କ ଡ୍ୟୁଟି କଲ୍-ଅପ୍ ଭତ୍ତା ବୃଦ୍ଧି କରିବା ପାଇଁ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ଦୈନିକ ଡ୍ୟୁଟି କଲ୍-ଅପ୍ ଭତ୍ତା ୬୧୨ ଟଙ୍କାରୁ ୬୨୩ ଟଙ୍କାକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ଜାନୁଆରୀ ପହିଲାରୁ ଲାଗୁହେବ। ସୂଚନାଯୋଗ୍ୟ, ଗୃହରକ୍ଷୀମାନେ ସେମାନଙ୍କ ଦୈନିକ ଭତ୍ତା ୯୦୦ ଟଙ୍କା ଲେଖା କରିବା ପାଇଁ ଦାବି କରିଥିଲେ। ଏହାକୁ ନେଇ ଗୃହରକ୍ଷୀମାନଙ୍କ ମାମଲା କୋର୍ଟରେ ମଧ୍ୟ ପହଞ୍ଚିଥିଲା। କୋର୍ଟ ମଧ୍ୟ ଏହାକୁ ବୃଦ୍ଧି କରିବା ଲାଗି ଗତ ସରକାର ସମୟରେ ନିର୍ଦ୍ଦେଶ ଦେଇଥିଲା।



**ଆଜିର ମନ୍ତବ୍ୟ**

ବିଶ୍ୱର ସର୍ବବୃହତ୍ ଇନ୍ଧନ ଯୋଗାଣକାରୀ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲେ ମଧ୍ୟ ଚିନ୍ତା କରିବାର ଆବଶ୍ୟକ ନାହିଁ। ଭାରତ ପାଖରେ ପର୍ଯ୍ୟାପ୍ତ ଇନ୍ଧନ ରହିଛି।
–ହରଦୀପ୍ ସିଂ ପୁରୀ, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ମଶାଲ ପରିବାର ପକ୍ଷରୁ ୨୫ତମ ରାଜ୍ୟସ୍ତରୀୟ ରଜ ମହୋତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ସଂଭାବନା ପକ୍ଷରୁ ରଜ ମଉଜ, ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୭ଟା ୩୦।
- ରଜ ମହୋତ୍ସବ ଅବସରରେ ଚଇତାଳି ଘୋଡ଼ାନାଚ ପରିବେଷଣ, ସ୍ଥାନ: ମା' ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ପାଳନ, ସ୍ଥାନ: ପାଣ୍ଡରା ଛକ ନିକଟ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କଟକ
- ୱାଇଏମ୍‌ସିଏ ପକ୍ଷରୁ ରଜ ଉତ୍ସବ ଅବସରରେ ବିବିଧ ପ୍ରତିଯୋଗିତା, ସ୍ଥାନ: ୱାଇଏମ୍‌ସିଏ ପରିସର, ପୁରୁଣା ସଚିବାଳୟ ମାର୍ଗ, ସମୟ: ସକାଳ ୮ଟା।
- ଅଭିପ୍‌ସା ପକ୍ଷରୁ ରଜ ଉତ୍ସବ, ସ୍ଥାନ: ଗନ୍ଧେ ଭବନ, ବାଖରାବାଦ, ସମୟ: ଅପରାହ୍ନ ୫ଟା।
- ସୁର ମନ୍ଦିର ପକ୍ଷରୁ ୨୭ତମ ରଜ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ସାରସ୍ୱତ ସାଧକ ତଥା ରାଜନୀତିଜ୍ଞ ଅନ୍ନଦା ପ୍ରସାଦ ରାୟଙ୍କ ସ୍ମୃତିସଭା, ସ୍ଥାନ: ରାମକୃଷ୍ଣ କୁଟୀର, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ସ୍ୱେଚ୍ଛାକୃତ ରକ୍ତଦାତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ବିକାଶ ମେଳା ତୃତୀୟ ଦିବସ, ସ୍ଥାନ: ହାବେଳି ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ବିଶ୍ୱ ରକ୍ତଦାତା ଦିବସ ପାଳନ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଶିକ୍ଷକ ଭବନ, ଜାନୁଗଞ୍ଜ ଗୋଲେଇ, ରେମୁଣା,ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ବିକାଶ ମେଳାର ତୃତୀୟ ଦିବସ,ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ରଜ ମହୋତ୍ସବ–୨୦୨୫ ଉଦ୍‌ଘାଟନ, ସ୍ଥାନ: ବେତାଳିଗାଁ ବାପୁଜୀ ହାଇସ୍କୁଲ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।

- ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ, ସ୍ଥାନ: ନିମାପଡ଼ା କପାଳୀକ୍ଷେତ୍ର, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଶାରୀ ବଣ୍ଟନ, ସ୍ଥାନ: ସମୂହ ପ୍ରାଥମିକ ବିଦ୍ୟାଳୟ ପରିସର, ଉଦଳା ଏନ୍‌ଏସି, ସମୟ: ସକାଳ ୯ଟା
- ବିଶ୍ୱ ରକ୍ତଦାନ ଦିବସ ପାଳନ, ସ୍ଥାନ: ଉଦଳା ଉପଖଣ୍ଡ ଡାକ୍ତରଖାନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଟି–୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ରେଡକ୍ରସ ଦୃଷ୍ଟିହୀନ ବିଦ୍ୟାଳୟ ପକ୍ଷରୁ ରଜୋତ୍ସବ, ସ୍ଥାନ: ଆମ୍ବପୁଆ,ସମୟ: ସକାଳ ୮ଟା ୩୦।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା,ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ବାଣିଜ୍ୟିକ ମେଳା,ସ୍ଥାନ: ୟୁସିପି ଇଂଜିନିୟରିଂ ସ୍କୁଲ ଖେଳପଡିଆ,ସମୟ: ଅପରାହ୍ନ ୨ଟା ୩୦।
- ଦେବରାଜ ସାହିତ୍ୟ ଅନୁଷ୍ଠାନ ଓ ଲେଖିକା ସାହିତ୍ୟ ସଂସଦ ପକ୍ଷରୁ ମାସିକ କବିତା ଆସର,ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ଅପରାହ୍ନ ୪ଟା।
- ପଞ୍ଚମ ବେଦ ଉତ୍ସବ,ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ଅପରାହ୍ନ ୫ଟା।

## କନ୍ଧମାଳ
- ବିଶ୍ୱ ରକ୍ତଦାତା ଦିବସ ପାଳନ, ସ୍ଥାନ: ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ଚକ୍ଷୁ ବିଭାଗ ପରିସର,ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି
- ବିକଶିତ ଜିଲା ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ କାର୍ମଶାଳା, ସ୍ଥାନ: ଗ୍ରାମଣୀ ଆମ୍ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର, ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ
- ବିପର୍ଯ୍ୟୟ ପରିଚାଳନା ସାମଗ୍ରୀ ପ୍ରଦର୍ଶନ, ସ୍ଥାନ: ଜିଲା ଅଗ୍ନିଶମ ସେବା କେନ୍ଦ୍ର, ସମୟ: ସକାଳ ୮ଟା ୪୫।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ରଜ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ ସମୟ: ସକାଳ ୮ ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ସଚେତନତା ରଥ ଭ୍ରମଣ କାର୍ଯ୍ୟକ୍ରମ, ସ୍ଥାନ: ହରିବୋଲିଆ ମଠ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ହୋଟେଲ ଏମ୍ପାୟର୍ସ ପକ୍ଷରୁ ରଜ ମହୋତ୍ସବ ଉପଲକ୍ଷେ ସ୍ୱତନ୍ତ୍ର ପିଠା ମିଠା ସମାରୋହ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ପରିସର, କଲେଜ ରୋଡ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଇସ୍କନ ରାଜନଗର ପକ୍ଷରୁ ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣ ସାହି, ଗଜରାଜପୁର, ରାଜନଗର, ସମୟ: ସକାଳ ୯ଟା।
- ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଠାକୁରହାଟ, ଡେରାବିଶ, ସମୟ: ସକାଳ ୯ଟା।
- ରଜ ମହୋତ୍ସବ, ସ୍ଥାନ: ବଗଡ଼ା, କେନ୍ଦ୍ରାପଡ଼ା ସମୟ: ଅପରାହ୍ନ ୩ଟା।
- ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ମାଉସୀ ମା' ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ଯାଜପୁର
- ମା' ମଙ୍ଗଳା ଷ୍ଟାର୍ କ୍ଲବ ପକ୍ଷରୁ ରଜ ମହୋତ୍ସବ ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: କଦମପାଳ ହାଇସ୍କୁଲ ପାଖ ଦୋଳି ପଡ଼ିଆ, ସମୟ: ସକାଳ ୮ଟା।
- ଗୁରୁଚରଣ ସ୍ମାରକୀ ଆଞ୍ଚଳିକ ରଜ ମହୋତ୍ସବ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କଦମପାଳ ସ୍ମୃତିପୀଠ ପଡ଼ିଆ, ସମୟ: ସକାଳ ୯ଟା।
- ୭୦ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ:ରସୁଲପୁର ବ୍ଲକ ଖଣ୍ଡିତର କବାଡି ଷ୍ଟାଡିୟମ, ସମୟ: ସକାଳ ୯ଟା।

## ନୟାଗଡ଼
- ବିଶ୍ୱ ରକ୍ତଦାତା ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୟାଗଡ଼, ସମୟ: ସକାଳ ୮ଟା।
- ରଜ ମହୋତ୍ସବ କମିଟି ଓ ନୟାଗଡ଼ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ରଜ ମହୋତ୍ସବ, ସ୍ଥାନ: ନୟାଗଡ଼ ସହର ରାଜବଗିଚା କଲ୍ୟାଣ ମଣ୍ଡପ ସମ୍ମୁଖ ରଜ ମହୋତ୍ସବ ପଡ଼ିଆ, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞରେ ଜଳଯାତ୍ରା ଓ ନାମ ସଂକୀର୍ତ୍ତନ, ସ୍ଥାନ: ନୟାଗଡ଼ ବ୍ଲକ କଳାହାଣ୍ଡି ମୌଜାର ମା' ବୀରଚଣ୍ଡି ଠାକୁରାଣୀ ପୀଠ, ସମୟ: ସକାଳ ୧୦ଟା।
- ରଜ ମହୋତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ତନ୍ତିସାହି, ସମୟ: ଅପରାହ୍ନ ୩ଟା।
- ବେଣାଗାଡିଆ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ଉପ୍ରା ସ୍କୁଲ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ରଜ ମହୋତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ମନୋରଞ୍ଜନ କେନ୍ଦ୍ର, ଜେକେପୁର, ସମୟ: ଅପରାହ୍ନ ୩ଟା ।
- ସଂସ୍କୃତି ମହିଳା ଅନୁଷ୍ଠାନ ପକ୍ଷରୁ ରଜ ପାଇଁ ଖେଳ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ରାୟଗଡା, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର
- ମାଆ କେ ନାମ ଏକ ପେଡ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ତାରଗାଁ, ସମୟ: ସକାଳ ୮ଟା।
- ଅୟୁଷ୍ମାନ କାର୍ଡ ପ୍ରଦାନ, ସ୍ଥାନ: ଆଖଣ୍ଡଳମଣି ମନ୍ଦିର, ସମୟ: ସକାଳ ୮ଟା ୪୦।
- ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ୍, ସମୟ: ସକାଳ ୯ ଟା ୨୦।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: ମଣ୍ଡେଇ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ରକ୍ତଦାତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପରିସର, ସମୟ ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ବିକଶିତ ଜିଲା ଓ ବିକଶିତ ଓଡିଶା ୨୦୩୬ କର୍ମଶାଳା, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସମୟ : ଅପରାହ୍ନ ୨ଟା।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ମୋଟର ସାଇକେଲ ଶୋଭାଯାତ୍ରା, ସ୍ଥାନ: ବଡ଼ବଜାର ଶିତଳେଶ୍ୱର ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ: ଗୁଲୁଣ୍ଡା ଗ୍ରାମ, ସମୟ: ଅପରାହ୍ନ ୫ଟା ୩୦।
- ରଜ ମଉଜ କାର୍ଯ୍ୟକ୍ରମ–୨୦୨୫, ସ୍ଥାନ: ପାଣ୍ଠ ନିବାସ, ସମୟ: ଅପରାହ୍ନ ୫ଟା ୩୦ ।

## ବଲାଙ୍ଗୀର
- ଜିଲାସ୍ତରୀୟ ବିକାଶ ମେଳାର ତୃତୀୟ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ।

## ରାଉରକେଲା
- ରଜପର୍ବ ପାଳନ ସମାରୋହ, ସ୍ଥାନ: ସିଭିଲଟାଉନଶିପ୍ ଯୋଗ ପାର୍କ, ସମୟ: ସକାଳ ୯ଟା।
- ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ରଜ ପର୍ବ ପାଳନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୦ଟା।
- ସାଗରିକା ୱେଲଫେୟାର ପକ୍ଷରୁ ରଜ ଉତ୍ସବ, ସ୍ଥାନ: ସେକ୍ଟର–୧୫ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାତାଳି ସୋସିଓ ସ୍ପିରିଚୁଆଲ ପକ୍ଷରୁ ରଜପର୍ବ ପାଳନ, ସ୍ଥାନ: ସେକ୍ଟର–୨ ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ରଜପର୍ବ ପାଳନ ନେଇ ଭଞ୍ଜ ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜ ଭବନ, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ରଜପର୍ବ ପାଳନ, ସ୍ଥାନ: ମାନବ ସେବା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଦୁର୍ଗାପୁର ବସ୍ତି, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ନିଷ୍ଠା ପରିବାରର ପ୍ରତିଷ୍ଠା ଦିବସ,ସ୍ଥାନ:ନିଷ୍ଠା ଭବନ, ଖଣ୍ଡହଥା, ବରଗଡ଼,ସମୟ: ସକାଳ ୭ଟା
- ଜିଲାସ୍ତରୀୟ ବିକାଶ ମେଳା,ସ୍ଥାନ:ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼,ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ନିଷ୍ଠା, ଭବନ, ଖଣ୍ଡହଥା, ବରଗଡ଼, ସମୟ: ସକାଳ ୯ଟା।

## କଳାହାଣ୍ଡି
- ତୃତୀୟ ଦିନରେ ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେଶନର ବୈଠକ, ସ୍ଥାନ: ଭବାନୀପାଟଣା ବ୍ଲକ ରିଷିଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବିକାଶ ମେଳାର ତୃତୀୟ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ରଜ ପର୍ବ ଅବସରରେ କଣ୍ଢେଇ ବାହାଘର, ସ୍ଥାନ: ବାରକୋଟ ବ୍ଲକ, ଟସୁଲା ଗ୍ରାମ, ସମୟ: ଅପରାହ୍ନ ୨ଟା।
- ରଜ ପର୍ବ ଅବସରରେ କଣ୍ଢେଇ ବାହାଘର, ସ୍ଥାନ: ତିଲେଇବଣୀ ବ୍ଲକ, ମାଝୀପାଳି ଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା,ସ୍ଥାନ: ଡୁଙ୍ଗୁରିପାଲିସ୍ଥିତ ଆର୍‌ଏମ୍‌ସି କୃଷକ ଭବନ, ସମୟ: ସକାଳ ୯ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।
- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳା ଉପଲକ୍ଷେ କବିତା ପାଠୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୪ଟା ୩୦।
- ବିକାଶ ମେଳା ତୃତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା, ବିକାଶ ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।

# ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି

ମନୁଷ୍ୟ ଶରୀରରେ ରକ୍ତର ଅବଶ୍ୟକତା କେତେ ରହିଛି ତାହା କହିବା ଅନାବଶ୍ୟକ। ବିଶେଷଭାବରେ ଗୁରୁତର ଦୁର୍ଘଟଣାର ଶିକାର ହୋଇଥିବା କିମ୍ବା ଅପରେଶନ ସମୟ ବ୍ୟତୀତ ଆହୁରି କେତେକ ସ୍ଥଳରେ ଆକ୍ରାନ୍ତ ବ୍ୟକ୍ତି ପାଇଁ ରକ୍ତର ଆବଶ୍ୟକତା ପଡ଼ିଥାଏ। ବ୍ଲଡ ଗ୍ରୁପ୍ ଅନୁସାରେ ଯୋଗାଡ କରାଯାଇଥିବା ରକ୍ତ ତାଙ୍କୁ ଯୋଗାଇ ଦିଆଯାଏ। ରକ୍ତଦାନ ପାଇଁ ଅନେକ ବ୍ୟକ୍ତି ସ୍ୱତଃ ଆଗେଇ ଆସିଥାଆନ୍ତି। ତେଣୁ ରକ୍ତର ମୂଲ୍ୟ କେତେ ଆମେ ତାହା ଜାଣିବା ନିହାତି ଦରକାର। ଏ ନେଇ ଜନସାଧାରଣଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁନ୍ ୧୪ରେ ପାଳିତ ହୋଇଥାଏ 'ବିଶ୍ୱ ରକ୍ତଦାତା ଦିବସ'। ଉକ୍ତ ଦିବସ ଅବସରରେ ସରକାରୀ ଏବଂ ବେସରକାରୀ ସ୍ତରରେ ଅନେକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ରକ୍ତ ଏବଂ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ସେଚେତନ କରାଯାଏ। ଚଳିତ ବର୍ଷ ଉକ୍ତ ଦିବସ ଲାଗି ବାର୍ତ୍ତା ରହିଛି–'ରକ୍ତ ଦାନ କର, ଆଶାର ସଞ୍ଚାର କର : ଆମେ ମିଳିତ ଭାବରେ ଜୀବନ ବଞ୍ଚାଇବା'। ୧୯୦୧ ମସିହାରେ ଡା. କାରଲ ଲ୍ୟାଣ୍ଡଷ୍ଟେନର ଗବେଷଣା କରି ମନୁଷ୍ୟ ଶରୀରରେ 'ଏ, ବି ଏବଂ ଓ' ରକ୍ତ ଗ୍ରୁପର ଆବିଷ୍କାର କରିଥିଲେ। ୧୯୦୨ ମସିହାରେ ଡା ଲ୍ୟାଣ୍ଡଷ୍ଟେନରଙ୍କର ଦୁଇ ଜଣ ଛାତ୍ର ଓ ଅଧସ୍ତନ ବୈଜ୍ଞାନିକ ଡା. ଷ୍ଟରଲି ଏବଂ ଡା. ଡିକାଷ୍ଟେଲୋ 'ଏବି' ନାମକ ଚତୁର୍ଥ ରକ୍ତ ଗ୍ରୁପର ଆବିଷ୍କାର କରିଥିଲେ। ଏଥିପାଇଁ ଡା. କାରଲ ଲ୍ୟାଣ୍ଡଷ୍ଟେନରଙ୍କୁ ୧୯୩୦ରେ ଭେଷଜ ବିଜ୍ଞାନ ଲାଗି ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ୧୮୬୮ ମସିହା ଜୁନ ୧୪ରେ ଅଷ୍ଟ୍ରିଆର ରାଜଧାନୀ ଭିଏନାଠାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ୧୯୪୩ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା। ଡା. ଲ୍ୟାଣ୍ଡଷ୍ଟେନରଙ୍କୁ ସବୁଦିନ ମନେ ରଖିବା ପାଇଁ ତାଙ୍କର ଜନ୍ମ ଦିନକୁ ୨୦୦୪ରୁ 'ବିଶ୍ୱ ରକ୍ତଦାତା ଦିବସ' ରୂପେ ପାଳନ କରାଯାଉଛି। ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା–ଏକଥା ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ।

**ଆଜି ବିଶ୍ୱ ରକ୍ତଦାତା ଦିବସ**





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦିନ ଯାଏ
କଥା ରହେ।**

ବେଳେବେଳେ କିଛି କଟୁ କଥା ବା ତିକ୍ତ କଥା ମନରେ ଗଭୀର ରେଖାପାତ ସୃଷ୍ଟି କରିଥାଏ। ଯେତେ ଚେଷ୍ଟା କଲେ ମଧ୍ୟ ମନରୁ ସେ ଛାପ ହଟିଯାଇପାରି ନ ଥାଏ। ଅପମାନର ସ୍ମୃତି ବହୁଦିନ ଧରି ମନରେ ଦାଗ ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦଳ କାଢ଼ିଲା କିଏ ?
କଉ ଖାଇଲା କିଏ ?**

କଷ୍ଟ ସହିବା ଲୋକର ଫଳ ପ୍ରାପ୍ତିରେ ଦାବି ନ ଥାଏ। ଅଥଚ ସୁବିଧାବାଦୀ ଲୋକ ହିଁ ଏହି ଫଳ ଅନାୟାସରେ ଭୋଗକରି ଚାଲିଥାଏ। ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ନାରୀ ଶକ୍ତିକୁ ଶ୍ରେଷ୍ଠ ଶକ୍ତି ...

ବ୍ୟବସ୍ଥା କରୁଛୁ। ମହିଳା ସଶକ୍ତୀକରଣରେ ଓଡ଼ିଶା ଦେଶର ଏକ ମଡେଲ ରାଜ୍ୟ ଭାବେ ଅନ୍ୟ ରାଜ୍ୟ ପାଇଁ ପ୍ରେରଣା ହେବ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନାରୀ ଶକ୍ତିର ଅମୃତ ଚେତନାରେ ଉଦ୍ଦୀପିତ ହୋଇ ଏକ ବିକଶିତ, ସମୃଦ୍ଧ ଏବଂ ଗର୍ବିତ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଲେ, ଆଜିର ଏହି ଉତ୍ସବ କେବଳ ସମ୍ମାନର ନୁହେଁ, ବରଂ ଓଡ଼ିଶାକୁ ଏକ ସମାନତା, ସମୃଦ୍ଧି ଓ ପ୍ରଗତିର ରାଜ୍ୟ ଭାବେ ଗଠନ କରିବାର ସଂକଳ୍ପ ଉତ୍ସବ। ପ୍ରତିଶ୍ରୁତି ଦେଉଛି, ସୁଭଦ୍ରା ସହାୟତା ଓ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟଶୈଳୀକୁ ଆହୁରି ତ୍ୱରାନ୍ୱିତ କରି ଆଗାମୀ ବର୍ଷରେ ଆମେ ପ୍ରତି ପରିବାରର ଜଣେ ଲକ୍ଷପତି ଦିଦି ଓ ପ୍ରତି ପଞ୍ଚାୟତରେ ଜଣେ କରୋଡପତି ଦିଦି ସୃଷ୍ଟି କରିବୁ ବୋଲି ପରିଡ଼ା କହିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପୋଷଣ ଅଭିଯାନରେ ତୃଣମୂଳସ୍ତରରୁ ରାଜ୍ୟସ୍ତରର ବିଭିନ୍ନ ଲିଖିତ ଓ ଫଟୋଚିତ୍ର ସମ୍ବଳିତ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରାଯାଇଥିଲା। ଏଥିସହ ମହିଳା ସଶକ୍ତୀକରଣ ବିଭାଗ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡ଼ମ୍ବା ବିଧାୟକ

ତୃତୀୟ ପୃଷ୍ଠାରୁ...

ବିଜୟ ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

## ବିମାନ ଦୁର୍ଘଟଣାର ...

ଏଭଳି ଦୁର୍ଘଟଣାକୁ ରୋକାଯାଇପାରିବ, ସେ ନେଇ କମିଟି କାର୍ଯ୍ୟ କରିବ। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ନେଇ ଆମେରିକାର ବିମାନ ଚଳାଚଳ ନିୟନ୍ତ୍ରକ ଫେଡେରାଲ ଆଭିଏଶନ ଆଡମିନିଷ୍ଟ୍ରେଶନ (ଏଫ୍‌ଏଏ) ନ୍ୟାଶନାଲ ଟ୍ରାନ୍ସପୋର୍ଟେଶନ ସେଫ୍ଟି ବୋର୍ଡ (ଏନ୍‌ଟିଏସ୍‌ବି) ସହ ଯୋଗାଯୋଗ କରିଛି। ତଦନ୍ତ ପାଇଁ ଏଫ୍‌ଏଏ ପ୍ରଯୁକ୍ତି ସହାୟତା ଯୋଗାଇଦେବ ବୋଲି କହିଛି। ଏଥିପାଇଁ ଏନ୍‌ଟିଏସ୍‌ବି ସହ ସମନ୍ୱୟ ରକ୍ଷା କରି ତୁରନ୍ତ ଏକ ଟିମ୍ ପଠାଇବାକୁ ଏଫ୍‌ଏଏ ସୂଚନା ଦେଇଛି।

## ହାତୀ ଆକ୍ରମଣରେ ...

ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସେହିପରି ବଡ଼ବିଲ ବନାଞ୍ଚଳ ତଥା ରୁଗୁଡ଼ି ଥାନା ଅନ୍ତର୍ଗତ କେନ୍ଦୁଡ଼ିହି ଗ୍ରାମର ରିନା ଓ ସନ୍ତୋଷ ଜଙ୍ଗଲକୁ ଶୁକ୍ରବାର ଅପରାହ୍ନରେ କାଠ ଆଣିବାକୁ ଯାଇଥିଲେ। ଜଙ୍ଗଲରେ ହାତୀ ଆକ୍ରମଣର ଶିକାର ହୋଇ ରିନାଙ୍କ ମୃତ୍ୟୁ ଘଟିଥିଲା। ରାଜୁ ଗୁରୁତର ଅବସ୍ଥାରେ ଜଙ୍ଗଲରେ ପଡ଼ିଥିଲେ। ଖବର ପାଇ ବଡ଼ବିଲ ବନ କର୍ମଚାରୀ ଆମ୍ବୁଲାନ୍ସ ନେଇ ପହଞ୍ଚିଥିଲେ। ମାତ୍ର ଉତ୍ୟକ୍ତ ଗ୍ରାମବାସୀ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ରାଜୁଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ କ୍ଷତିପୂରଣ ଦାବି କରି ବନ କର୍ମଚାରୀଙ୍କୁ ଅଟକ ରଖିବା ସହ ମୃତଦେହ ଛାଡ଼ି ନ ଥିଲେ। ପରେ ପୋଲିସ ପହଞ୍ଚି ବନ କର୍ମଚାରୀଙ୍କୁ ଉଦ୍ଧାର କରିଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ବନାଞ୍ଚଳ ଅଧିକାରୀ ସଞ୍ଜୀବ ରାଉତଙ୍କୁ ଫୋନ କରାଯାଇଥିବା ବେଳେ ସେ ଉଠାଇ ନ ଥିଲେ। ବଡ଼ବିଲ ସବ୍‌ଡିଭିଜନାଲ ପୋଲିସ ଅଫିସର ଦେବେନ୍ଦ୍ର କୁମାର ପିଙ୍ଗୁଆ କହିଛନ୍ତି, ଗ୍ରାମବାସୀଙ୍କ କବଳରୁ ବନ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି। ତେବେ ମୃତଦ୍ୱୟ ଦମ୍ପତି ବୋଲି କୁହାଯାଉଥିବା ବେଳେ ଠିକ୍ ଭାବେ ଜଣାପଡ଼ିନାହିଁ। ସେହିପରି ଚମ୍ପୁଆ ରେଞ୍ଜ୍ ଅନ୍ତର୍ଗତ ବାମେବାରି ସେକ୍ସନ କାଳୀମାଟିଠାରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ୨୫ରେ କାଳୀମାଟି ସରକାରୀ ଓଜନ କଣ୍ଟା ନିକଟସ୍ଥ ଜଙ୍ଗଲରେ ଜଣେ ଯୁବକଙ୍କୁ ଦନ୍ତା କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ବୋଲି କୁହାଯାଉଥିଲେ ହେଁ ପରିଚୟ ମିଳିପାରିନାହିଁ। ଖବର ଲେଖାହେଲା ବେଳକୁ ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚିଥିବା ବେଳେ ଉତ୍ୟକ୍ତ ଲୋକେ ପାଟିତୁଣ୍ଡ କରୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦ୍ୱିଜା ନକ୍ଷତ୍ର ନିକଟସ୍ଥ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭକରି ଉପକୃତ ହେବେ। ଅଟକି ରହିଥିବା କାର୍ଯ୍ୟ ତ୍ୱରାନ୍ୱିତ କରିବେ। ପାରିବାରିକ ସ୍ତରରେ ଭାବପ୍ରବଣତା ପରିହାର ନ କଲେ ଦୁଶ୍ଚିନ୍ତାକୁ ଆମନ୍ତ୍ରଣ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସାଙ୍ଗକୁ ବ୍ୟବସାୟ ଓ କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ିଚାଲିବ।

**ବୃଷ** – ରୋହିଣୀ ନକ୍ଷତ୍ରର ପଦସ୍ଥବ୍ୟକ୍ତିଙ୍କ ସହ ସମ୍ପର୍କରେ ସମସ୍ୟା ଦେଖାଦେବ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କଳହର କାରଣ ହୋଇପାରେ। ଅତୀତରୁ ରହିଆସିଥିବା ରୋଗପୀଡ଼ା, ଶତ୍ରୁତା ଓ ଧାର କରଜ ସକାଶେ ଚିନ୍ତାକୁ ବଢ଼ାଇବ। କର୍ମ କ୍ଷେତ୍ର, ଯାନବାହନ, ଦୋକାନ ବାଡି, ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରୁ ଉପକୃତ ହେବେ।

**ମିଥୁନ** – ପୁନର୍ବସୁ ନକ୍ଷତ୍ରର ଅର୍ଥଲାଭ, ସୁସ୍ଥ ମାନସିକତା, ବନ୍ଧୁସମ୍ପର୍କକୁ ଦୃଢ଼ୀଭୂତ କରିବ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। ଅଭାବ ନଥିଲେ ମଧ୍ୟ ପାରିବାରିକ କ୍ଷେତ୍ରର ସମସ୍ୟା ବିଚଳିତ କରିପାରେ। ଲକ୍ଷ୍ୟହୀନ ଯାତ୍ରାରୁ ବିରତ ରହିବା ଭଲ ହେବ।

**କର୍କଟ** – ଆଜି ଅଶ୍ଳେଷା ନକ୍ଷତ୍ରର ଦୀର୍ଘଦିନର ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। କିନ୍ତୁ ଭୋଗବିଳାସ ସାଙ୍ଗକୁ ଷ୍ଟେସନାରୀ ଜିନିଷ, ନୂତନ ବସ୍ତ୍ର ଅଳଙ୍କାରାଦି କ୍ରୟ ସକାଶେ ମନ ବଳାଇବେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିନପାରେ। ସଚେତନତା ଅଭାବରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ** – ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ସମ୍ପର୍କରେ ବ୍ୟାଘାତ ସୃଷ୍ଟି କରିବ। କୌଣସି କାମ ସକାଶେ ଆପଣଙ୍କ ଖର୍ଚ୍ଚ ପରିମାଣ ବଢ଼ିଯିବା ସାଙ୍ଗକୁ ମନରେ ଆଶଙ୍କା ଓ ଅସ୍ଥିରତା ଲାଗି ରହିପାରେ। ମଘା ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ହେତୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**କନ୍ୟା** – ଉତ୍ତରାଫାଲଗୁନୀ ନକ୍ଷତ୍ରର ପାରିବାରିକ ଜୀବନ ଓ ଲୋକସମ୍ପର୍କରେ ଶିଥିଳତା ଆଣିପାରେ। ଆଣ୍ଠୁଠାରୁ ଗୋଡ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ପ୍ରଶାସନ ଓ ପ୍ରକାଶନ, ମକଦ୍ଦମାରେ ଶୁଭଫଳ ସଙ୍ଗକୁ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜିବେ।

**ତୁଳା** – ଆଜି କାର୍ଯ୍ୟସିଦ୍ଧି, ଯାତ୍ରା, ପ୍ରତିଯୋଗିତା, ପାରିବାରିକ ଜୀବନ ପାଇଁ ଅସୁବିଧା ହେବନାହିଁ। ସ୍ୱାତୀନକ୍ଷତ୍ରର ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧାତ୍ମିକ ସଭାସମିତିରେ ପ୍ରଶଂସିତ ହେବେ। ଆଶା କରିଥିବା ବନ୍ଧୁଙ୍କ ନିକଟରୁ ଧାର ସୂତ୍ରରେ ଅର୍ଥ ପାଇ କାମ ହାସଲ କରିବେ। ଗବେଷଣା, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରିବ।

**ବିଛା** – ଆଜି ଅନୁରାଧା ନକ୍ଷତ୍ରର ଅପବ୍ୟୟ ସାଙ୍ଗକୁ ଦୂରଯାତ୍ରା ପାଇଁ ମାନସିକ ବ୍ୟଗ୍ରତା ସୃଷ୍ଟି କରିବ। ଦେଖି ଚାହିଁ ବୁଝିବିଚାରି କାମ ନ କଲେ ଅସୁବିଧା ଭୋଗିବେ। ଅଫିସ୍ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ତଥାପି ବୈଷୟିକ ସୁଖ, ସମୃଦ୍ଧି, ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ସାମୟିକ ମନ ପ୍ରଫୁଲ୍ଲ ରହିପାରେ।


**ଧନୁ** – ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆଜି କୌଣସି କାମ ସହଜରେ ସମ୍ପନ୍ନ ହେବନାହିଁ। ସମସ୍ୟା ସମାଧାନରେ ରାସ୍ତା ବାହାର କରିବାରେ ସମର୍ଥ ହେବେ। ଶାରୀରିକ ଅବସ୍ଥାରେ ଉନ୍ନତି ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ମନୋଭାବକୁ ହଠାତ୍ ପ୍ରକାଶ କଲେ ବିବାଦ ଭିତରକୁ ଠେଲି ହୋଇଯାଇପାରନ୍ତି।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଲେ ମଧ୍ୟ ସହଜ ଓ ସୁବିଧାଜନକ ସ୍ଥିତି ପାଇବେ ନାହିଁ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ହେତୁ ବ୍ୟସ୍ତ ରହିବେ। ଶ୍ରବଣା ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ନିର୍ମାଣାଧୀନ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ପଡ଼ୋଶୀଙ୍କ ସହାୟତାରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** – ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ବିବଦମାନ ସ୍ଥିତିରୁ ମୁକ୍ତି ମିଳିବ କିନ୍ତୁ ଶାନ୍ତି ଓ ସନ୍ତୋଷ ପାଇବେ ନାହିଁ। ନିର୍ମାଣାଧୀନ କାର୍ଯ୍ୟ କିମ୍ବା ନୂଆ ଯୋଜନାର ପରିକଳ୍ପନା ଉପରେ ଗୁରୁତ୍ୱ ଦେଇପାରନ୍ତି। ପ୍ରବାସୀ ବନ୍ଧୁ ନିଃସଙ୍ଗତା ବୋଧ କରିପାରନ୍ତି ଓ ଘର କଥା ମନକୁ ବାରମ୍ବାର ଆଲୋଡିତ କରିବ।

**ମୀନ** – ସମସ୍ୟା ସମାଧାନର ରାସ୍ତା ପାଉ ନ ଥିବାରୁ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ପାରିବାରିକ ସହମତିରେ କାମ କରିଚାଲିଲେ କେତେକାଂଶରେ ଉପକୃତ ହେବେ। ସଭାସମିତିରେ ସଫଳତା ହାସଲ କରିବେ ଏବଂ ଅର୍ଥସଂକଟରୁ ରକ୍ଷା ପାଇପାରିବେ। ବନ୍ଧୁଙ୍କ ମାଧ୍ୟମରେ ଅପେକ୍ଷା କରିଥିବା ଖବରଟି ପାଇବା ସମ୍ଭାବନା ରହିଛି।

ଆଜି ପହିଲି ରଜ, ଜୁନ୍ ୧୪ ତାରିଖ, ବିଶ୍ୱ ରକ୍ତଦାତା ଦିବସ, ବ୍ୟାସକବି ଫକୀରମୋହନଙ୍କ ମହାପ୍ରୟାଣ ଦିବସ, ମାସାନ୍ତ, ଆଷାଢ଼ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ, ଶନିବାର। ରାଶିନକ୍ଷତ୍ର–ଉତ୍ତରାଷାଢ଼ା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୮ ଗତେ ଘ. ୧୨।୧୩ ମଧ୍ୟେ, ଘ.୦୩।୦୪ ଗତେ ଘ.୦୩।୪୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୦୨ ଗତେ ଘ.୧୦।୦୮ ମଧ୍ୟେ ରାହୁ କାଳ।




# ବି.ଏଡ୍ ପ୍ରବେଶିକା ପରୀକ୍ଷା ଫଳ, ୨୬ରୁ ନାମଲେଖା

ଭୁବନେଶ୍ୱର,୧୩।୬(ସୁସ୍ମିତା ସାହୁ)

ଦୁଇବର୍ଷିଆ ବି.ଏଡ୍, ବି.ଏଚ୍.ଏଡ୍ ଓ ଏମ୍.ଏଡ୍‌ରେ ନାମଲେଖାଇବା ଲାଗି ପ୍ରବେଶିକା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତବର୍ଷ ଏହି ତିନି ବିଭାଗରେ ମୋଟ ୨୭୫୦ଟି ସିଟ୍ ରହିଛି। ଏଥିରେ ନାମଲେଖାଇବା ପାଇଁ ୧ଲକ୍ଷ ୨୯ ହଜାର ୭୧୨ଜଣ ଆବେଦନ କରିଥିବା ବେଳେ ୧ଲକ୍ଷ ୧୭ ହଜାର ୯୩୩ ଜଣ ପ୍ରବେଶିକା ପରୀକ୍ଷା ଦେଇଥିଲେ। ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ର ନାମ ଲେଖାଇବାକୁ ବିବେଚିତ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ଜୁନ୍ ୧୩ରୁ ୧୯ ସୁଦ୍ଧା ନିଜ ପସନ୍ଦର ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନ୍‌ଲାଇନ ମାଧ୍ୟମରେ ଚୟନ କରିପାରିବେ। ୨୫ରେ ପ୍ରଥମ ପର୍ଯ୍ୟାୟରେ ଚୟନ ଛାତ୍ରୀଛାତ୍ରଙ୍କୁ ସିଟ୍ ଆଲଟ୍‌ମେଣ୍ଟ କରାଯିବ। ଜୁନ ୨୫ରୁ ଜୁଲାଇ ୧ ମଧ୍ୟରେ ଛାତ୍ରୀଛାତ୍ର ଫ୍ରିଜ୍, ସ୍ଲାଇଡ୍ ବା ଫ୍ଲଟ ଅପ୍‌ଶନ ଦେବା ସହ ନାମଲେଖା ଫି' ଜମା କରିବେ। ଫ୍ରିଜ ଅପ୍‌ସନ ଦେଇଥିବା ଛାତ୍ରୀଛାତ୍ର ଜୁନ୍ ୨୬ରୁ ଜୁଲାଇ ୧ ମଧ୍ୟରେ ଚୟନ ହୋଇଥିବା କଲେଜରେ ନାମ ଲେଖାଇବେ। କେବଳ ଛୁଟିଦିନକୁ ଛାଡି ଅନ୍ୟଦିନଗୁଡ଼ିକରେ ନାମଲେଖା କାର୍ଯ୍ୟ ଚାଲିବ। ସେହିପରି ଜୁଲାଇ ୭ରେ ଦ୍ୱିତୀୟ ପର୍ଯ୍ୟାୟରେ ଚୟନ ଛାତ୍ରୀଛାତ୍ରଙ୍କୁ ସିଟ୍ ଆଲଟମେଣ୍ଟ କରାଯିବ। ଜୁଲାଇ ୭ରୁ ୧୧ ମଧ୍ୟରେ ଛାତ୍ରୀଛାତ୍ର ଫ୍ରିଜ୍, ସ୍ଲାଇଡ୍ ବା ଫ୍ଲଟ୍ ଅପ୍‌ସନ ଦେବା ସହ ନାମଲେଖା ଫି' ଜମା କରିବେ। ଜୁଲାଇ ୮ରୁ ୧୧ ସୁଦ୍ଧା ଏହ ଛାତ୍ରୀଛାତ୍ରମାନେ ଚୟନ ହୋଇଥିବା କଲେଜରେ ନାମ ଲେଖାଇବେ। ଜୁଲାଇ ୧୭ରେ ତୃତୀୟ ପର୍ଯ୍ୟାୟରେ ଚୟନ ଛାତ୍ରୀଛାତ୍ରଙ୍କୁ ସିଟ୍ ଆଲଟ୍‌ମେଣ୍ଟ କରାଯିବ। ଜୁଲାଇ ୧୭ରୁ ୨୨ ସୁଦ୍ଧା ଛାତ୍ରୀଛାତ୍ର ଫ୍ରିଜ, ସ୍ଲାଇଡ୍ ବା ଫ୍ଲଟ ଅପ୍‌ଶନ ଦେବା ସହ ନାମଲେଖା ଫି' ଜମା କରିବେ। ଜୁଲାଇ ୧୮ରୁ ୨୨ ମଧ୍ୟରେ ଛାତ୍ରୀଛାତ୍ରମାନେ ଚୟନ ହୋଇଥିବା କଲେଜରେ ପଢ଼ିବା ପାଇଁ ନାମ ଲେଖାଇବେ। ଯେଉଁ ଛାତ୍ରୀଛାତ୍ର ଆଡ୍‌ମିଶନ କରି ନ ଥିବେ କିମ୍ବା ଚୟନ ହୋଇ ନ ଥିବେ ସେମାନେ ଜୁଲାଇ ୨୮ରୁ ୩୧ ଯାଏ ଅନ୍‌ଲାଇନ ଜରିଆରେ ୱେଟିଂ ଲିଷ୍ଟ ପାଇଁ ଆବେଦନ କରିପାରିବେ। ଅଗଷ୍ଟ ୫ରେ ୱେଟିଂ ଲିଷ୍ଟର ମେଧା ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୬ରୁ ୭ ସୁଦ୍ଧା ଛାତ୍ରୀଛାତ୍ର ଅନ୍‌ଲାଇନରେ ନାମଲେଖା ଫି' ଜମା କରିବେ। ସେହିପରି ୮ରୁ ୧୧ ତାରିଖ ସୁଦ୍ଧା ଚୟନ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ।




# ଖରିଫରେ ୨ଲକ୍ଷ ଅଧିକ ହେକ୍ଟର ଜଳସେଚନ ଲକ୍ଷ୍ୟ

## ୩୭.୬୬ଲକ୍ଷ ହେକ୍ଟର ପାଇଁ ଜଳସମ୍ପଦ ବିଭାଗର ପ୍ରସ୍ତୁତି

ଭୁବନେଶ୍ୱର,୧୩।୬(ରବିନାରାୟଣ ଜେନା)

ଅନ୍ନଦାତାଙ୍କ ସମନ୍ୱିତ ଉନ୍ନତିରେ ରାଜ୍ୟର ଉନ୍ନତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ତେବେ କୃଷିକ୍ଷେତ୍ର ଲାଗି ଜଳସେଚନ ମୁଖ୍ୟ ଆୟୁଧ ହୋଇଥିବାବେଳେ ଚଳିତବର୍ଷ ଖରିଫଋତୁ ଲାଗି ଜଳସମ୍ପଦ ବିଭାଗ ୩୭ଲକ୍ଷ ୬୬ହଜାର ୭୬୦ ହେକ୍ଟର ପରିମିତ ଜମିକୁ ଜଳସେଚନ କରିବାକୁ ଲକ୍ଷ୍ୟ ରଖିଛି, ଯାହା କି ୨୦୨୪ ଖରିଫ ତୁଳନାରେ ୨ଲକ୍ଷ ହେକ୍ଟର ଅଧିକ ବୋଲି ଜଣାଯାଇଛି।

ଏନେଇ ଚଳିତମାସ ୧୦ତାରିଖରେ ଜଳସମ୍ପଦ ବିଭାଗ ପକ୍ଷରୁ କୃଷି ବିଭାଗକୁ ଅବଗତ କରାଯାଇଛି। ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ମୁକୁଲ ଚନ୍ଦ୍ର ବେରା କୃଷି ବିଭାଗ ଅତିରିକ୍ତ ସଚିବଙ୍କୁ ଦେଇଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ଖରିଫ ଲାଗି ବୃହତ୍ ଓ ମଧ୍ୟମ ଉଠାଜଳସେଚନ ଜରିଆରେ ୧୪ଲକ୍ଷ ୮୭ହଜାର ୯୪୦ ହେକ୍ଟର ଜମି ଜଳସେଚନ କରାଯିବାକୁ ରହିଥିବାବେଳେ ଏମ୍ଆଇପି ଜରିଆରେ ୪ଲକ୍ଷ ୮୧ହଜାର ୩୬୦ ହେକ୍ଟର, ଚେକ୍ ଡ୍ୟାମ ଜରିଆରେ ୧ଲକ୍ଷ ୨୦ହଜାର ୮୯୪ହେକ୍ଟର, କ୍ଷୁଦ୍ର ଜଳସେଚନ ମାଧ୍ୟମରେ ୧୪ଲକ୍ଷ ୨୨ହଜାର ୬୧୮ ହେକ୍ଟର, ବୃହତ୍ ଉଠାଜଳସେଚନ ଜରିଆରେ ୨ଲକ୍ଷ ୫୩ହଜାର ୯୪୮ହେକ୍ଟର ଜମିକୁଜଳସେଚନ କରାଯିବାକୁରହିଛି। ତେବେ ସରକାରଙ୍କ ଚଳିତବର୍ଷ ଖରିଫ ଜଳସେଚନ ଲକ୍ଷ୍ୟ ୨୦୨୪ ଖରିଫ ତୁଳନାରେ ପ୍ରାୟ ୨ଲକ୍ଷ ହେକ୍ଟର ଜମି ଅଧିକ ବୋଲି ଜଣାଯାଇଛି।

ସୂଚନାଯୋଗ୍ୟ, ୨୦୨୪ ମେ' ୨୫ରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ୨୦୨୪ବର୍ଷ ଖରିଫ ଋତୁ ପାଇଁ ୩୫.୭୦ଲକ୍ଷ ହେକ୍ଟର ଜମି ଜଳସେଚନ କରାଯିବାକୁ ବ୍ୟବସ୍ଥା କରାଯାଇଥିଲା। ତେବେ ଚଳିତବର୍ଷ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀରେ ବୃହତ୍ ଉଠାଜଳସେଚନ ବ୍ୟବସ୍ଥା ହୋଇପାରି ନ ଥିବାବେଳେ ଅନ୍ୟ ସମସ୍ତ ଜିଲାରେ ଏହି ବ୍ୟବସ୍ଥା କରାଯାଇପାରିଛି। ବରଗଡ଼ ଜିଲାରେ ସର୍ବାଧିକ ୩ଲକ୍ଷ ୫୬ହଜାର ୫୦୨ ହେକ୍ଟର ଜମିକୁ ଜଳସେଚନ କରାଯିବାକୁ ଜଳସମ୍ପଦ ବିଭାଗ ଲକ୍ଷ୍ୟ ରଖିଛି। ସେଥିମଧ୍ୟରେ ବୃହତ୍ ଓ ମଧ୍ୟମ ଜଳସେଚନ ଜରିଆରେ ୧ଲକ୍ଷ ୨୧ହଜାର ୮୮୭ ହେକ୍ଟର, ଏମ୍ଆଇପି ଜରିଆରେ ୨୫ହଜାର ୭୩୭ ହେକ୍ଟର, ଚେକ ଡ୍ୟାମ ଜରିଆରେ ୧୧ହଜାର ୬୮୦ ହେକ୍ଟର, କ୍ଷୁଦ୍ର ଉଠାଜଳସେଚନ ଜରିଆରେ ୧ଲକ୍ଷ ୮୭ହଜାର ୨୭୮ହେକ୍ଟର ଏବଂ ବୃହତ୍ ଉଠାଜଳସେଚନ ଜରିଆରେ ୫୯୨୦ ହେକ୍ଟର ଜମିକୁ ଜଳସେଚନ କରାଯିବାକୁ ରହିଛି। ସେହିପରି ଗଞ୍ଜାମରେ ୩ଲକ୍ଷ ୩ହଜାର ୨୮୯ହେକ୍ଟର ଜମିକୁ ଜଳସେଚନ କରିବାପାଇଁ ବିଭାଗ ପ୍ରସ୍ତୁତି କରିଥିବାବେଳେ କଳାହାଣ୍ଡି ପାଇଁ ୨ଲକ୍ଷ ୪୮ହଜାର ୭୮୩ ହେକ୍ଟର, ବଲାଙ୍ଗୀରରେ ୨ଲକ୍ଷ ୨୨ହଜାର ୪୯୧ ହେକ୍ଟର, ମୟୂରଭଞ୍ଜ ପାଇଁ ୨ଲକ୍ଷ ୨୬ହଜାର ୧୧୯ହେକ୍ଟର ପ୍ରସ୍ତୁତି କରିଛି। ଏହାବାଦ୍ ଅନ୍ୟାନ୍ୟ ଜିଲାକୁ ସମସ୍ତ ପ୍ରକାର ଜଳସେଚନ ଜରିଆରେ ଅବଶିଷ୍ଟ ହେକ୍ଟର ଜମି ଜଳସେଚନ କରିବାକୁ ଲକ୍ଷ୍ୟ ରଖିଥିବା ସର୍ବୋଚ୍ଚଯନ୍ତ୍ରୀଙ୍କ ରିପୋର୍ଟରୁ ଜଣାଯାଇଛି।

# ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଡ୍ୟୁଟି ଭତ୍ତା ବୃଦ୍ଧି

- ଦୈନିକ ଭତ୍ତା ୩୧ ଟଙ୍କାରୁ ବଢ଼ି ୧୫୦ ଟଙ୍କା ହେଲା

ଭୁବନେଶ୍ୱର,୧୩।୬(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ (ସିଭିଲ ଡିଫେନ୍ସ ଭଲେଣ୍ଟର) ମାନଙ୍କ ଦୈନିକ ଭତ୍ତା ପରିମାଣ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ମାନଙ୍କ ଦୈନିକ ଡ୍ୟୁଟି ଭତ୍ତା ପରିମାଣ ୩୧ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ଦୈନିକ ଟ୍ରେନିଂ ଭତ୍ତା ପରିମାଣ ୨୮ ଟଙ୍କାରୁ ୧୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ମେ ପହିଲା ଠାରୁ ଲାଗୁ କରାଯିବ। ଓଡ଼ିଶାରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ୭୦୦ରୁ କମ୍ ଅଛି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ପ୍ରତ୍ୟେକ ପଞ୍ଚାୟତରେ ଖୋଲିବ ଜନପୋଷଣ କେନ୍ଦ୍ର

ଭୁବନେଶ୍ୱର,୧୩।୬(ସୁନିତ୍ ମିଶ୍ର)

ପ୍ରତ୍ୟେକ ପଞ୍ଚାୟତରେ ଜନପୋଷଣ କେନ୍ଦ୍ର ଖୋଲିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୋଜନା ରଖିଛି। ଏଥିଲାଗି କାମ ଚାଲିଛି। ଏହି ଜନପୋଷଣ କେନ୍ଦ୍ରରେ ଚାଉଳ, ଅଟା, ଚିନି, ଲୁଣ ଠାରୁ ଆରମ୍ଭ କରି ସବୁ ଜିନିଷ ମିଳିବ। ଏହିସବୁ ଜିନିଷ ଯେପରି ସବ୍‌ସିଡାଇଜ୍ ଦରରେ ମିଳିପାରିବ ସେଥିଲାଗି ବ୍ୟବସ୍ଥା ହେଉଛି। ଖାଲି ବିପିଏଲ୍ ନୁହନ୍ତି କିଛି ଏପିଲ୍ ଲୋକମାନେ ଯେପରି ଏହାର ସୁବିଧା ପାଇପାରିବେ ତାର ଯୋଜନା ହେଉଛି। ଯଦି ଏହା ସଫଳ ହୁଏ ବହୁତ ବଡ ଯୋଜନା ଏହା ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଗଣମାଧ୍ୟମ ଆଗରେ ଶୁକ୍ରବାର ପ୍ରତିକ୍ରିୟା ରଖି ମନ୍ତ୍ରୀ ପାତ୍ର କହିଛନ୍ତି, ପ୍ରତି ପଞ୍ଚାୟତରେ ଗୋଟିଏ ଲେଖା ଜନପୋଷଣ କେନ୍ଦ୍ର ଖୋଲିବ। ଜନପୋଷଣ କେନ୍ଦ୍ରରେ ମାଗଣା ଚାଉଳ ସହିତ ସବ୍‌ସିଡାଇଜ୍ ଦରରେ ଚାଉଳ ମଧ୍ୟ ମିଳିବ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫ କେଜି ଚାଉଳ ଯାହା ସରକାର ଯୋଗାଇ ଦେଉଛନ୍ତି ତାହା ସେମାନଙ୍କୁ ଅଣ୍ଟୁନି ଏହାପରେ ସେମାନେ ଅଧିକ ଦାମ୍‌ରେ ବାହାରୁ ଚାଉଳ ଆଣୁଛନ୍ତି। ଏହି ଅସୁବିଧା ସବ୍‌ସିଡାଇଜ୍ ଚାଉଳ ମିଳିଲେ ଦୂର ହେଇପାରିବ। ଯେଉଁମାନଙ୍କ ରୋଜଗାର ବହୁତ ଅଧିକ ସେମାନଙ୍କୁ ଏହି ସୁବିଧା ମିଳିବ ନାହିଁ। ମଧ୍ୟବିତ୍ତ ପରିବାର ଯେଉଁମାନେ ମାସକୁ ୩୦ ହଜାର ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି ସେମାନେ ଏହାର ଲାଭ ପାଇବେ। ଏହାର ଏକ ତାଲିକା ସରକାର ପ୍ରସ୍ତୁତ କରିବେ। ଏବେ ରାଜ୍ୟରେ ୩ କୋଟି ୩୬ ଲକ୍ଷ ଲୋକ ରାସନ କାର୍ଡ ପାଇଛନ୍ତି। ସେଥିରେ ଆଉ ୫୦ କି ୮୦ ଲକ୍ଷ ହିତାଧିକାରୀ ବଢ଼ିପାରନ୍ତି। କେତେ ପରିମାଣ ଦିଆଯିବ ତାର ମଧ୍ୟ ଯୋଜନା ହେବ। ପାଇଲଟ୍ ପ୍ରଜେକ୍ଟ ଭାବେ ୪ରୁ ୫ଟି ଜନପୋଷଣ କେନ୍ଦ୍ର ଖୋଲାଯିବ। ଭୁବନେଶ୍ୱରରେ ମଧ୍ୟ କେନ୍ଦ୍ର ଖୋଲିବ। ମାସକ ମଧ୍ୟରେ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ ହେବ। ଡିଲରମାନେ ଏହି ଜନପୋଷଣ କେନ୍ଦ୍ର ପାଇବେ। ଛତିଶଗଡ, ଗୁଜୁରାଟ ଏବଂ ଦିଲ୍ଲୀରେ ଏଭଳି ଚାଲିଥିବା ଯୋଜନାକୁ ସମୀକ୍ଷା କରାଯିବ। ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ଲାଗି ଏହିବ୍ୟବସ୍ଥା କରାଯାଉଛି। ଏହା ସର୍ବଭାରତୀୟ ଯୋଜନା ଅଟେ ବୋଲି ପାତ୍ର କହିଛନ୍ତି।

# ରଜରେ ସାରା ରାଜ୍ୟରେ ବର୍ଷା

ଭୁବନେଶ୍ୱର,୧୩।୬(ଅନୁରାଧା ମହାରଣା)

ରଜ ୩ ଦିନ ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ସମ୍ଭାବନା ରହିଛି। ସମସ୍ତ ୩୦ ଜିଲାର କିଛି ସ୍ଥାନରେ ବଜ୍ରପାତ ଏବଂ ବର୍ଷା ସହ ଘଣ୍ଟାପ୍ରତି ୩୦ରୁ ୪୦କି.ମି. ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୬ ତାରିଖଠାରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ସହ ୧୯ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହାସହ ୧୬ ତାରିଖ ସୁଦ୍ଧା ଦିନ ତାପମାତ୍ରା ପ୍ରାୟ ୨ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଶୁକ୍ରବାର ସମ୍ବଲପୁରରେ ଦିନ ତାପମାତ୍ରା ସର୍ବାଧିକ ୪୦.୪ ଡିଗ୍ରୀ ସେଲ୍‌ସିୟସ୍ ଓ ଦାରିଙ୍ଗବାଡିରେ ସର୍ବନିମ୍ନ ୧୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

# ପାଣିକୁଣ୍ଡରେ ପଡ଼ି ଶିଶୁ ମୃତ

ଦିଗପହଣ୍ଡି,୧୩।୬(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ଗ୍ରାମର ଜଣେ ଶିଶୁପୁତ୍ରଙ୍କ ଶୁକ୍ରବାର ପାଣିକୁଣ୍ଡରେ ପଡି ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଦାଣ୍ଡ ସାହିର ରଞ୍ଜନ ବିଷୋୟୀଙ୍କ ବଡ଼ପୁଅ ଚନ୍ଦନ(୭)। ସକାଳେ ରଞ୍ଜନ ତାଙ୍କ ପୁଅକୁ ସାଙ୍ଗରେ ନେଇ ଟି.ଗୋବିନ୍ଦପୁର ପଞ୍ଚାୟତ ରାଜନାପଲ୍ଲୀ ଗ୍ରାମ ନିକଟରେ ଥିବା ନିଜ କୁକୁଡ଼ା ଫାର୍ମକୁ ଯାଇଥିଲେ। ସେଠାରେ ସେ କାମରେ ଲାଗିଥିବା ବେଳେ ଚନ୍ଦନ ଖେଳୁ ଖେଳୁ ନିକଟରେ ଥିବା ପାଣିକୁଣ୍ଡରେ ପଡ଼ିଯାଇଥିଲେ। ରଞ୍ଜନ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରଞ୍ଜନଙ୍କ ବୟାନ ରେକର୍ଡ କରିବା ସହ ଶିଶୁ ମୃତ୍ୟୁର କାରଣ ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ନଂ.୧୨/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପ୍ରଥମେଶ ଅରବିନ୍ଦ ବିଏମ୍‌ସିର ନୂଆ କମିଶନର

ବ୍ରହ୍ମପୁର,୧୩।୬(ସ୍ମୃତିରଞ୍ଜନ ମହାଲିକ)


ପ୍ରଥମେଶ ଅରବିନ୍ଦ ରାଜେସିର୍କେ

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ନୂତନ କମିଶନର ଭାବେ ୨୦୨୧ ବ୍ୟାଚର ଆଇଏଏସ୍ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କୁ ଶୁକ୍ରବାର ନିଯୁକ୍ତି ମିଳିଛି। ସେ ଏହାପୂର୍ବରୁ ବାଲେଶ୍ୱର ଉପଜିଲାପାଳ ସହ ବାଲେଶ୍ୱର ମ୍ୟୁନିସିପାଲିଟିରେ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ବିଏମ୍‌ସିରେ ପୂର୍ବରୁ କମିଶନର ଥିବା ଭବାନୀ ପ୍ରସାଦ ମିଶ୍ରଙ୍କ ପିଏମ ପୋଷଣ ଓ ଏମଏମ ପୋଷଣ ବିଭାଗର ରାଜ୍ୟ ନୋଡାଲ ଅଧିକାରୀ ଭାବେ ଗତ ୩୦ ତାରିଖରେ ବଦଳି ହୋଇଥିଲା। ଡେପୁଟି କମିଶନର ଦାୟିତ୍ୱରେ ଥିବା ଆଶୀର୍ବାଦ ପରିଡା ଅତିରିକ୍ତ ଭାବେ କମିଶନର ଦାୟିତ୍ୱ ତୁଲାଉଥିଲେ।

# ଜଙ୍ଗଲରୁ ୨ ମାଓବାଦୀଙ୍କୁ ଧରିଲା ମାଲକାନଗିରି ପୋଲିସ


## ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ମାଓବାଦୀ ସାମଗ୍ରୀ ଜବତ

ମାଲକାନଗିରି,୧୩।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୋଲିସ ୨ଜଣ ମାଓବାଦୀଙ୍କୁ ଗିରଫକରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି। ଶୁକ୍ରବାର ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ସୂଚନା ଦେଇଛନ୍ତି। ଗିରଫ ୨ ମାଓବାଦୀ ଛତିଶଗଡ଼ ବସ୍ତର ଜିଲା ଚନ୍ଦାମେଟାପଟଲ୍ଲିରା ଗ୍ରାମର କେସା କବାସୀ ଓ ବିଜାପୁର ଜିଲା ତାମୋଡ ଗ୍ରାମର ରାକେଶ ଓରଫ ସାନୁ କୁମା। ଏହି ୨ ଜଣ ସିପିଆଇ ମାଓବାଦୀ ସଙ୍ଗଠନରେ ଏସିଏମ୍‌ଭାବେ କାର୍ଯ୍ୟ କରୁଥିବା ବେଳେ ଛତିଶଗଡ଼ର ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିଲେ ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ପିସ୍ତଲ, ୬ ଅଫୁଟା ଗୁଳି, ୧୦ଟି ଡିଟୋନେଟର, ୧୦ ମିଟର କୋଡେକ୍ସ ତାର, ୫୦ଗ୍ରାମ ବନ୍ଧୁକ୍‌ଲ ପାଉଡର, ଗୋଟିଏ ୱାକିଟାକି, ଟର୍ଚ୍ଚ ଲାଇଟ, ରେଡିଓ, ମାଓବାଦୀ ପୁସ୍ତିକା, ଔଷଧ ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଛି।


ମାଲକାନଗିରି ଏସ୍‌ପି ଗିରଫ ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

ଗତ କିଛିଦିନ ଧରି ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିଲା। ଏଥିରେ ବହୁ ମାଓବାଦୀ ନିହତ ହୋଇଛନ୍ତି। କେତେଜଣ ମାଓବାଦୀ ଲୁଚି ରହୁଥିବା ବେଳେ ଆଉ କେତେଜଣ ଆତ୍ମରକ୍ଷା ପାଇଁ ପଡ଼ୋଶୀ ରାଜ୍ୟରେ ପ୍ରବେଶ କରୁଛନ୍ତି। ଗୁରୁବାର ଛତିଶଗଡ଼ର କେତେଜଣ ମାଓବାଦୀ ମାଲକାନଗିରି ଜିଲାରେ ପ୍ରବେଶ କରୁଥିବାରୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ମାଲକାନଗିରି ପୋଲିସ ମାଥିଲି ଥାନା ଅଧୀନ ସୋଡ଼ିଗୁଡ଼ା ଓ ତେନ୍ତୁଲିଗୁଡ଼ା ଗ୍ରାମ ମଧ୍ୟରେ ଥିବା ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଭୋରରେ କେତେଜଣ ମାଓବାଦୀ ଜଙ୍ଗଲ ମଧ୍ୟରେ ଯାଉଥିବା ଦେଖି ପୋଲିସ ତାଙ୍କ ପିଛା କରିବା ସହ ଅଟକାଇ ଆତ୍ମସମର୍ପଣ କରିବାକୁ କହିଥିଲା। ମାଓବାଦୀମାନେ ପୋଲିସ କଥା ନ ମାନି ଗୁଳି ଚଳାଇ ଜଙ୍ଗଲ ଭିତରକୁ ପଳାଇଥିଲେ। ପୋଲିସ ସେମାନଙ୍କ ମଧ୍ୟରୁ ୨ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯିବା ନେଇ ଏସ୍‌ପି ସୂଚନା ଦେଇଛନ୍ତି।



“ ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା

-ପ୍ରଥମ ରଜ, ଶରଣ
ଆରମ୍ଭ, ମାସନ୍ତ



# ଲୋହାନିଙ୍କୁ ଦାୟିତ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅଶ୍ୱିନୀ ଲୋହାନିଙ୍କୁ ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟ ଓ ପୁସ୍ତକାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ନିଯୁକ୍ତି କେବଳ କ୍ୟାରିୟରର ଏକ ମୋଡ଼ ନୁହେଁ, ବରଂ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଅଭିଜ୍ଞତା ସାଉଁଟିବା ପରେ ଏବେ ସେ ପୂର୍ବ ଦାୟିତ୍ୱକୁ ଫେରିଛନ୍ତି। କାରଣ ଲୋହାନି ହେଉଛନ୍ତି ସେହି ବ୍ୟକ୍ତି, ଯିଏ ଜାତୀୟ ରେଳ ସଂଗ୍ରହାଳୟକୁ ପ୍ରଥମେ ଆକର୍ଷଣୀୟ କରିଥିଲେ। ତା'ପରେ ଏୟାର ଇଣ୍ଡିଆର ନେତୃତ୍ୱ ନେବାକୁ ଯାଇଥିଲେ ଓ ସେଠାରେ ଅତି କମ୍ ବଜେଟରେ ସେ ଭଲ କରିବେ ବୋଲି ଆଶା କରାଯାଉଥିଲା। ସେ ମଧ୍ୟ ରେଲୱେ ବୋର୍ଡର ଚେୟାରମ୍ୟାନ ଥିଲେ ଓ ଏକାଧିକ କାମ ବାଧା, ନୈରାଶ୍ୟତା ମଧ୍ୟରେ ତଥା ସୀମିତ ସଂସାଧନରେ ନୂତନତ୍ୱ ଧାରାରେ କରିବାକୁ ପଡ଼ିଥିଲା। ଲୋହାନି ପୂର୍ବରୁ ଯେଉଁ ପଥରେ ଥିଲେ ଏବେ ସେଠାକୁ ଫେରିଛନ୍ତି। ଭାରତର ସମସ୍ତ ପ୍ରଧାନମନ୍ତ୍ରୀଙ୍କ ଲିଗାସିକୁ ଗୋଟିଏ ଛାତତଳେ ସୁରକ୍ଷିତ ରଖିବାକୁ ହେଲେ ଜଣେ କର୍ତ୍ତବ୍ୟପରାୟଣ, ଦକ୍ଷ ତଥା ଶାନ୍ତ ଅଧିକାରୀଙ୍କ ଦ୍ୱାରା ତାହା ହୋଇପାରିବ। ଲୋହାନିଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଲୋହାନିଙ୍କୁ ଏବେ ୩ ବର୍ଷ ପାଇଁ ନିଯୁକ୍ତ କରାଯାଇଛି । ଅତୀତର ଦୃଷ୍ଟାନ୍ତକୁ ଦେଖିଲେ କିଛି ବି ଘଟିପାରେ, କାର୍ଯ୍ୟକାଳ ପରେ ସେ ପଦବୀରେ ଦୀର୍ଘଦିନ ରହିପାରନ୍ତି। ଦେଖିବାକୁ ଗଲେ ଏହା ଏକ ବିଜ୍ଞ ନିଯୁକ୍ତି। ବିନା ବିବାଦରେ ସଂଗ୍ରହାଳୟ ଗଢ଼ାଯାଇଥିଲେ ମଧ୍ୟ ନେହେରୁଙ୍କ ସ୍ମୃତି ବିରୋଧରେ ଏହା କ୍ଷମତାର ଖେଳ ବୋଲି ଗୁଞ୍ଜରଣ ଉଠିଥିଲା। ଏବେ ମ୍ୟୁଜିୟମ୍‌କୁ ମିଳିଥିବା ନିର୍ଦ୍ଦେଶକ କୌଣସି ରାଜନୈତିକ ଦଳ ସହ ସଂଶ୍ଳିଷ୍ଟ ନାହାନ୍ତି। ଲୋହାନିଙ୍କର ଅତୀତର ସଂସ୍ଥାଗତ ଅନୁଭବ ଓ କାର୍ଯ୍ୟ ଦକ୍ଷତା ସହ ପରିଚାଳନାଗତ କୌଶଳ ରହିଛି। ଯଦି ସେ ଏୟାର ଇଣ୍ଡିଆକୁ ପତନରୁ ରକ୍ଷା କରିପାରିଲେ, ରେଲ୍ ବିଭାଗରେ ଖୁସି ଆଣି ପାରିଲେ, ଏହା ନିଶ୍ଚିତ ଯେ, ସେ ଏବେ ମଧ୍ୟ ସବୁଠୁ ଜଟିଳ କାମ କରିପାରିବେ।

### ଆଭ୍ୟନ୍ତରୀଣ ଅଧୋଗତି

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଜଣେ ବରିଷ୍ଠ ଅଧିକାରୀ ଲାଞ୍ଚ ମାମଲାରେ ଧରାପଡ଼ିବା ସମସ୍ତଙ୍କୁ ଚକିତ କରିଛି। ଇଡିରେ କାର୍ଯ୍ୟରତ କର୍ମଚାରୀମାନେ ଆଭ୍ୟନ୍ତରୀଣ ଅଧୋଗତି ସମ୍ପର୍କରେ ଆଲୋଚନା କରୁଥିବାବେଳେ ଏହାର ବାସ୍ତବତା ଉପରେ ଧ୍ୟାନ ଦେବା ଦରକାର। ପ୍ରିଭେନସନ ଅଫ୍ ମନି ଲଣ୍ଡରିଂ ଆକ୍ଟ(ପିଏମ୍‌ଏଲ୍‌ଏ)ଅନୁଯାୟୀ ଇଡି ଆର୍ଥିକ ହେରଫେର ମାମଲାର ତଦନ୍ତ କରିଥାଏ ଏବଂ ନିକଟରେ କିଛି ବର୍ଷ ହେବ ଏହା ଦୃଷ୍ଟି ଆକର୍ଷଣ କରିଆସିଛି। କିନ୍ତୁ ଏବେ ସେହି ଆକର୍ଷଣ କମିବା ଆରମ୍ଭ ହୋଇଛି। ଏହା ସଂସାଧନ ଅଭାବରୁ କିମ୍ବା ଅଧିକ କାର୍ଯ୍ୟଭାର ଯୋଗୁ ଘଟୁନାହିଁ, ବରଂ ଏହାକୁ ସଞ୍ଚାଳନ କରୁଥିବା ବ୍ୟକ୍ତିଙ୍କ ପରିଚାଳନାଗତ ଜ୍ଞାନ ଅଭାବରୁ ହେଉଛି। ପାରମ୍ପରିକ ଭାବେ ଇଡିର ଶୀର୍ଷ ପଦବୀରେ ଆପରାଧିକ ଆଇନ, ଅଧିକ ତଦନ୍ତ ଏବଂ ମାମଲାର ନ୍ୟାୟିକ ବିଚାରଗତ ସମୀକ୍ଷାର ଜ୍ଞାନ ଥିବା ଜଣେ ଅଭିଜ୍ଞ ଆଇପିଏସ୍ ଅଧିକାରୀ ନିଯୁକ୍ତ ହୋଇଥାନ୍ତି। କିନ୍ତୁ ୨୦୧୬ ପରେ ବହୁ ସମୟରେ ଆପରାଧିକ ଆଇନ୍ ସମ୍ପର୍କରେ କମ୍ ଜ୍ଞାନ ଥିବା ରାଜସ୍ୱ ଏବଂ ବିତ୍ତୀୟ ଅଧିକାରୀମାନଙ୍କୁ ଇଡିର ଶୀର୍ଷ ପଦବୀରେ ନିଯୁକ୍ତି ଆରମ୍ଭ କରାଗଲା। ଜଣେ ପୂର୍ବତନ ଆଇପିଏସ୍ ଅଧିକାରୀ କହନ୍ତି ଯେ, କ୍ଷମତା ଏଠି ସମସ୍ୟା ନୁହେଁ, ବରଂ ପ୍ରଶିକ୍ଷଣର ଅଭାବ ରହିଛି। ପିଏମ୍‌ଏଲ୍‌ଏର ଆପରାଧିକ ପ୍ରାବଧାନଗୁଡ଼ିକ କେବଳ ନ୍ୟାୟିକ ସାଧନ ନୁହନ୍ତି, ବରଂ ସେସବୁ ହେଉଛନ୍ତି ଲିଗାଲ ବା ନ୍ୟାୟିକ ଲାଣ୍ଡମାଇନ। ସେଗୁଡ଼ିକୁ ଠିକ୍ ଭାବେ ନ ନେଲେ ତାହା ବିସ୍ଫୋରଣ ହେବା ସହ ବ୍ୟବସ୍ଥାକୁ ଛାରଖାର କରିଦେବ। ମୂଳ କ୍ୟାଡର ଯାହା ଥାଉନା କାହିଁକି ସବୁ ଇଡି ନିଯୁକ୍ତି ପାଇଁ କଡ଼ା ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବା ଦରକାର।

### ପ୍ରତିବଦ୍ଧତା ଲୋଡ଼ା

ଗୁଜରାଟ ସରକାର ନିଷ୍ପତ୍ତି ନେଇଛନ୍ତି ଯେ, ତାଙ୍କ ବୈଠକ ଏକ ଘଣ୍ଟାରୁ ଅଧିକ ସମୟ ହେବ ନାହିଁ। ଯଦି ଜଣେ ଗାନ୍ଧୀନଗର ବାହାରେ ଥିଲେ ଭର୍ଚ୍ଚୁଆଲରେ ଯୋଗଦେବେ। ଗୁଜରାଟ ଆଡ୍‌ମିନିଷ୍ଟ୍ରେଟିଭ ରିଫର୍ମସ୍ କମିଶନ(ଜିଏଆର୍‌ସି) ସୁପାରିସ କ୍ରମେ ସାଧାରଣ ପ୍ରଶାସନ ବିଭାଗ ଜାରି କରିଥିବା ନୂଆ ଗାଇଡ୍‌ଲାଇନ ବା ମାର୍ଗଦର୍ଶିକାଗୁଡ଼ିକ ମଧ୍ୟରୁ ଏହା ଗୋଟିଏ। ଗାଇଡ୍‌ଲାଇନ ସ୍ପଷ୍ଟ ଭାବେ ଦର୍ଶାଇଛି ଯେ, ତିନିଦିନ ପୂର୍ବରୁ ବୈଠକ ସମୟ ସ୍ଥିର କରାଯିବ, ଏହା ଏଜେଣ୍ଡା ଆଗରୁ ଦିଆଯିବ ଏବଂ ଠିକ୍ ସମୟରେ ଆରମ୍ଭ କରାଯାଇ ଏକ ଘଣ୍ଟା ମଧ୍ୟରେ ଶେଷ କରାଯିବ। ଯଦି ଉପସ୍ଥିତ ହେବା ଜରୁରୀ ନ ଥିବ ତେବେ ଜିଲା ସ୍ତରୀୟ ଅଧିକାରୀମାନେ ଭର୍ଚ୍ଚୁଆଲି ଯୋଗଦେଇପାରିବେ। ଏହାର ଲକ୍ଷ୍ୟ ମହତ୍, କିନ୍ତୁ ଏଭଳି ସୁଧାରର ସଫଳତା ଏହାର କାର୍ଯ୍ୟକାରିତା ଉପରେ ନିର୍ଭର କରେ। ଗାଇଡ୍‌ଲାଇନକୁ କାର୍ଯ୍ୟକାରୀ କରିବାକୁ ଏକ ଦୃଢ଼ ପ୍ରକ୍ରିୟା ନ ରହିଲେ ପୁନର୍ବାର ପୂର୍ବାବସ୍ଥାକୁ ଫେରି ଆସିବା। କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ ଦିଆଯିବା ପ୍ରଶଂସନୀୟ। କିନ୍ତୁ ଆଲୋଚନାର ମାନ ଯେଭଳି ପ୍ରଭାବିତ ନ ହେବ ତାହା ଉପରେ ନିଶ୍ଚିତ କରାଯିବା ଦରକାର। ବୈଠକର ସମୟ ଏକ ଘଣ୍ଟାରୁ କମ୍ କରାଯିବା ଯୋଗୁ କେତେକ ଜଟିଳ ସମସ୍ୟା ଉପରେ ଗଭୀର ବିତର୍କ ସମ୍ଭବ ହୋଇ ନ ପାରେ। ଶେଷରେ ଏହି ସୁଧାରର କାର୍ଯ୍ୟଦକ୍ଷତା ପ୍ରକୃତରେ ପରିବର୍ତ୍ତନ ଚାହୁଁଥିବା ସମସ୍ତ ଅଂଶୀଦାରଙ୍କ ପ୍ରତିବଦ୍ଧତା ଉପରେ ନିର୍ଭର କରେ। ଯଦି ଏହାକୁ ଲାଗୁ କରାଯାଏ ତେବେ ଏହା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏକ ଦୃଷ୍ଟାନ୍ତ ହେବ ଏବଂ ସେମାନେ ଏହାକୁ ଅନୁସରଣ କରିପାରିବେ। ଯଦି ନ ହୁଏ, ତେବେ ଏହା ବାସ୍ତବରେ ପ୍ରଭାବ ପକାଇବାକୁ ବିଫଳ ହେବ।

Email: dilipcherian@gmail.com

# ଗାଦି ଛାଡ଼ିବାକୁ ପଡ଼ିବ



ରଞ୍ଜନ କୁମାର ଦାସ

ପ୍ରତ୍ୟେକ ମଣିଷ ପ୍ରକାରାନ୍ତରେ ଜଣେ ଜଣେ ଉପଭୋକ୍ତା। ଜଣେ ଉପଭୋକ୍ତା ହିସାବରେ ସେ ଚାହେଁ ବଜାରରୁ ଜିନିଷଟିଏ ବାଛିଲା ବେଳେ ବା କିଣିଲା ସମୟରେ ଜମା ଠକାମିରେ ନ ପଡ଼ୁ। ଯଦି ଆମେ କିଛି କିଣୁ ଓ ଭୁଲ୍‌ରେ ଖରାପ ଜିନିଷଟିଏ ଆମ କପାଳରେ ଜୁଟେ ଆମେ ତାକୁ ଦୋକାନରେ ଫେରେଇବା ଯାଏ କଥା ଯାଏ। ବେଳେବେଳେ ସେଥିପାଇଁ ପାଟିତୁଣ୍ଡ, ଗଣ୍ଡଗୋଳ ଯାଏ କଥା ଯାଏ। ଆଜିକାଲି ଅନ୍‌ଲାଇନରେ ଅନେକ ଜିନିଷର ନେଣଦେଣ, କାରବାର ହେଉଛି। ପ୍ରତ୍ୟେକଟି ସାମଗ୍ରୀ କିଣିବା ଆଗରୁ ଗ୍ରାହକ ଦେଖୁଛି ସେଥିରେ ରିଟର୍ନ ଅପ୍ସନ ଅଛି କି ନାହିଁ। ବଜାର କଥା ଛାଡ଼ ଘର ପରିବାରରେ ମଧ୍ୟ ବାହାଘର ବେଳେ ଆମେ ଭଲ ବୋହୂଟିଏ ବା ଜ୍ୱାଇଁଟିଏ ପାଇଁ କେତେ ବଛାବଛିକରୁ। ବେଳେବେଳେ ପରେ ଯେତେବେଳେ ଜଣାପଡ଼େ ବୋହୂଟି ବା ଜ୍ୱାଇଁଟିରେ ଚାରିତ୍ରିକ ବା ଅନ୍ୟ କିଛି ଦୋଷ ଅଛି, ପୁଅଘର ବୋହୂଟିକୁ ବାପଘରକୁ ପଠେଇବାର ନଜିର ମଧ୍ୟ ଅଛି। ଜ୍ୱାଇଁ କ୍ଷେତ୍ରରେ ଖରାପ ପଡ଼ିଲେ ଝିଅଟି ତାକୁ ପ୍ରତ୍ୟାଖ୍ୟାନ ସୂଚକ ଛାଡ଼ପତ୍ର ଦେଇ ବାପଘରକୁ ଫେରିଆସିବା ଘଟଣା ବିରଳ ନୁହେଁ। କହିବା ବାହୁଲ୍ୟ ଯେ ପ୍ରତ୍ୟେକ ମଣିଷର ନିଜ ନିଷ୍ପତ୍ତିରେ ସଂଶୋଧନ ଆଣିବାର ଅଧିକାର ଥାଏ।

ମାତ୍ର ସରକାରୀ କ୍ଷେତ୍ରରେ ଏ ଜିନିଷଟି ସେତେ ସହଜ ନୁହେଁ। ଥରେ ଜଣେ ସରକାରୀ ଚାକିରିଟିଏ ପାଇଁ ମନୋନୀତ ହୋଇଗଲେ ତା' ଠାରୁ ସହଜେ ଚାକିରିଟି ପ୍ରତ୍ୟାହାର କରିହୁଏନା। ତେତିଶ ବର୍ଷ ସେ ରାଜୁତି କରେ। ଲୋକପ୍ରତିନିଧିଟିଏ ଥରେ ନିର୍ବାଚିତ ହୋଇଗଲେ ତାଙ୍କୁ ଆଉ ପ୍ରତ୍ୟାହାର କରିବାର ଅଧିକାର ଭୋଟରଙ୍କ ପାଖରେ ନ ଥାଏ, ପାଞ୍ଚବର୍ଷ ସହିବାକୁ ପଡ଼େ। ଏଭଳି ସରକାରୀ ଚାକିରିଆ ବା ଲୋକପ୍ରତିନିଧିମାନେ ଯଦିଓ ଲୋକଙ୍କ ଟିକସରୁ ଦରମା ପାଆନ୍ତି, ଲୋକଙ୍କର ବସ୍ତୁତଃ ତାଙ୍କ ଉପରେ କୌଣସି ନିୟନ୍ତ୍ରଣ ନ ଥାଏ। ସେମାନେ ଖରାପ କାମ କଲେ ଲୋକଙ୍କୁ ସହିବାକୁ ପଡ଼େ, କିଛି ନ କଲେ ବି ତାକୁ ସହିବାକୁ ପଡେ! ତେଣୁ ନେତା ଓ ଅଧିକାରୀଙ୍କ ସ୍ୱେଚ୍ଛାଚାରିତା ଓ ମନମାନି ବଢ଼ିଚାଲେ! ଗଣତନ୍ତ୍ର ବିପନ୍ନ ହୁଏ।

ଭାରତରେ ଏ ସବୁ ସମ୍ଭବ। ଲୋକେ ଏଠି ସବୁ ଚଳେଇ ନିଅନ୍ତି। କେହି ଯଦି କିଛି ଖରାପ କାମ କରୁଛି ଭଗବାନ୍ ତା' କଥା ବୁଝିବେ ବୋଲି କହି ଆମେ ଆଶ୍ୱସ୍ତ ହୋଇଯାଉ। ମାତ୍ର ଆମେ ନିଜେ କେଉଁଠି ବାହାରି କିଛି କରୁନା। ଅତି ବେଶିରେ କେଉଁଠି କେମିତି ପ୍ରତିବାଦ ସଭାଟିଏ କରି, କୁଶପୁତ୍ତଳିକା ଦାହକରି ସନ୍ତୁଷ୍ଟ ହୋଇଯାଉ! ଆମେମାନେ ଶାନ୍ତିପ୍ରିୟ ବୋଲି ଯେ ଏମିତି ହେଉଛି ସେକଥା କହି ଆଡ଼େଇଗଲେ ହେବନାହିଁ। ପୃଥିବୀର ସବୁଠାରୁ ଶାନ୍ତିପ୍ରିୟ ଦେଶ ହେଲା ସ୍ୱିଜରଲାଣ୍ଡ। ସ୍ୱିଜରଲାଣ୍ଡର ସମ୍ବିଧାନରେ 'ରିକଲ' ନାମକ ଏକ ବ୍ୟବସ୍ଥା ଅଛି ଯାହାକୁ ଆମ ଭାଷାରେ 'ପ୍ରତ୍ୟାହାର କରିବାର ଅଧିକାର' ବୋଲି



କୁହାଯାଇପାରିବ। ୧୮୪୮ ମସିହାରୁ ଥିବା ତାଙ୍କ ବ୍ୟବସ୍ଥାନୁସାରେ ସ୍ଥାନୀୟ ପ୍ରଶାସନର କର୍ମଚାରୀ ବା ଲୋକପ୍ରତିନିଧିମାନେ ଯଦି ଦାୟିତ୍ୱରେ ଅବହେଳା କିମ୍ବା ଆପରାଧିକ ମାମଲାରେ ସମ୍ପୃକ୍ତ ହେବାର ଅଭିଯୋଗ ଆସେ ତେବେ ସେମାନଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇ ପାରିବ। ଏଥି ନିମନ୍ତେ ମୋଟ ଲୋକସଂଖ୍ୟାର ଚାରି ଶତାଂଶ ଲୋକ ଯଦି ଏକ ଦସ୍ତଖତ ଅଭିଯାନ କରନ୍ତି ତାକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇପାରିବ। ପ୍ରସଙ୍ଗକୁ ନେଇ ସ୍ଥଳ ବିଶେଷରେ ଏହା ଚାରି ଶତାଂଶରୁ ଚାଳିଶ ଶତାଂଶ ହୋଇପାରେ। ସ୍ୱିଜରଲାଣ୍ଡର ଛବିଶଟି ପ୍ରଦେଶ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ପ୍ରଦେଶରେ ଏହି ବ୍ୟବସ୍ଥା ଉପଲବ୍ଧ। ଅବଶ୍ୟ ଏହାର ମାତ୍ରାଧିକ ବ୍ୟବହାର କେବେ ହେଇନାହିଁ। ମାତ୍ର ଲୋକଙ୍କ ହାତରେ ଏଭଳି ଏକ କ୍ଷମତା ରହିବାଟା ତାଙ୍କ ଗଣତନ୍ତ୍ରର ଏକ ଶକ୍ତିଶାଳୀ ଅସ୍ତ୍ର ବୋଲି କୁହାଯାଇପାରେ। କେବଳ ଅଧିକାରୀ ବା ଲୋକପ୍ରତିନିଧି ନୁହେଁ ଏପରିକି ସରକାରଙ୍କର କୌଣସି ଜନସ୍ୱାର୍ଥ ବିରୋଧୀ ନିଷ୍ପତ୍ତି ଉପରେ ଗଣଭୋଟ ହୋଇ ତାକୁ ପ୍ରତ୍ୟାହାର କରିବାକୁ ସରକାରଙ୍କୁ ବାଧ୍ୟ କରାଯାଇପାରେ।ସରକାର ଭାବି ନଥିବ କୌଣସି ପ୍ରସଙ୍ଗ ଉପରେ ମଧ୍ୟ ଜନସାଧାରଣ ପ୍ରସ୍ତାବ ରଖିପାରନ୍ତି ଏବଂ ତାହା ଉପରେ ଜନମତ ନିଆଯାଇ ନୂଆ ଆଇନର ରୂପ ଦିଆଯାଇପାରେ। ଏ ଅବସ୍ଥାକୁ ଇନିସିଏଟିଭ୍ କୁହାଯାଏ।ସରକାର ମଧ୍ୟ ଯେତେବେଳେ ନିଜ ତରଫରୁ କୌଣସି ବିଷୟରେ ଲୋକଙ୍କ ମତାମତ ନେବାକୁ ଚାହାନ୍ତି ରେଫରେଣ୍ଡମ୍ ବା ପ୍ଲେବିସାଇଟ୍ ମାଧ୍ୟମରେ ଲୋକଙ୍କ ମତାମତ ନେଇଥାନ୍ତି! ତେଣୁ କୁହାଯାଇପାରେ ଯେ ତାଙ୍କ ଦେଶରେ ଗଣତନ୍ତ୍ର ପ୍ରକୃତରେ ଶୁଦ୍ଧ ଭାବରେ ନିୟୋଜିତ।

ରିକଲ୍ ବ୍ୟବସ୍ଥାକୁ ଫେରିବା। ରିକଲ୍ ବା ପ୍ରତ୍ୟାହାର ବ୍ୟବସ୍ଥା ଯୋଗୁ ତାଙ୍କ ପ୍ରତିନିଧି ଓ ପ୍ରଶାସକମାନେ ଲୋକଙ୍କ ପାଖରେ ସିଧାସଳଖ ଉତ୍ତରଦାୟୀ। ଏ ବ୍ୟବସ୍ଥା ଅନୁସାରେ ମନମୁଖି କାର୍ଯ୍ୟ କରୁଥିବା ବା ଜନସ୍ୱାର୍ଥ ବିରୋଧୀ ଲୋକପ୍ରତିନିଧି ଓ ଅଧିକାରୀମାନଙ୍କୁ ଗଣଭୋଟ ମାଧ୍ୟମରେ ବହିଷ୍କାର କରାଯାଇପାରିବ। ସ୍ୱିଜରଲାଣ୍ଡ ପରି ଆମେରିକା ୧୯୦୩ରୁ ଏହାକୁ ଗ୍ରହଣ କରିଛି । ଲସ୍ ଏଞ୍ଜେଲ୍‌ସ ସହରରେ ୧୯୦୪ରେ ଜଣେ କାଉନସିଲର୍‌ଙ୍କୁ ଏହି ପନ୍ଥାରେ ବହିଷ୍କାର କରାଯାଇଥିଲା। ୧୯୨୧ରେ ନର୍ଥ ଡାକୋଟାରେ ତାଙ୍କର ଗଭର୍ନର, ଆର୍ଟର୍ନି ଜେନେରାଲ ଏବଂ କୃଷି କମିଶନରଙ୍କୁ ପ୍ରତ୍ୟାହାର କରାଯାଇଥିଲା। ୧୯୨୯ରେ ଡେଟ୍ରଏଟର ମେୟର ଏବଂ ୧୯୩୮ରେ ଲସ୍ ଏଞ୍ଜେଲସ୍‌ର ମେୟରଙ୍କୁ ମଧ୍ୟ ରିକଲ୍ କରାଯାଇଥିଲା। ୨୦୧୧ରେ ୱିସ୍‌କନ୍‌ସିନରେ ସବୁଠୁ ବଡ଼ ରିକଲ୍ ହୋଇଥିଲା ଯେଉଁଥିରେ ୯ ଜଣ ସିନେଟ ସଦସ୍ୟଙ୍କ ବିରୋରେ ଅନ୍ୟ ପ୍ରସ୍ତାବ ଆସିଥିଲା ଏବଂ ସେଥିରୁ ଦୁଇଜଣ ପ୍ରତ୍ୟାହୃତ ହୋଇଥିଲେ। ୨୦୧୨ରେ ୱିସ୍‌କନ୍‌ସିନର ଗଭର୍ନର ସ୍କଟ୍ ୱାକର ନିଜେ ରିକଲ୍‌ର ସାମ୍ନା କରିଥିଲେ ମଧ୍ୟ ସୌଭାଗ୍ୟକୁ ବର୍ତ୍ତିଯାଇଥିଲେ।

୨୦୧୮ରେ କାଲିଫର୍ନିଆର ସିନେଟର ଜୋସ୍ ନିଉମ୍ୟାନଙ୍କୁ ପ୍ରତ୍ୟାହାର ସ୍ୱୀକାର କରିବାକୁ ପଡ଼ିଥିଲା। ଆମେରିକା ପରି ଭେନେଜୁଏଲା ମଧ୍ୟ ଏହିପରି ବ୍ୟବସ୍ଥାକୁ ଆପଣେଇଛି। ସେଠାରେ ରାଷ୍ଟ୍ରପତି, ଜଜ୍ ଓ ବରିଷ୍ଠ ପ୍ରଶାସକଙ୍କୁ ଏହାର ପରିସରଭୁକ୍ତ କରାଯାଇପାରିଛି। ଆମେରିକାର କେତେକ ସ୍ଥାନରେ ପ୍ରତ୍ୟାହୃତ ହେଉଥିବା ପଦାଧିକାରୀଙ୍କ ଉପରେ ଭୋଟ ନେଲା ବେଳେ କିଏ ତାଙ୍କ ଉତ୍ତରାଧିକାରୀ ହେବେ ତାହା ମଧ୍ୟ ଲୋକେ ସ୍ଥିର କରିଥାନ୍ତି। ଇଂଲଣ୍ଡରେ ପାର୍ଲାମେଣ୍ଟ ସଦସ୍ୟଙ୍କୁ ଭୋଟରମାନେ ପ୍ରତ୍ୟାହାର କରିପାରିବାର ଅଧିକାର ରଖନ୍ତି। ୨୦୧୫ରେ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥାରେ ଅଦ୍ୟାବଧି ୬ ଜଣ ପାର୍ଲାମେଣ୍ଟ ସଦସ୍ୟଙ୍କ ବିରୋଧରେ ରିକଲ୍ ପିଟିଶନ ଆସିଛି ଏବଂ ତନ୍ମଧ୍ୟରୁ ଚାରିଜଣଙ୍କୁ ଜନମତରେ ପରାଜିତ ହୋଇ ଗାଦି ଛାଡିବାକୁ ପଡିଥିଲା। ଜଣେ ଇସ୍ତଫା ଦେଇ ପଳାଇ ଯାଇଥିଲେ ଏବଂ ଜଣେ ବର୍ତ୍ତି ଯାଇଥିଲେ। ଇଂଲଣ୍ଡରେ ଏଭଳି ଏକ ପିଟିଶନ ପାଇଁ ଦଶ ଶତାଂଶ ଭୋଟରଙ୍କର ଦସ୍ତଖତ ଦରକାର ପଡିଥାଏ। ଏ ବ୍ୟବସ୍ଥା ତାଙ୍କ ନିର୍ବାଚିତ ଲୋକପ୍ରତିନିଧି ଓ ମନୋନୀତ ପ୍ରଶାସନିକ ଅଧିକାରୀମାନଙ୍କ ଉପରେ ଏକ ଶୃଙ୍ଖଳା ବା ନିୟନ୍ତ୍ରଣ ଭଳି କାମ କରିଥାଏ। ସେମାନଙ୍କ ମନରେ ଜନସାଧାରଣଙ୍କ ପ୍ରତି ଭୟ ଓ ଉତ୍ତରଦାୟିତ୍ୱ ରହିଥାଏ। ସେମାନେ ପ୍ରତିପାଦରେ ଅନୁଭବ କରିଥାନ୍ତି ଯେ କିଛି ଏପଟସେପଟ କଲେ ପାଞ୍ଚବର୍ଷ ପୂର୍ବରୁ ପଦବୀରୁ ବିଦା ହେବାକୁ ପଡିବ। ଲୋକଙ୍କ ବିଚାର ଶକ୍ତି ଯେ ଶ୍ରେଷ୍ଠ ଏବଂ ତାହା ଆଗରେ ନେତା ମନ୍ତ୍ରୀ ଅଫିସର ସମସ୍ତଙ୍କୁ ନତମସ୍ତକ ହେବାକୁ ପଡ଼େ ଏକଥା କେବଳ ସ୍ୱିଜରଲାଣ୍ଡ, ଇଂଲଣ୍ଡ ବା ଆମେରିକା ନୁହେଁ ବରଂ ସାରା ବିଶ୍ୱରେ ଚର୍ଚ୍ଚା ହେବା ଦରକାର। ତା'ହେଲେ ଯାଇ ଗଣତନ୍ତ୍ର ସୁଦୃଢ଼ ହେବ ଓ ପ୍ରଶାସନ ଉତ୍ତରଦାୟୀ ହେବ। ଯେ ପର୍ଯ୍ୟନ୍ତ ସେମାନେ ଭାବୁଥିବେ ଯେ ଥରେ ଆମେ ନିର୍ବାଚିତ ବା ମନୋନୀତ ହୋଇଗଲେ କେହି ଆଉ ଆମକୁ ହଟେଇପାରିବେନି, ସେ ଯାଏ ଗଣତନ୍ତ୍ର ଓ ଶାସନବ୍ୟବସ୍ଥା ତ୍ରିଶଙ୍କୁ ଅବସ୍ଥାରେ ଥିବ। ଏଭଳି ମନମୁଖିତାର ଅନ୍ତ ଆଣିବାପାଇଁ ଭାରତରେ ମଧ୍ୟ ଏହିପରି ଏକ ବ୍ୟବସ୍ଥାର ଯେ ଆବଶ୍ୟକତା ଅଛି ଏହା ନିଶ୍ଚୟ ନାଗରିକ ଓ ବୁଦ୍ଧିଜୀବୀମାନେ ଅନୁଭବ କରିବେ।

ଭୁବନେଶ୍ୱର, ମୋ: ୯୪୩୭୨୮୬୫୧୨

# ଶରୀରକୁ ଫିଟ୍ ରଖେ ଦୋଳି



ଡା. କାନ୍ତୀ ନାୟକ

ରଜପର୍ବ ଭିତରେ ଝିଅ ଆଉ ମହିଳାମାନଙ୍କ ସବୁଠାରୁ ଦୁର୍ବଳତା ହେଉଛି ରଜ ଦୋଳି। ରଜ ଦୋଳି ଏଯାବତ କେବଳ ବିଭିନ୍ନ ଗାଁ ଗଣ୍ଡାରେ ନୁହେଁ ସହରରେ ମଧ୍ୟ ଏହାର ଆକର୍ଷଣ ବଢୁଛି। ତେବେ ଆମେ ଏହି ରଜ ଦୋଳି ଆଲୋଚନା ସମୟରେ ଆସନ୍ତୁ ଟିକିଏ ଜାଣିବା ପ୍ରକୃତରେ ଶରୀର ପାଇଁ ଦୋଳିର ଆବଶ୍ୟକତା କେତେ।

ସାଧାରଣତଃ ସମସ୍ତେ ଭାବନ୍ତି ଛୋଟ ପିଲାମାନେ ଦୋଳି ଖେଳିବା ଦରକାର। ବୟସ୍କଙ୍କ ଏହା ଆବଶ୍ୟକତା ନାହିଁ। ହେଲେ ଧାରଣା ପୂରା ଭୁଲ୍। ଛୋଟଠାରୁ ବୟସ୍କ ସମସ୍ତେ ଦୋଳି ଖେଳିବା ଦରକାର। ଏହାଦ୍ୱାରା ମନୋରଞ୍ଜନ ହେବା ସହ ବ୍ୟାୟାମ ହୋଇଥାଏ। ଶରୀର ମଧ୍ୟ ସୁସ୍ଥ ରହେ। ଦୋଳି ଖେଳିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ସକ୍ରିୟ ହୋଇଥାଏ। ଗୋଡ଼, ହାତ, ଛାତି, ପେଟ ଓ ମସ୍ତିଷ୍କ ଆଦିର ବ୍ୟାୟାମ ହୋଇଥାଏ। ଏହାଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ। ଏହା ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର କରିଥାଏ। ଦୋଳି ଖେଳିବା ସମୟରେ ପାଦକୁ ଭୂମିରେ ଲଗାଇ ବଳ ପ୍ରୟୋଗ କରି ଦୋଳିରେ ଆଗକୁ ଆସିବାକୁ ପଡ଼େ। ପୁନଃ ପଛକୁ ଯିବାକୁ ହୁଏ। ଦୋଳି ଖେଳିବା ସମୟରେ ଗୋଡ଼ ସିଧା ଲମ୍ବାଇ ତଳକୁ ରଖି ପଛକୁ ଫେରିବାକୁ ହୋଇଥାଏ। ଏହାଦ୍ୱାରା ଆଣ୍ଠୁର ବ୍ୟାୟାମ ହୋଇଥାଏ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଶଙ୍କା ଦୂର ହୋଇଯାଏ। ଗୋଡ଼ର ବ୍ୟାୟାମ ହେବା ଦ୍ୱାରା ଗୋଡ଼ର ମାଂସପେଶୀ ସୁଦୃଢ଼ ହୁଏ। ସେହିପରି ଏହା ବାହୁକୁ ଶକ୍ତ କରିଥାଏ। ଦୋଳି ଧରି ଖେଳିବା ସମୟରେ ନିଜ ଶରୀରକୁ ଦୋଳି ଅନୁଯାୟୀ ଆଗକୁ ଓ ପଛକୁ ନେବା ପାଇଁ ହାତରେ ଦଉଡା ହେଉ କିମ୍ବା ବାଉଁଶ ଉପରେ ଚାପ ପ୍ରୟୋଗ କରିବାକୁ ପଡ଼ିଥାଏ। ଫଳରେ ହାତର ବ୍ୟାୟାମ ହୁଏ ଓ ବାହୁ ଶକ୍ତିଶାଳୀ ହୁଏ। ହାତର ଗଣ୍ଠିରେ ମଧ୍ୟ ଯନ୍ତ୍ରଣା ହୁଏନାହିଁ।

ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ। ଦୋଳି ଖେଳିବା ଦ୍ୱାରା ହୃଦ୍‌ରୋଗର ଆଶଙ୍କା ହ୍ରାସ ପାଇଥାଏ। ଦୋଳି ଖେଳିବା ସମୟରେ ଛାତିର ବ୍ୟାୟାମ ହୋଇଥାଏ। ଦୋଳିରେ ଆଗକୁ ଯିବା ସମୟରେ ଛାତିକୁ ଆଗକୁ ନେବାକୁ ଏବଂ ପଛକୁ ଆସିବା ସମୟରେ ଛାତିକୁ ମଧ୍ୟ ପଛକୁ ଆଣିବାକୁ ପଡ଼ିଥାଏ। ଏହାଦ୍ୱାରା ହୃଦ୍‌ସ୍ପନ୍ଦନ ବୃଦ୍ଧି ହୁଏ, ଯାହାକି ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ପେଟ ରୋଗ ଦୂର ହୋଇଥାଏ। ଦୋଳି ଖେଳିବା ସମୟରେ ଛାତି ଆଗକୁ ପଛକୁ କରିବା ଦ୍ୱାରା ପେଟରେ ଚାପ ପଡ଼େ। ଯାହା ପେଟରୁ ଚର୍ବି ହ୍ରାସ କରେ। ଏକ୍ସରସାଇଜ ହେବା ଦ୍ୱାରା ପେଟରୁ ଅମ୍ଳ



ଦୂର ହୋଇଯାଏ, ଷ୍ଟୋନ ହୁଏ ନାହିଁ, ପାଚନ କ୍ରିୟା ସୁଦୃଢ଼ ହୁଏ ଓ ଭୋକ ଠିକ୍ ସମୟରେ କରେ। ଦୋଳି ଖେଳିବା ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟ କରେ। ଫଳରେ ସମ୍ପୂର୍ଣ୍ଣ ଶରୀରର ବ୍ୟାୟାମ ହେବା ଦ୍ୱାରା ଶରୀର ସ୍ଲିମ୍ ହୋଇଯାଏ। ରକ୍ତସଞ୍ଚାଳନ ବୃଦ୍ଧି କରିଥାଏ। ଦୋଳି ଖେଳିବା ଦ୍ୱାରା ଶରୀରର ରକ୍ତସଞ୍ଚାଳନ ବୃଦ୍ଧି ହୁଏ। ରକ୍ତ ସଞ୍ଚାଳନ ବୃଦ୍ଧି ହେବା ଦ୍ୱାରା ଶରୀରର ବିଭିନ୍ନ ରୋଗ ଦୂର ହୁଏ ଓ ବ୍ୟକ୍ତି ସୁସ୍ଥ ରହେ।

ମନ ଶାନ୍ତ ରହିଥାଏ। ଦୋଳି ଖେଳିବା ଦ୍ୱାରା ମନୋରଞ୍ଜନ ହୋଇଥାଏ। ଏହା ଶରୀରରେ ଏପରି ଏକ ଶିହରଣ ସୃଷ୍ଟି କରେ, ଯାହା ମନରୁ କ୍ରୋଧ ଦୂର କରି ମନକୁ ଶାନ୍ତ କରେ। ଏହାଦ୍ୱାରା ବ୍ୟକ୍ତି ହାଲୁକା ଅନୁଭବ କରେ। ପିଲା ହୁଅନ୍ତୁ ଅବା ବୟସ୍କ ଏହାଦ୍ୱାରା ବେଶ୍ ଆରାମ ଓ ହାଲୁକା ଅନୁଭବ କରନ୍ତି। ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ। ଦୋଳି ଖେଳିବା ଦ୍ୱାରା ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ଦୂର ହୋଇଯାଏ। ମସ୍ତିଷ୍କରୁ ଏପରି ଏକ ହର୍ମୋନ ନିର୍ଗତ ହୁଏ ଯାହା ଶରୀର ଓ ମନକୁ ଶାନ୍ତ କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କ ଭାରାକ୍ରାନ୍ତରୁ ବାହାରି ହାଲୁକା ହୁଏ ଓ ଅଧିକ ସକ୍ରିୟ ହୁଏ। ଏହାଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଏ।

ତେବେ ରଜ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ଦୋଳି ଖେଳ ହୋଇଥାଏ। ଆଜିକାଲି ବିଭିନ୍ନ ଅନୁଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୋଳି ଖେଳିବାର ବ୍ୟବସ୍ଥା ହେଉଛି। ଏସବୁ ଭିତରେ ଦୋଳି ଖେଳିବା ସମୟରେ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ। ଦୋଳିଟି ଠିକ୍ ଭାବେ ପ୍ରସ୍ତୁତ ହୋଇଛି କି ନାହିଁ ଭଲ ଭାବେ ଦେଖନ୍ତୁ। କାରଣ ଅନେକ ସମୟରେ ଅଚାନକ ଦୋଳି ଭାଙ୍ଗିଯିବା ପରି ଅଘଟଣ ଓ ଗୁରୁତର ହେବାର ଘଟଣା ମଧ୍ୟ ଦେଖିବାକୁ ମିଳିଥାଏ। ସେହିପରି ମହିଳାମାନେ ଦୋଳି ଖେଳୁଥିବା ସମୟରେ ନିଜ ପୋଷାକ ପରିପାଟୀକୁ ନେଇ ଟିକିଏ ସତର୍କ ରହିବା ଜରୁରୀ। କାରଣ ଶାଢ଼ି କିମ୍ବା ସାଲୱାର ବେଳେ ବେଳେ ଅସହଜ ବା ଅସୁବିଧାଜନକ ହୋଇଥାଏ। ସେହିପରି ଗର୍ଭବତୀ ମହିଳାଙ୍କ ପାଇଁ ଦୋଳି ଖେଳିବା ମନା। ହୃଦ୍‌ରୋଗ, ଶ୍ୱାସରୋଗ, ମୁଣ୍ଡ ବୁଲାଇଦେବା ସମସ୍ୟା ଏପରିକି ଉଚ୍ଚରକ୍ତଚାପ ଥିବା ମହିଳାମାନଙ୍କ ପାଇଁ ଦୋଳି ଖେଳିବା ସମୟରେ ସତର୍କତା ଅତ୍ୟନ୍ତ ବାଞ୍ଛନୀୟ। ଖାଦ୍ୟ ବା କୌଣସି ପାନୀୟ ଅତ୍ୟଧିକ ଗ୍ରହଣ କରିଥିଲେ ତତ୍କ୍ଷଣାତ ପରବର୍ତ୍ତୀ ସମୟରେ ଦୋଳି ଖେଳିବାରୁ ନିବୃତ୍ତ ରୁହନ୍ତୁ। ଦୋଳି ଏକ ଚମତ୍କାର ବ୍ୟାୟାମ, ତେବେ ଏସବୁ ଭିତରେ ଆପଣଙ୍କର ସାମାନ୍ୟତମ ସତର୍କତା ଅବଲମ୍ବନ କଲେ ଏହା ଆପଣଙ୍କ ପାଇଁ ଆନନ୍ଦଦାୟକର ଏକ ଅନୁଭବ ହେବ।

**ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଅଧୀକ୍ଷକ, ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହସ୍ପିଟାଲ, ସିଡିଏ, କଟକ**
**ମୋ:୯୪୩୭୬୬୬୪୫୨**

## ଏଇ ଭାରତରେ

ତାମିଲନାଡୁର ୪୧ ବର୍ଷୀୟ ଥୋକାପ୍ପିୟାନ ଶିବରାଜ ଜଣେ କନ୍‌ଷ୍ଟେବଲ। ଘର ତାମିଲନାଡୁର ଭିଲୁପୁରମା କମ୍ପୁରରେ। ଶିବରାଜ ତାଙ୍କ ଫାର୍ମଲାଣ୍ଡକୁ ଏକ ଫ୍ରି ଏକାଡେମୀରେ ପରିଣତ କରିଦେଇଛନ୍ତି। ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ପରେ ଆଗକୁ ପଢ଼ିବାକୁ ତାଙ୍କର ଇଚ୍ଛା ଥିଲେ ବି ଅର୍ଥାଭାବ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ଫଳରେ ରୋଜଗାର ଲକ୍ଷ୍ୟରେ ସେ ସରକାରୀ ଚାକିରିର ପ୍ରସ୍ତୁତି ଆରମ୍ଭ କରିଥିଲେ। ଶେଷରେ ଶିବରାଜ ୨୦୧୦ରେ ତାମିଲନାଡୁ ପୋଲିସରେ କନଷ୍ଟେବଲ ଭାବେ ଭର୍ତ୍ତି ହୋଇଥିଲେ। ସେ ଭୋଗିଥିବା କଷ୍ଟ ଓ ଅଭାବ ଆଉକାହା ଜୀବନରେ ନ ଆସୁ, ସେଥିପାଇଁ ସରକାରୀ ଚାକିରି କରିବାକୁ ଚାହୁଁଥିବା ପିଲାଙ୍କୁ ଶିକ୍ଷା ଓ ବିଭିନ୍ନ ଧନ୍ଦାମୂଳକ ଟ୍ରେନିଂ ବ୍ୟବସ୍ଥା କରିଛନ୍ତି। ସେ ୧ ଏକର ଚାଷ ଜମିକୁ ଟ୍ରେନିଂ ଗ୍ରାଉଣ୍ଡ କରିଦେଇଛନ୍ତି। ଶିବରାଜ ଏହା ପାଇଁ ତାଙ୍କ ସଞ୍ଚିତ ଅର୍ଥରୁ ୧୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ଶିବରାଜଙ୍କ ପୂରା ପରିବାର ପିଲାମାନଙ୍କୁ ପଢ଼ାଉଛନ୍ତି। ସେ ଟ୍ରେନିଂ ସେଣ୍ଟରର ନାମ ରଖିଛନ୍ତି ପୁଥିୟା ସିରାଗୁଗଲ ଅର୍ଥାତ୍ 'ନ୍ୟୁ ୱିଙ୍ଗସ'। ୨୦୧୩ରେ ଏହାକୁ ପ୍ରତିଷ୍ଠା କରିଥିଲେ। ଏବେ ସୁଦ୍ଧା ୪୦୦ରୁ ଉର୍ଦ୍ଧ୍ୱ ଗ୍ରାମୀଣ ଯୁବକ ଏଠାରେ ଟ୍ରେନିଂ ନେଇ ସରକାରୀ ଚାକିରି ପାଇ ସାରିଲେଣି। ତାଙ୍କ ଭାଇ ସତ୍ୟରାଜ ଶାରୀରିକ ଟ୍ରେନିଂ ଦେଉଛନ୍ତି। ଶିବରାଜଙ୍କ ଭଉଣୀ ଜୀବିତା ଟାଇପିଂ, କମ୍ପ୍ୟୁଟର ଶିକ୍ଷା ଦେଉଛନ୍ତି। ପ୍ରଥମେ ସେ ୩୩ ପିଲାଙ୍କୁ ଟ୍ରେନିଂ ଦେଉଥିଲେ। ଏବେ ୬୩ ପିଲା ଟ୍ରେନିଂ ନେଉଛନ୍ତି। ପିଲାମାନଙ୍କୁ ସେଠାରେ ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ଚିରନ୍ତନୀ

ଲେଖିଲେ ଏ ପାଷାଣର ଗତେ
''ସକଳ ଯେ ସମାନ ଜଗତେ''
ସବୁ ବଡ଼ ସାନଦୀନ ଧନବାନ
ନତ ମୁଣ୍ଡ ଏଥିରୁଣ୍ଡ।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | 6 | | | | 8 |
| | | | | | 8 | | 1 | |
| 1 | | | | 3 | | | 5 | |
| 9 | | 1 | | | | 5 | | |
| | | 4 | | | | | 2 | 6 |
| 8 | | | | | 4 | | | |
| 3 | | | 7 | | | 1 | 6 | |
| | 2 | | 6 | | | 9 | 3 | |
| | | | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 8 | 5 | 2 | 9 | 7 | 4 | 3 |
| 5 | 7 | 4 | 1 | 3 | 8 | 6 | 9 | 2 |
| 9 | 3 | 2 | 6 | 4 | 7 | 1 | 5 | 8 |
| 3 | 8 | 7 | 4 | 5 | 2 | 9 | 1 | 6 |
| 2 | 1 | 9 | 7 | 6 | 3 | 5 | 8 | 4 |
| 6 | 4 | 5 | 9 | 8 | 1 | 2 | 3 | 7 |
| 8 | 5 | 3 | 2 | 9 | 6 | 4 | 7 | 1 |
| 4 | 2 | 1 | 8 | 7 | 5 | 3 | 6 | 9 |
| 7 | 9 | 6 | 3 | 1 | 4 | 8 | 2 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଦୃଶ୍ୟ ଅପରାଧୀ

ମହାଶୟ,

ଡିଜିଟାଲ ଯୁଗରେ ଛୋଟ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍ ଓ ଇଣ୍ଟରନେଟ ବହୁଳ ବ୍ୟବହାର ହେଉଛି। ଆଉ ଏହାର ସୁଯୋଗ ନେଉଛନ୍ତି ଅଦୃଶ୍ୟ ସାଇବର ଠକ। ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବା ପରେ ମଧ୍ୟ ସାଇବର ଠକେଇ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସାଇବର ଠକମାନେ ବିଭିନ୍ନ ପ୍ରକାର ଉପାୟରେ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ବିଭିନ୍ନ ପ୍ରକାର ଲୋଭ ଦେଖାଇ କିମ୍ବା ଭୟଭୀତ କରି ଲୋକଙ୍କଠାରୁ ଠକୁଛନ୍ତି। ସାଧାରଣ ଭାବେ ଦେଖିବାକୁ ମିଳୁଛି ଯେଉଁ ଲୋକ ଠକାମିର ଶିକାର ହେଉଛନ୍ତି ତାଙ୍କର ନିଜର ସାମାନ୍ୟ ଅସାବଧାନତା ଯୋଗୁ ଏହିପରି ଘଟଣା ଘଟୁଛି। ଯେତେବେଳେ କୌଣସି ଅପରିଚିତ ବ୍ୟକ୍ତି ଫୋନ କରି କୌଣସି ବ୍ୟକ୍ତିଗତ ତଥ୍ୟ କିମ୍ବା ଆକାଉଣ୍ଟ ସମ୍ପର୍କରେ ପଚାରୁଛନ୍ତି ସେଇ ସମୟରେ ଜଣେ ସତର୍କ ହେବା ଉଚିତ। କାରଣ କୌଣସି ଅପରିଚିତ ବ୍ୟକ୍ତିଙ୍କୁ ନିଜ ବ୍ୟକ୍ତିଗତ ତଥ୍ୟ ପ୍ରକାଶ କରିବା ଅନୁଚିତ। ସାଇବର ଠକ ପ୍ରଥମେ କଲ୍ କରି ଲୋକଙ୍କ ବିଶ୍ୱାସ ଜିତିବା ପାଇଁ ଚେଷ୍ଟା କରନ୍ତି, ଯାହା ଫଳରେ କି ତାଙ୍କ ଉପରେ ଜଣଙ୍କର ସନ୍ଦେହ ସୃଷ୍ଟି ହେବ ନାହିଁ। ଏହା ପରେ ତାଙ୍କଠାରୁ ବିଭିନ୍ନ ପ୍ରକାର ଶୈଳୀରେ ତଥ୍ୟ ହାସଲ କରିଥାନ୍ତି। ଆକାଉଣ୍ଟ ସମ୍ପର୍କରେ ତଥ୍ୟ ମାଗି ଆକାଉଣ୍ଟ ଠିକ କରିବା ପାଇଁ କହି ଫସାଉଛନ୍ତି। ଯଦି ଏମିତି କଲ୍ ଆସୁଛି ଆଉ ଏସବୁ ଜିନିଷ ଯଦି କିଏ ଆପଣଙ୍କୁ କହୁଛି ତାହେଲେ ତୁରନ୍ତ ଆପଣଙ୍କ ନିକଟସ୍ଥ ପୋଲିସ ଥାନାରେ ଯାଇ ଏ ବାବଦରେ ସୂଚନା ଦିଅନ୍ତୁ କିମ୍ବା ସାଇବର ଥାନାକୁ ଯାଇ ଅଭିଯୋଗ କରନ୍ତୁ। ଆପଣ ଚାହିଁଲେ ସାଇବର ହେଲ୍ପ ଡେସ୍କର ବି ସହାୟତା ନେଇପାରିବେ। ଠକେଇ ହେବାର ଗୋଲଡେନ ପିରିୟଡ ଭିତରେ ଅର୍ଥାତ ପ୍ରଥମ ଏକ ଘଣ୍ଟା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

**-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସିବିଆଇ ଜାଲରେ ଇପିଏଫ୍ ପିଆର୍‌ଓ

**ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ନେଉଥିଲେ ୧୦ ଲକ୍ଷ ଟଙ୍କା ଲାଞ୍ଚ**

- ଡିଜିଟାଲ ଦସ୍ତଖତ ଅନୁମୋଦନ ପାଇଁ ଦିନ ଗଡାଉଥିଲେ
- କମ୍ପାନୀ ପିଛା ୫ ହଜାର ନେଉଥିବାବେଳେ ଧରାପଡ଼ିଲେ

ଭୁବନେଶ୍ୱର,୧୩।୬
(ସତ୍ୟଜିତ୍ ରାଉତ)

ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ବ୍ରହ୍ମପୁର ଇପିଏଫ୍ ଆଞ୍ଚଳିକ କାର୍ଯ୍ୟାଳୟର ପିଆର୍‌ଓ ଅନିଲ ରଥଙ୍କୁ ସିବିଆଇ ଗିରଫ କରିଛି। ସିବିଆଇ ଟିମ୍ ଅଭିଯୁକ୍ତ ଅନିଲଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ତାଙ୍କୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ରଥଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଭିଯୋଗକାରୀ ହେଲେ ବ୍ରହ୍ମପୁର ଆସ୍କାରୋଡ୍ ଲେନ୍-୨ର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁରଜ କୁମାର ଦାଶ। ସୁରଜ ଏମ୍/ଏସ୍ ଜୟ ଜଗନ୍ନାଥ ଇନ୍‌ଫ୍ରାଟେକ୍ ପକ୍ଷରୁ ଡିଜିଟାଲ୍ ଦସ୍ତଖତ ଅନୁମୋଦନ ପାଇଁ ଇପିଏଫ୍‌ଓ ପୋର୍ଟାଲ ଜରିଆରେ ମାର୍ଚ୍ଚ ୬ରେ ଆବେଦନ କରିଥିଲେ। ହେଲେ ଇପିଏଫ୍‌ଓ ଅଫିସ ପକ୍ଷରୁ ବିଭିନ୍ନ ତ୍ରୁଟି ଦର୍ଶାଯାଇ ଏହି ଆବେଦନକୁ ପ୍ରତ୍ୟାଖାନ କରିଦିଆଯାଉଥିଲା। ପ୍ରଥମ ଆବେଦନରେ ୫ଏ ଫର୍ମ ଅପଲୋଡ୍ ହୋଇ ନ ଥିବା କାରଣ ଦର୍ଶାଯାଇଥିଲା। ଫଳରେ କମ୍ପାନୀ ପକ୍ଷରୁ ସୁରଜ ବ୍ରହ୍ମପୁରସ୍ଥିତ ଇପିଏଫ୍‌ଓ ଅଫିସ ଯାଇଥିଲେ। ସେଠାରେ ଅନିଲ ତାଙ୍କୁ ଅତିରିକ୍ତ କାଗଜପତ୍ର ଆଦି ଦାଖଲ କରିବାକୁ କହିଥିଲେ। ପରେ ଜୟ ଜଗନ୍ନାଥ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦସ୍ତଖତ ଥିବା ସବୁ ଦସ୍ତାବିଜ୍‌କୁ ମେ ୧୭ରେ ସୁରଜ ଦାଖଲ କରିଥିଲେ। ହେଲେ ଦ୍ୱିତୀୟଥର ପାଇଁ ମଧ୍ୟ ତାହାକୁ ରିଜେକ୍ଟ କରିଦିଆଯାଇଥିଲା। ୫ଏ ଫର୍ମ ସହ ପ୍ୟାନ୍ ଓ ଆଧାର ଅପ୍‌ଲୋଡ କରିବାକୁ କୁହାଯାଇଥିଲା। ଜୁନ ୩ରେ ଉକ୍ତ କାଗଜପତ୍ରକୁ ସୁରଜ ପୋର୍ଟାଲ ଜରିଆରେ ତୃତୀୟଥର ପାଇଁ ଅପ୍‌ଲୋଡ କରି ଇପିଏଫ୍‌ଓ ଅଫିସ ଯାଇ ମଧ୍ୟ ଦାଖଲ କରିଥିଲେ। ସେହିପରି ଜୁନ ୪ରେ ସୁରଜ ଅନ୍ୟଏକ କମ୍ପାନୀ ଏମ୍/ଏସ୍ ଉତ୍ତମ ପାଢ଼ୀ ପକ୍ଷରୁ ପୋର୍ଟାଲ ଜରିଆରେ ଓ ଅଫିସ୍‌କୁ ଯାଇ ଡିଜିଟାଲ ଦସ୍ତଖତ ପାଇଁ ଆବେଦନ କରିଥିଲେ। ହେଲେ ସପ୍ତାହ ପରେ ମଧ୍ୟ ୨ କମ୍ପାନୀର ଆବେଦନ ପ୍ରକ୍ରିୟାଧୀନ ଦେଖାଇବାରୁ ସୁରଜ ଜୁନ ୧୧ରେ ଇପିଏଫ୍‌ଓ ଅଫିସକୁ ତାହାର କାରଣ ପଚାରିଥିଲେ। ଏଥିପାଇଁ କମ୍ପାନୀ ପିଛା ୫ ହଜାର ଲେଖାଏ ଦେବାକୁ ପଡ଼ିବ ବୋଲି ଅନିଲ କହିଥିଲେ। ଏନେଇ ସୁରଜ ଟୋଲଫ୍ରି ନମ୍ବର ଜରିଆରେ ସିବିଆଇକୁ ଜଣାଇବା ସହ ଗୁରୁବାର ଭୁବନେଶ୍ୱର ଆସି ଲିଖିତ ଅଭିଯୋଗ କରିଥିଲେ। ଯୋଜନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୦ଟାରେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଛକସ୍ଥିତ ଏକ ଷ୍ଟ୍ରିଟ୍‌ଫୁଡ୍ ଷ୍ଟଲ ପାଖରେ ସୁରଜଙ୍କଠାରୁ ଅନିଲ ଲାଞ୍ଚ ନେବା ବେଳେ ସିବିଆଇ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ

ବାଲେଶ୍ୱର,୧୩।୬(ବାଞ୍ଛାନିଧି ବେ)

**ହୋଟେଲ ରୁମ୍‌ରୁ ଜବତ ହେଲା ମୃତଦେହ**

ବାଲେଶ୍ୱର ଟାଉନ ଥାନା ଅଧୀନ ମୋତିଗଞ୍ଜ ସିନେମା ବଜାରସ୍ଥିତ ଏକ ହୋଟେଲରେ ଜଣେ ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଉକ୍ତ ହୋଟେଲର ୧୧୨ନଂ ରୁମ୍‌ରୁ ଶୁକ୍ରବାର ପୋଲିସ ତାଙ୍କ ମୃତଦେହ ଜବତ କରିଛି ଓ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୬୦/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ଡାକ୍ତର ହେଲେ ପ୍ରଦୀପ ମଲ୍ଲିକ (୪୫)। ତାଙ୍କ ଘର କୋଲକାତାର କାଳୀଘାଟ ଅଞ୍ଚଳରେ ଥିବା ୧/୩ସି ପ୍ରିନ୍ସ ଗୋଲାମ ମହମ୍ମଦ ଷ୍ଟ୍ରିଟ୍‌ରେ। ସେ ପ୍ରତିମାସରେ ବାଲେଶ୍ୱରରେ ଥିବା ନିଶା ନିବାରଣ କେନ୍ଦ୍ରକୁ ଆସି ରୋଗୀମାନଙ୍କୁ ଚିକିତ୍ସା କରିଥାନ୍ତି ବୋଲି ହୋଟେଲ ମ୍ୟାନେଜର କହିଛନ୍ତି। ଗତ ୭/୮ ବର୍ଷ ଧରି ସେ ବାଲେଶ୍ୱରକୁ ଆସନ୍ତି ଏବଂ ଏହି ହୋଟେଲରେ ରହିଥାନ୍ତି। ଶୁକ୍ରବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଡା. ମଲ୍ଲିକ ନିଜ ରୁମ୍‌ର କବାଟ ନ ଖୋଲିବାରୁ ହୋଟେଲ ମ୍ୟାନେଜର ଟାଉନ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯାଇ ବେଡ୍ ଉପରେ ଶୋଇଥିବା ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କ ପାଟିରୁ ଧଳା ରଙ୍ଗର ଫେଣ ବାହାରୁଥିଲା। ପୋଲିସ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରିବାର ଲୋକଙ୍କୁ ପୋଲିସ ଏ ସମ୍ପର୍କରେ ଖବର ଦେଇଛି। ପରିବାର ଲୋକେ ଆସିଲେ ଶନିବାର ମୃତଦେହର ବ୍ୟବଚ୍ଛେଦ ହେବ ବୋଲି ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଆଇଆଇସି ଦାସ କହିଛନ୍ତି।

# ଭୁବନେଶ୍ୱରରେ ଆନ୍ତଃରାଜ୍ୟ ବନ୍ଧୁକ ରାକେଟ୍ ଧରାପଡ଼ିଲା

ଭୁବନେଶ୍ୱର,୧୩।୬
(ସତ୍ୟଜିତ୍ ରାଉତ)


ଗିରଫ ୫ ଅଭିଯୁକ୍ତ।

**୫ ଗିରଫ; କାର୍ ସମେତ ୬ ବନ୍ଧୁକ, ୧୮ ଗୁଳି ଜବତ**

- ଜଟଣୀରେ ଭଡାଘରେ ରହି ଚଳାଉଥିଲେ ନେଟୱର୍କ
- ପୋଖରୀପୁଟରେ ଚଢ଼ାଉ କରି ମାଡିବସିଲା ପୋଲିସ

ରାଜ୍ୟ ବାହାରୁ ଆସି ଓଡ଼ିଶାରେ ରହିଥିଲେ। ଘନିଷ୍ଠ ସହଯୋଗୀଙ୍କ ଜରିଆରେ ଚଳାଇଥିଲେ ବନ୍ଧୁକ ବିକ୍ରି ନେଟ୍‌ୱର୍କ। ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟରୁ ଚୋରାରେ ବନ୍ଧୁକ ଆଣି ଅପରାଧୀଙ୍କ ପାଖରେ ପହଞ୍ଚାଉଥିଲେ। ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରେ ଶୁକ୍ରବାର ସକାଳେ କମିଶନରେଟ୍ ପୋଲିସ ଚଢାଉ କରି ର୍‍ୟାକେଟର ୫ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରୁ ବାହାର ରାଜ୍ୟର ୪ଜଣ ଏବଂ ଜଣେ ଓଡ଼ିଶାର। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ବଲିଆ ଜିଲାର ପ୍ରବୀଣ କୁମାର ସିଂ (୪୦), ଅଭିଷେକ ରାଜପୁତ (୩୧), ଇନ୍ଦ୍ରଜିତ୍ ସିଂ (୩୮), ମଧ୍ୟପ୍ରଦେଶ ଭିନ୍ଦ ଜିଲାର ରାଘବେନ୍ଦ୍ର ସିଂ (୨୮) ଓ କଟକ ଜିଲା ସାଲେପୁରର ଏସ୍‌କେ ସକିଲ୍ (୨୮)। ସେମାନଙ୍କଠାରୁ କାର୍ (ଜିଜେ୨୭ଡିଏମ୍୫୧୯୬) ସମେତ ୪ଟି ୭.୬୫ ସେମି ଅଟୋମେଟିକ୍ ପିସ୍ତଲ, ଗୋଟିଏ ୬ରାଉଣ୍ଡ ରିଭଲଭର୍, ଗୋଟିଏ ସିଙ୍ଗଲ୍ ଶୁଟ୍, ୧୮ଟି ଗୁଳି ଓ ୫ଟି ମୋବାଇଲ ଜବତ ହୋଇଛି। ଏନେଇ ଏୟାରପୋର୍ଟ ଥାନା ପକ୍ଷରୁ ଆର୍ମସ ଆକ୍ଟର ବିଭିନ୍ନ ସେକ୍ସନ୍‌ରେ ମାମଲା (ନଂ.୧୮୨/୨୦୨୫) ରୁଜୁକରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରବୀଣ ୨ ମାସ ହେବ ଜଟଣୀ ଗେଟ୍ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ। ସହଯୋଗୀ ଅଭିଷେକ, ଇନ୍ଦ୍ରଜିତ୍ ଓ ରାଘବେନ୍ଦ୍ର ଜରିଆରେ ବନ୍ଧୁକ ଆଣିବା ସହ ରାଜ୍ୟରେ ବିକ୍ରି କରୁଥିଲେ। ବନ୍ଧୁକ ଅନୁସାରେ ଲୋକ ଦେଖି ୪୦ ହଜାରରୁ ୧ ଲକ୍ଷେ ଟଙ୍କା ଯାଏ ନେଉଥିଲେ। ଏଜେଣ୍ଟ ଭାବରେ କାମ କରୁଥିବା ସକିଲ୍ ବନ୍ଧୁକ ନେବାକୁ ସକାଳେ ଆସିଥିଲେ। ୪ଜଣ କାର୍‌ରେ ଆସି ସକିଲଙ୍କୁ ବନ୍ଧୁକ ଦେଉଥିବା ବେଳେ ସ୍ୱତନ୍ତ୍ର ପୋଲିସ ଟିମ୍ ଚଢ଼ାଉ କରିଥିଲା। ତେବେ ଏମାନେ ଉତ୍ତରପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟରୁ ବନ୍ଧୁକ ଆଣୁଥିଲେ ବୋଲି ଜଣାପଡ଼ିଛି। ଏମାନଙ୍କ ର୍‍ୟାକେଟର ଆଉ କେତେଜଣ ଅଛନ୍ତି ତାହା ଜାଣିବାକୁ ପୋଲିସ ଖୋଳତାଡ଼ ଚଳାଇଛି। ଏନେଇ ଅଧିକ ତଦନ୍ତ ଚାଲିଥିବା ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ବଳଙ୍ଗା,୧୩।୬ (କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ମାନସିକ ଭାରସାମ୍ୟ ହରାଇ ଘରେ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୧୯/୨୫) ରୁଜୁ କରିବା ସହ ଅଭିଯୁକ୍ତ ଅମୂଲ୍ୟ ପ୍ରଧାନ ଓରଫ ବିଜୁ (୨୨)ଙ୍କୁ ଗୁରୁବାର ରାତିରେ ନୟାଗଡ଼ ଅଞ୍ଚଳରୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ପୋଲିସ ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ମୁତାବକ, ଗୁରୁବାର ସକାଳେ ନାବାଳିକା ନିକଟସ୍ଥ ଏକ ସ୍ଥାନକୁ ନଡ଼ିଆ କତା କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରିବାବେଳେ ଶୋଷ ଲାଗିବାରୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ପାଣି ପିଇବା ପାଇଁ ଯାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଇଲେକ୍ଟ୍ରି କାମ କରୁଥିବା ଜଣେ ଯୁବକ ତାଙ୍କୁ ଏକୁଟିଆ ଦେଖି ବଳାତ୍କାର ଉଦ୍ୟମ କରିଥିଲେ। ସେ ପାଟି କରିବାରୁ ଅଭିଯୁକ୍ତ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିବା ସହିତ ପରିବାର ଲୋକଙ୍କୁ ଜଣାଇଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ପୀଡ଼ିତା ବହୁ କଷ୍ଟରେ ଘରେ ପହଞ୍ଚିଥିଲେ। ଏହି ସମୟରେ ମା' ବାପା ଘରେ ନ ଥିଲେ। ସେ ଫୋନ କରି ସମସ୍ତ ଘଟଣା ଜଣାଇବା ସହିତ ତୁରନ୍ତ ଘରେ ପହଞ୍ଚିବାକୁ କହିଥିଲେ। ମା', ବାପା ଘରେ ପହଞ୍ଚିବା ବେଳକୁ ଝିଅ କୀଟନାଶକ ପିଇ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଜିଲା ତାଙ୍କୁ ମୁଖ୍ୟ ଚିକିତ୍ସାଳୟ ଓ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

**ବିଧାୟକଙ୍କଠାରୁ ୧.୪ କୋଟି ଟଙ୍କା ଠକେଇ ଘଟଣା**

# ଗୁଜରାଟରୁ ଆଉ ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୩।୬ (ସତ୍ୟଜିତ୍ ରାଉତ)

ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ତୁଷାରକାନ୍ତି ବେହେରାଙ୍କଠାରୁ ୧ କୋଟି ୪୦ ଲକ୍ଷ ଟଙ୍କା ସାଇବର ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଆଉ ଦୁଇଜଣ ଅର୍ଥାତ୍ ୧୦ତମ ଓ ୧୧ତମ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରିଛି। ସେମାନେ ହେଲେ ଗୁଜରାଟ ଭବନଗରର କାନ୍ତରିୟା ଯୋଗେଶ ହର୍ଜିଭାଇ (୨୩) ଓ ରାଜକୋଟର କୋଟାକ କୌଶିକ (୩୬)। ଅଭିଯୁକ୍ତ କାନ୍ତରିୟା ଶିବଶକ୍ତି ଏଣ୍ଟରପ୍ରାଇଜେସ୍ ଓ କୋଟାକ କେ.କେ. ଏକ୍ସପର୍ଟର ମୁଖ୍ୟ ଅଛନ୍ତି। ଅଭିଯୁକ୍ତଦ୍ୱୟଙ୍କଠାରୁ ମୋବାଇଲ, ସିମ୍‌କାର୍ଡ, ଆଧାରକାର୍ଡ, ପାନକାର୍ଡ ଆଦି ଜବତ ହୋଇଛି। ସେମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୯ଜଣ ଜେଲରେ ଥିବାବେଳେ ଏବେ ଗିରଫଦାରି ସଂଖ୍ୟା ୧୧ରେ ପହଞ୍ଚିଛି।

ସୂଚନାଯୋଗ୍ୟ, ବିଧାୟକଙ୍କୁ ଠକମାନେ ହ୍ୱାଟ୍‌ସଆପ୍‌ରେ


ଅଭିଯୁକ୍ତ କୋଟାକ କୌଶିକ ଓ କାନ୍ତରିୟା ଯୋଗେଶ ହର୍ଜିଭାଇ

ମେସେଜ୍ କରି ଟ୍ରେଡିଂରେ ନିବେଶ କରି ଅଧିକ ଲାଭ ପାଇବାକୁ ଫସାଇଥିଲେ। ବିଧାୟକ ଓଟିସି (ଓଭର୍-ଦି-କାଉଣ୍ଟର) ଓ ଆଇପିଓ (ଇନିସିଆଲ୍ ପବ୍ଲିକ୍ ଅଫରିଙ୍ଗ୍) ଟ୍ରେଡିଂରେ ୨୦୨୪ ନଭେମ୍ବର ୧୩ରୁ ୨୦୨୫ ଜାନୁଆରୀ ୧ ମଧ୍ୟରେ ୧ କୋଟି ୪୦ ଲକ୍ଷ ଟଙ୍କା ଟ୍ରାନ୍ସଫର୍ କରି ଠକେଇର ଶିକାର ହୋଇଥିଲେ। ଅଭିଯୋଗ ପରେ ଜାନୁଆରୀ ୧୩ରେ କ୍ରାଇମବ୍ରାଞ୍ଚର ସାଇବର ଥାନା ଏକ ମାମଲା (ନଂ.୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କାନ୍ତରିୟା ଓ କୌଶିକ ଏବଂ ସେମାନଙ୍କ ସହଯୋଗୀମାନେ ଟ୍ରେଡ୍ ଆନାଲିଷ୍ଟ ଭାବେ ପରିଚୟ ଦେଇ ଠକେଇ କରିବା ସହ ନିଜ ଆକାଉଣ୍ଟକୁ ଟଙ୍କା ନେଇଯାଇଥିଲେ।

**ଚକ୍ରଧରପୁର ଡିଭିଜନରେ ବିଭିନ୍ନ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି**

ନଂ.: ସିଓଏମ୍.୧୮/ଏନ୍ଏଫ୍ଆର୍/ଇ-ଅକ୍ସନ୍ କାଟାଲଗ୍/ଜୁନ୍/୨୫ ତାରିଖ: ୧୩।୦୬।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନରେ ନିମ୍ନଲିଖିତ ପରିସମ୍ପତ୍ତି ବର୍ଗଗୁଡ଼ିକ ପାଇଁ ଇ-ନିଲାମ ପ୍ରଣାଳୀ ଅଧୀନରେ ଇ-ନିଲାମ ଲିଙ୍କିଂ ଆହ୍ୱାନ କରୁଛନ୍ତି । ଏ ବାବଦୀୟ ଚିଠା ଇ-ନିଲାମ ବିଜ୍ଞପ୍ତି ସଂଲଗ୍ନ ଅଟେ, ଯାହାକୁ https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଇ-ନିଲାମର ବିବରଣୀ ନିମ୍ନ ଅନୁଯାୟୀ ଅଟେ: **କ୍ର.ସଂ. ଓ ବର୍ଗ; କାଟାଲଗ୍ ନଂ.; ନିଲାମର ତାରିଖ; ନିଲାମ ଆରମ୍ଭ ସମୟ; ନିଲାମ ସମାପ୍ତି ସମୟ ଯଥାକ୍ରମେ:** (୧) ବିବିଧ; ଏମ୍‌ଏସ୍‌ଏସ୍-ସିକେପି-ଜୁନ୍-୨୫; ୨୦।୦୬।୨୦୨୫; ୧୨.୦୦ ଘଟିକା; ୧୩.୫୦ ଘଟିକା । (୨) ବିଜ୍ଞାପନ; ଏଡିଭିଟି-ସିକେପିଡିଆଇଭି-୨୫; ୨୬।୦୬।୨୦୨୫; ୧୧.୩୦ ଘଟିକା; ୧୫.୦୦ ଘଟିକା । (୩) ହାଇବ୍ରିଡ୍ ଏନ୍ଏଫ୍ଆର୍; ହାଇବ୍ରିଡ୍-ଟିଏସ୍‌ଭି-୨୫; ୨୬।୦୬।୨୦୨୫; ୧୨.୦୦ ଘଟିକା; ୧୨.୩୦ ଘଟିକା । ଆଗ୍ରହୀ ପକ୍ଷମାନେ ଏହାକୁ ଧ୍ୟାନରେ ରଖିବା ଏବଂ ସାଇଟ୍ ବିବରଣୀ ଓ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରଦର୍ଶିତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର**

**ଦକ୍ଷିଣ ପୂର୍ବ ରେଳପଥ** (PR-272)
ହର୍ଷର ସହିତ ଆମେ ସେବାରତ

**ବଢୁଛି ଚୋରା ବାଲି ବେପାରୀଙ୍କ ଦୌରାତ୍ମ୍ୟ**

# ପୁଣି ଜଣେ ଖଣି ଅଧିକାରୀଙ୍କୁ ଆକ୍ରମଣ

ଜଳେଶ୍ୱର,୧୩।୬(ନବୀନ ସାହୁ)

ବଢ଼ିଚାଲିଛି ଚୋରା ବାଲି ବେପାରୀଙ୍କ ଦୌରାତ୍ମ୍ୟ। ମୟୂରଭଞ୍ଜ ଜିଲା କପ୍ତିପଦା ଅତିରିକ୍ତ ତହସିଲଦାର ଓ ବାଲେଶ୍ୱର ଜିଲା ରେମୁଣାରେ ଜୁନିୟର ମାଇନିଂ ଅଧିକାରୀଙ୍କୁ ଆକ୍ରମଣ ପରେ ଗୁରୁବାର ରାତିରେ ଜଳେଶ୍ୱରର ଜୁନିୟର ଖଣି ଅଧିକାରୀଙ୍କୁ ଚୋରା ବାଲି ବେପାରୀ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଜଳେଶ୍ୱର ଥାନା ଅଧୀନ ଚାଳନ୍ତିଠାରେ ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ନେଇ ଅଭିଯୋଗ ପାଇ ଜଳେଶ୍ୱର ଜୁନିୟର ଖଣି ଅଧିକାରୀ ଜିତେନ୍ଦ୍ର ଦାସ ଗୁରୁବାର ବିଳମ୍ବିତ ରାତିରେ ଉକ୍ତ ବାଲି ଖାଦାନରେ ପହଞ୍ଚିଥିଲେ। ଚଢ଼ାଉ ସାରି ଫେରୁଥିବା ବେଳେ ରାସ୍ତାରେ ତାଙ୍କ ଗାଡ଼ିକୁ ଅଟକାଇ ଆକ୍ରମଣ କରିବା ସହ ଗାଳିଗୁଲଜ କରିଥିଲେ। ଏହି ସ୍ଥାନକୁ ପୁଣି ଆସିଲେ ଅବସ୍ଥା ସଙ୍ଗିନ ହେବ ବୋଲି ଧମକ ଦେଇଥିଲେ। ଏ ନେଇ ଜୁନିୟର ଖଣି ଅଧିକାରୀ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି। ଜୁନିୟର ଖଣି ଅଧିକାରୀମାନଙ୍କୁ ଆକ୍ରମଣ ଘଟଣାକୁ ନେଇ ଜଳେଶ୍ୱରର ବୁଦ୍ଧିଜୀବୀ ସମୀର ପାତ୍ର, ଦିଲୀପ ଗିରି, ଅଶୋକ ଜେନା ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ବନ୍ଧୁକ ଲାଇସେନ୍ସ ମିଳୁଛି, ଗୁଳିର ହେଉନି ଯାଞ୍ଚ

ବାରିପଦା,୧୩।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ବିନା ଅନୁମତିରେ ବିକ୍ରି ହେଉଛି
- ଅପବ୍ୟବହାର ରୋକିବାରେ ବିଭାଗ ବିଫଳ

ମୟୂରଭଞ୍ଜ ଜିଲାରେ ବନ୍ଧୁକ ଲାଇସେନ୍ସଧାରୀଙ୍କ ସମ୍ପର୍କରେ ବିଭାଗୀୟ ଯାଞ୍ଚ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ସେମାନଙ୍କ ଘରୁ ପୁଳା ପୁଳା ଗୁଳି ସହ କିଣିବା ସମୟର ରସିଦ ବାହାରୁଛି। ବନ୍ଧୁକ ପାଇଁ ଲାଇସେନ୍ସ ଦିଆଯାଉଥିବାବେଳେ ଗୁଳି କିଣା ବାବଦରେ ପ୍ରଶାସନିକ ଅଙ୍କୁଶ ରହୁନାହିଁ। ଫଳରେ ଧନଜୀବନ ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ପ୍ରତି ମଧ୍ୟ ଏହା ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

ଆତ୍ମରକ୍ଷା, କ୍ରୀଡ଼ା ସୁଟିଂ(ଟେଷ୍ଟ ଫାୟାର) ଓ ବୈଧ କାରଣ ପାଇଁ ଆବଶ୍ୟକ କରୁଥିବା ବ୍ୟକ୍ତିବିଶେଷଙ୍କୁ ସରକାରଙ୍କ ପକ୍ଷରୁ ବନ୍ଧୁକ ଲାଇସେନ୍ସ ପ୍ରଦାନ କରାଯାଇଥାଏ। ତାଲିମପ୍ରାପ୍ତ ବ୍ୟକ୍ତିମାନେ ଦାୟିତ୍ୱପୂର୍ଣ୍ଣ ଓ ସୁରକ୍ଷିତ ଭାବେ ଏହାର ପରିଚାଳନା କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ। ମାତ୍ର ଲାଇସେନ୍ସଧାରୀଙ୍କ ପ୍ରତି କୋହଳ ମନୋଭାବ ଏବଂ ଅବହେଳା ଯୋଗୁ ସେମାନେ ସରକାରୀ ନିୟମକୁ ଉଲ୍ଲଂଘନ କରୁଥିବା ନଜିର ରହିଛି। ଏପରିକି ସେମାନେ ବ୍ୟବହାର ପାଇଁ କିଣୁଥିବା ଗୁଳି ସମ୍ପର୍କରେ ଜୁଡିସିଆଲ ବିଭାଗରେ କୌଣସି ସୂଚନା ନ ଥିବା ବେଳେ ପୋଲିସ ଓ ଜୁଡିସିଆଲ ବିଭାଗର ରେଜିଷ୍ଟରରେ ତାଳମେଳ ରହୁ ନ ଥିବା ଜଣାପଡ଼ିଛି। ବ୍ୟବହାରକାରୀମାନେ ଗୁଳି କିଣିବା ପୂର୍ବରୁ ଜୁଡିସିଆଲ ବିଭାଗରୁ ଅନୁମତି ନେବାର ନିୟମ ରହିଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହେଉନାହିଁ। ସେହିପରି ବନ୍ଧୁକ ଜମା କରିବା ସମୟରେ ଗୁଳି ଓ ବନ୍ଧୁକ ସମ୍ପର୍କରେ କୌଣସି ତଥ୍ୟ ସରକାରୀସ୍ତରରେ ରଖାଯାଉନାହିଁ। ଜଣେ ଲାଇସେନ୍ସଧାରୀ ବର୍ଷକୁ ଶହେଟି ଗୁଳି କିଣିବାର ନିୟମ ରହିଥିବା ବେଳେ ଏକା ସଙ୍ଗେ ୫୦ଟି ରଖିବାର ବ୍ୟବସ୍ଥା ରହିଛି। ରାଜ୍ୟରେ କେବଳ ବାଲେଶ୍ୱର, କଟକ ଓ ଭୁବନେଶ୍ୱର ଏବଂ ପଡ଼ୋଶୀ ପଶ୍ଚିମବଙ୍ଗର କୋଲକାତାରେ ଗୁଳି ବିକ୍ରିକରିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଜୁଡିସିଆଲ ବିଭାଗର ଅନୁମତିପତ୍ର ଦେବା ପରେ ଗୁଳି ମିଳିଥାଏ। ମାତ୍ର ନିୟମ ଉଲ୍ଲଂଘନକରି ଗୁଳି ବିକ୍ରି ହେଉଥିବାରୁ ଏହାର ଦୁରୁପଯୋଗ ହେଉଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଜିଲାର ୩୧ଟି ଥାନା ମଧ୍ୟରୁ ୩୦ଟି ଥାନା ଅଞ୍ଚଳରେ ମୋଟ ୫୮୩ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକ ରହିଛି। ସର୍ବାଧିକ ବାରିପଦା ଟାଉନ ଥାନା ଅଧୀନରେ ୧୦୩, ଭଞ୍ଜପୁର ୩୯ ଓ ସଦର ଥାନା ଅଧୀନରେ ୧୪ଟି ବନ୍ଧୁକ ଲାଇସେନ୍ସ ରହିଛି। ସେହିପରି ଶିମିଳିପାଳ ସଂଲଗ୍ନ ଥାନାର ବଡ଼ସାହିରେ ୧୭, ବାଙ୍ଗିରିପୋଷି ୧୭, ବିଶୋଇ ୧୧, ଯଶିପୁର ୭, ଖାରପୋଖରିଆ ୩୭, କପ୍ତିପଦା ୧୩, କରଞ୍ଜିଆ ୩୨, ଖୁଣ୍ଟା ୧୭, କୁଳିଅଣା ୧୫, ଠାକୁରମୁଣ୍ଡା ୩, ଉଦଳାରେ ୨୭ ଓ ମହୁଲଡିହା ଥାନା ଅଧୀନରେ ୩ ଜଣ ଲାଇସେନ୍ସଧାରୀ ରହିଛନ୍ତି। ଏମାନଙ୍କ ଠିକ୍ ଯାଞ୍ଚ ହେଉ ନ ଥିବାରୁ ଜିଲା ବାହାରେ ରହୁଥିବା ବ୍ୟକ୍ତିମାନେ ଲାଇସେନ୍ସ ହାତେଇବାରେ ସଫଳ ହୋଇଛନ୍ତି। ଗତ ୩ ତାରିଖରେ ବାଙ୍ଗିରିପୋଷି ପୋଲିସ ଧୋବଣୀଶୋଳ ଗ୍ରାମରେ ଚଢ଼ାଉକରି ଲାଇସେନ୍ସପ୍ରାପ୍ତ ବନ୍ଧୁକଧାରୀ ଚିତ୍ତରଞ୍ଜନ ଗିରିଙ୍କ ଘରୁ ୩୫ଟି ରସିଦରେ ୯୫୪ ଗୁଳି କିଣିଥିବା ଜାଣିପାରିଥିଲା। ଶିକାରୀମାନଙ୍କୁ ଗୁଳି ବିକ୍ରି କରୁଥିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ତେବେ କୌଣସି ସରକାରୀ ଅନୁମତି ନ ନେଇ ଏତେ ସଂଖ୍ୟକ ଗୁଳି କିଣି ଏହାର ଅପବ୍ୟବହାର କରାଯାଉଥିବାରୁ ଶିମିଳିପାଳ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଛନ୍ତି। ବିକ୍ରି ହୋଇଥିବା ଏଭଳି ଗୁଳିରେ ଶିକାରୀମାନେ ପୂର୍ବରୁ ବନ ବିଭାଗର ଫରେଷ୍ଟର ଓ ଗାର୍ଡଙ୍କୁ ହତ୍ୟା କରିଥିବା କୁହାଯାଉଛି। ପୋଲିସ ଓ ବନ ବିଭାଗ ମଧ୍ୟ ଏ ଦିଗରେ ତଦନ୍ତ ଜାରି ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

୨୦୨୪ରେ ୨ ବନ କର୍ମଚାରୀ ଶିକାରୀଙ୍କ ଗୁଳିରେ ନିହତ ହେବା ପରେ ବନ ବିଭାଗ ଓ ପୋଲିସ ଚଢ଼ାଉ କରିବା ସହ ବନ୍ଧୁକ ଆତ୍ମସମର୍ପଣ କରିବାକୁ ତାଗିଦ କରିଥିଲା। ଏ ସମ୍ପର୍କରେ ୫୨ଟି ମାମଲା ରୁଜୁହେବା ସହ ମୋଟ ୨୩୬ଟି ବେଆଇନ ଦେଶୀ ବନ୍ଧୁକ ଜବତ ହୋଇଥିଲା। ଉଭୟ ବିଭାଗ ଏଭଳି ପ୍ରୟାସ ଜାରି ରଖିବା ସହ ଲାଇସେନ୍ସପ୍ରାପ୍ତ ବ୍ୟକ୍ତିଙ୍କ ଗୁଳି କିଣିବା ଓ ବ୍ୟବହାର ସମ୍ପର୍କରେ ଉପଯୁକ୍ତ ତଦାରଖ କଲେ ବନ୍ୟଜନ୍ତୁ ସୁରକ୍ଷାରେ ରୋକ୍ ଲାଗିପାରିବ ବୋଲି ପ୍ରାଣୀପ୍ରେମୀମାନେ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ପଚାରିବାରୁ ଲାଇସେନ୍ସପ୍ରାପ୍ତ ବନ୍ଧୁକ ସମ୍ପର୍କରେ ଠିକ୍‌ଭାବେ ଯାଞ୍ଚ କରାଯାଉଛି। ଆଗକୁ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

**ଗାଡ଼ି ନିଲାମ ନୋଟିସ୍**

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଉପର ବସ୍ ଷ୍ଟାଣ୍ଡ, ପୁଟି ଗୋପାଳପୁର, ଛତ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୨୦ ଠାରେ ତା.୨୩.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡ଼ିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ପୁଟି ଗୋପାଳପୁର ଛତ୍ରପୁର ଶାଖା | ପ୍ରଦୀପ କୁମାର ପାତ୍ର | MARUTI CELERIO Zxi Regd. No.: OD07T6595 | ଟ.୨,୩୦,୦୦୦/- (ଜିଏସ୍‌ଟି ଅନ୍ତର୍ଭୁକ୍ତ) / ଟ.୨୩,୦୦୦/- |

ଗାଡ଼ି ଯାଞ୍ଚ କରିବାର ତାରିଖ ଓ ସମୟ: ନବୀନ ଡକୟାର୍ଡ଼, ତୁରା ଗୋପାଳପୁର ଜଙ୍କସନ୍, ବ୍ରହ୍ମପୁର, ଗଞ୍ଜାମ ଠାରେ ତା.୨୧.୦୬.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ

**ନିୟମ ଏବଂ ସର୍ତ୍ତାବଳୀ:**
୧. ଗାଡ଼ି "ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିଜ୍ ବିନା ବିକ୍ରୟ କରାଯିବ।
୨. ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୩. ଟେଣ୍ଡର ସହିତ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ପୃଥକ୍ ଲଟ୍‌ରେ "ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ" ସପକ୍ଷରେ ଡ୍ର କରାଯାଇ ଏବଂ ବ୍ରହ୍ମପୁରକୁ ପୈଠ ଦର୍ଶାଇ ଡିମାଣ୍ଡ ଡ୍ରାଫ୍ଟ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ତା.୨୧.୦୬.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ **୭ଦିନ ମଧ୍ୟରେ** ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡର ଥରେ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।
୧୨. ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ ଶାଖା ମୁଖ୍ୟ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୁଟି ଗୋପାଳପୁର ଛତ୍ରପୁର ଶାଖା, ଫୋନ୍ ନଂ.: ୯୮୬୧୧୬୩୦୩୨ଙ୍କ ସହ ଯୋଗାଯୋଗ କରନ୍ତୁ।
୧୩. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.unionbankofindia.com ଦେଖନ୍ତୁ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୧୩.୦୬.୨୦୨୫ — ଶାଖା ମୁଖ୍ୟ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ପୂର୍ବ ତଟ ରେଳପଥ**

ନିଲାମ କାଟଲଗ୍ ସଂ.SBP-CATG-T-R-8, ତା.06.06.2025ରିଖ

କ୍ରମ ସଂ.1: ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ମହାସମୁନ୍ଦ ଷ୍ଟେସନ"D"ବର୍ଗ (MSMD)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (ଜେନେରାଲ ମାଇନର ୟୁନିଟ(GMU)) ବ୍ୟବସ୍ଥା।

କ୍ରମ ସଂ.2: ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ନୂଆପଡ଼ା ରୋଡ୍ ଷ୍ଟେସନ"D"ବର୍ଗ (NPD)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (ଜେନେରାଲ ମାଇନର ୟୁନିଟ(GMU)) ବ୍ୟବସ୍ଥା।

କ୍ରମ ସଂ.3: ସମ୍ପତ୍ତିର ବିବରଣୀ: 05 ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ"D"ବର୍ଗ (SBPY)/ପ୍ଲାଟଫର୍ମ-02-03 ରେଳ ଷ୍ଟେସନ ଠାରେ ଛ ଦୋକାନ (ଜେନେରାଲ ମାଇନର ୟୁନିଟ (GMU)-ମହିଳା) ବ୍ୟବସ୍ଥା।

କ୍ରମ ସଂ.4: ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ମୁନିଗୁଡ଼ା ଷ୍ଟେସନ "D"ବର୍ଗ (MNGD)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (ଜେନେରାଲ ମାଇନର ୟୁନିଟ (GMU)) ବ୍ୟବସ୍ଥା।

କ୍ରମ ସଂ.5: ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ଜୁନାଗଡ଼ ରୋଡ୍ ଷ୍ଟେସନ"D"ବର୍ଗ (JNRD)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (ସ୍ପେଶାଲ ମାଇନର ୟୁନିଟ (SMU)-ପଛୁଆ ବର୍ଗ) ବ୍ୟବସ୍ଥା।

କ୍ରମ ସଂ.6: ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ହରିଶଙ୍କର ରୋଡ୍ ଷ୍ଟେସନ"D"ବର୍ଗ (HSK)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (ସ୍ପେଶାଲ ମାଇନର ୟୁନିଟ (SMU)-ଅନୁସୂଚିତ ଜନଜାତି-ମହିଳା) ବ୍ୟବସ୍ଥା।

କ୍ରମ ସଂ.7: ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ"D"ବର୍ଗ (SBPY)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଜଳପାନ ପ୍ରକୋଷ୍ଠ (ସ୍ପେଶାଲ ମାଇନର ୟୁନିଟ(SMU)-ଅନ୍ୟ ପଛୁଆ ବର୍ଗ) ବ୍ୟବସ୍ଥା।

କ୍ରମ ସଂ.8: ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ"D"ବର୍ଗ (SBPY)/ପ୍ଲାଟଫର୍ମ-02-03 ରେଳ ଷ୍ଟେସନ ଠାରେ ଛ ଦୋକାନ (ସ୍ପେଶାଲ ମାଇନର ୟୁନିଟ (SMU)-ଅନ୍ୟ ପଛୁଆ ବର୍ଗ) ବ୍ୟବସ୍ଥା।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.23.06.2025 ରିଖ 1000 ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ), ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.23.06.2025 ରିଖ 1140 ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।

ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ସମ୍ବଲପୁର
PR-231/Q/25-26

ପ୍ରୋଫର୍ମା ୧୦-୦୧

**ଭାରତୀୟ ରେଳ, ପୂର୍ବତଟ ରେଳପଥ**

**"ବିଦ୍ୟୁତୀକରଣ ସମ୍ବନ୍ଧୀୟ ସାର୍ବଜନୀନ ବିଜ୍ଞପ୍ତି"**

ଏଠାରେ ଥିବା ରେଳ ଲାଇନ ଏବଂ ପରିସରର ସମସ୍ତ ଉପଭୋକ୍ତାଙ୍କୁ ଜଣାଇ ଦିଆଯାଉଛି ଯେ, ପୂର୍ବତଟ ରେଳବାଇର ନିମ୍ନଲିଖିତ ବିଭାଗର କାମ ସମାପ୍ତ ହୋଇଛି। ୨୫୦୦୦ ଭୋଲ୍ଟ ୫୦ହର୍ଜ, ଏସି ଓଭରହେଡ ଟ୍ରାକସନ ତାରରେ ତା୨୦।୦୬।୨୦୨୫ କିମ୍ବା ପରବର୍ତ୍ତୀ ଯେ କୌଣସି ସମୟରେ ବିଦ୍ୟୁତ୍ ସଂଯୋଗ ଦିଆଯିବ। ବିଭାଗ ପାଖରେ ନିର୍ଦ୍ଦିଷ୍ଟ ତାରିଖ ଉଲ୍ଲେଖ କରାଯାଇଛି। ଏଣୁ ତା୨୦।୦୬।୨୦୨୫ରିଖରୁ ଓଭରହେଡ ଟ୍ରାକସନ ଲାଇନ ସବୁ ସମୟରେ ଜୀବନ୍ତ ବିଦ୍ୟୁତ ସଂଯୋଗ ଭାବରେ ପରିଗଣିତ ହେବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ ଲାଇନର ନିକଟତର ହୁଅନ୍ତୁ ନାହିଁ କିମ୍ବା କାର୍ଯ୍ୟ କରନ୍ତୁ ନାହିଁ।

**ଷ୍ଟେସନ/ରେଳପଥ:** SKND YARD & M/S. JINDAL STAINLESS STEEL LTD. ପୂର୍ବତଟ ରେଳପଥର Khurda ଡିଭିଜନ ଅଧୀନରେ ଥିବା ପ୍ଲାଣ୍ଟୟାର୍ଡ।
**ବିଭାଗର ନାମ:** SKND - JKPR
**ସୁକିନ୍ଦା ଷ୍ଟେସନରୁ JSL PH-୨ ସାଇଡିଂର ନିମ୍ନଲିଖିତ ଅଂଶ ଗୁଡ଼ିକର ବିଦ୍ୟୁତୀକରଣ ବିବରଣୀ:**

| କ୍ରମିକ ସଂଖ୍ୟା | ବର୍ଣ୍ଣନା | କିଲୋମିଟରରେ ଚେନେଜ୍ | | କି.ମି. | ରେଳ ଡିଭିଜନ | ବିଦ୍ୟୁତୀକରଣ ତାରିଖ |
|---|---|---|---|---|---|---|
| | | ଲୋକେସନଠାରୁ | ସ୍ଥାନକୁ | | | |
| ୧ | ଜିନ୍ଦଲ ଲିଡଲାଇନ PH-୧ରୁ ଲିଡ କ୍ରସ୍‌ଓଭର ଲାଇନ୍ PH-୨ (XO-୧) (ପାରମ୍ପରିକ OHE) | MISL/୧/୧୭ CH-୧୭୨/୬୮୦.୭୦ | ଜେଏସଏଲ/୧/୪ସିଏଚ୍-୧/୧୨୫.୫୦ | ୦.୧୭୧ | ପୂର୍ବତଟ ରେଳପଥ, ଖୋର୍ଦ୍ଧା ରୋଡ ଡିଭିଜନ | ୨୦।୦୬।୨୦୨୫ |
| ୨ | ଜିନ୍ଦଲ ଲିଡଲାଇନ PH-୧ରୁ ଲିଡ କ୍ରସ୍‌ଓଭର ଲାଇନ୍ PH-୨ (XO-୨) | ଜେଏସଏଲ/୧୦୦୫ସିଏଚ୍-୧/୨୧୮.୮୦ | ଜେଏସଏଲ/୧/୧୧ସିଏଚ୍-୧/୪୦୯.୪୦ | ୦.୧୯୦ | | |
| ୩ | ଲିଡ୍ ଲାଇନ (PH-୨) | ଜେଏସଏଲ/୧/୧ସିଏଚ୍-୧/୮.୫୦ | ଜେଏସଏଲ/୩/୨୮ସିଏଚ୍-୩/୭୯୪.୪୦ | ୩.୭୮୫ | | |
| ୪ | ପ୍ରି-ଟିପ୍ଲିଂ ଲାଇନ। ଲାଇନ-୪ | ଜେଏସଏଲ/୪/୮ସିଏଚ୍-୪/୨୯୮.୪୦ | ଜେଏସଏଲ/୫/୭-୮ସିଏଚ୍-୫/୨୨୯.୯୦ | ୦.୯୩୧ | | |
| ୫ | ପ୍ରି-ଟିପ୍ଲିଂ ଲାଇନ। ଲାଇନ-୫ | ଜେଏସଏଲ/୩/୨୮ସିଏଚ୍-୩/୭୯୪.୪୦ | ଜେଏସଏଲ/୫/୫ସିଏଚ୍-୫/୧୭୧.୪୦ | ୧.୩୭୭ | | |
| ୬ | ପୋଷ୍ଟ ଟିପଲିଂ ଲାଇନ। ଲାଇନ-୬ | ଜେଏସଏଲ/୪/୬ସିଏଚ୍-୪/୨୩୯.୯୦ | ଜେଏସଏଲ/୫/୬ବି-୭ବିସିଏଚ୍-୫/୨୯୭.୪୦ | ୧.୦୫୭ | | |
| ୭ | ଲୋଡ଼ିଂ/ଅନଲୋଡ଼ିଂ ଲାଇନ-୭ | ଜେଏସଏଲ/୪/୪ବିସିଏଚ୍-୪/୩୫୨.୪୦ | ଜେଏସଏଲ/୪/୫ସି-୬ସିସିଏଚ୍-୪/୫୧୪.୪୦ | ୦.୧୬୨ | | |
| ୮ | ଇଞ୍ଜିନ୍ ଏସ୍କେପ୍ ଲାଇନ-୮ | ଜେଏସଏଲ/୪/୨ଡିସିଏଚ୍-୪/୩୫୨.୪୦ | ଜେଏସଏଲ/୫/୮ଡିସିଏଚ୍-୫/୩୬୦.୪୦ | ୧.୦୦୮ | | |
| ୯ | ଲୋଡିଂ/ଅନଲୋଡିଂ ଲାଇନ-୯ | ଜେଏସଏଲ/୪/୨ବିସିଏଚ୍-୪/୨୯୩.୯୦ | ଜେଏସଏଲ/୪/୩ଇ-୪ଇସିଏଚ୍-୪/୪୭୮.୪୦ | ୦.୧୮୪ | | |
| ୧୦ | ବ୍ରେକ୍ ଭ୍ୟାନ୍ ସାଇଡିଂ | ଜେଏସଏଲ/୩/୩୧ସିଏଚ୍-୩/୯୩୩.୯୦ | ଜେଏସଏଲ/୪/୪ସିଏଚ୍-୪/୧୬୩.୪୦ | ୦.୨୨୯ | | |
| | ମୋଟ ରେଳ ଲାଇନ (କି.ମି.) | | | ୯.୦୯୪ | | |

ପ୍ଲାଣ୍ଟ ମୁଖ୍ୟ, ମେସର୍ସ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍

## ସଂକ୍ଷେପରେ

### ଘାଟିରେ ଅଟୋ ଓଲଟି ୧୨ ଆହତ

ମୋହନା,୧୩।୬(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କେନ୍ଦୁପଦା ଘାଟିରେ ଏକ ଯାତ୍ରୀବାହୀ ଅଟୋ ଓଲଟି ୧୨ ଜଣ ଆହତ ହୋଇଛନ୍ତି। ଟାଙ୍ଗିଲିପଦର ଗାଁରୁ ଯାତ୍ରୀମାନେ ରାଶନ ସାମଗ୍ରୀ ଆଣିବାକୁ ୧୨ କି.ମି. ଦୂର ଗୋବିନ୍ଦପୁର ପଞ୍ଚାୟତକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ସମସ୍ତଙ୍କୁ ଉଦ୍ଧାର କରି ଅନ୍ୟ ଏକ ଅଟୋ ଯୋଗେ ମୋହନା ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତମାନେ ଚିକିତ୍ସାଧୀନ ଅଛନ୍ତି। ଅଟୋ ଡ୍ରାଇଭର ଗାଡି ଷ୍ଟାର୍ଟ ବନ୍ଦ କରି ଘାଟି ରାସ୍ତାରେ ଯାତ୍ରୀଙ୍କୁ ଓଲ୍ହାଉଥିବାବେଳେ ବ୍ରେକ ଫେଲ ହୋଇ ଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ଚିକିତ୍ସାଧୀନ ବ୍ୟକ୍ତିମାନେ ହେଲେ ଟାଙ୍ଗିଣୀପଦର ଗ୍ରାମର ଆଲୋକିତା ନାୟକ (୨୮), ରଞ୍ଜିତ ମଲ୍ଲିକ (୫୦), ରଞ୍ଜିତା ପ୍ରଧାନ (୨୮), ଥାପ୍ରିଙ୍ଗା ମଲ୍ଲିକ(୫୫), ପୁଷ୍ପିତା ମଲ୍ଲିକ (୨୮), ବାବୁସାହୁ ନାୟକ (୫୦), ରିତୁ ନାୟକ (୩୫), ରାଧାକାନ୍ତ ନାୟକ (୨୭),କାଣ୍ଡ୍ରିଙ୍ଗା ମଲ୍ଲିକ (୫୦), ଜାନକୀ ନାୟକ (୪୫), ସରିତା ମଲ୍ଲିକ (୩୫) ଓ ସୁନୀଲ ମଲ୍ଲିକ (୩୫)। ତେବେ ଟାଙ୍ଗିଣୀପଦର ଗ୍ରାମର ଆଲୋକିତା ନାୟକ (୨୮)ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅନ୍ୟସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲଥିବା ଡାକ୍ତର ରାମକୃଷ୍ଣ ପାତ୍ର କହିଛନ୍ତି।

### ଏସ୍‌ଡିପିଓଙ୍କ ରଚିତ 'ଅପାଦ ଯାତ୍ରା' ଲୋକାର୍ପିତ

ପୁରୁଷୋତ୍ତମପୁର,୧୩।୬(ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏସ୍‌ଡିପିଓ ଡ.ଦୀପକ ମିଶ୍ର ନିଜର କର୍ମମୟ ଜୀବନରେ ସମାଜରେ ବାସ୍ତବ ଭାବରେ ଘଟିଚାଲିଥିବା ଘଟଣାବଳୀକୁ ନେଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ କବିତା ସଂକଳନ ରଚନା କରିଛନ୍ତି। ଏହିକବତା ଦ୍ୱାରା ଜନସାଧାରଣଙ୍କ ମଧ୍ୟରେ କିପରି ସଦଭାବନାର ଚିନ୍ତନ ଆସିପାରିବ ସେଥିନେଇ ଲେଖାମାନ ପ୍ରସ୍ତୁତ ହୋଇଛି। ଏହି ସଂକଳନ ପୁସ୍ତିକାଟି 'ଅପାଦ ଯାତ୍ରା' ନାମରେ ରହିଥିବା ବେଳେ ଏହା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ଦ୍ୱାରା ଗୁରବାର ଲୋକାର୍ପିତ ହୋଇଛି। ଏହି ଅବସରରେ ବହୁ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ପୁସ୍ତକଟି ପାଠକଙ୍କୁ ବେଶ ଆଦୃତ ହୋଇପାରିବ ବୋଲି ଏସ୍‌ଡିପିଓ ଆଶା ରଖିଛନ୍ତି। ଏହା ତାଙ୍କର ଚତୁର୍ଥ ପୁସ୍ତକ ଓ ତୃତୀୟ କବିତା ସଂକଳନ ଅଟେ। ଡ.ଦୀପକ କୁମାର ମିଶ୍ର ପେସାରେ ଜଣେ ପୋଲିସ ଅଫିର ହୋଇଥିବା ବେଳେ ନିସାରେ ଜଣେ ସାହିତ୍ୟିକ, ଗାଳ୍ପିକ ଓ କବି ଅଟନ୍ତି।

### କବି ପ୍ରସନ୍ନ ଦଳାଇଙ୍କୁ ଗୋଲଡେନ ଈଗଲ ପୁରସ୍କାର

କବିସୂର୍ଯ୍ୟନଗର,୧୩।୬(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ନନ୍ଦିଆଗଡା ଗ୍ରାମରେ ଜନ୍ମଲାଭ କରି ନିଜ କବିତା ବଳରେ ବିଶ୍ୱବିଦିତ ହୋଇପାରିଛନ୍ତି ଇଂରାଜୀ କବି ପ୍ରସନ୍ନ କୁମାର ଦଳାଇ। ସେ ବହୁ ଜାତୀୟ, ଅନ୍ତର୍ଜାତୀୟ ପୁରସ୍କାର ପାଇ ରାଜ୍ୟର ଟେକ ରଖିପାରିଛନ୍ତି। ଇଂରାଜୀ ସାହିତ୍ୟର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ସମ୍ମାନଜନକ ଗୋଲଡେନ ଈଗଲ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ପାଇବାରେ ସେ ପ୍ରଥମ ଓଡ଼ିଆ। ଏଥିପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ମିଳିବାରେ ଲାଗିଛି।

# ଘୁମୁସର ବନଖଣ୍ଡରେ ୨୮ ଲକ୍ଷ ଚାରାରୋପଣ ଲକ୍ଷ୍ୟ

## ରାଜ୍ୟର ୫୧ ବନଖଣ୍ଡରେ ୭ କୋଟି ୫୦ ଲକ୍ଷ ଚାରା ଲାଗିବ

ଭଞ୍ଜନଗର,୧୩।୬(ବାବୁଲା ପ୍ରଧାନ):

ଚଳିତବର୍ଷ ଆଗୁଆ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସିଥିବାରୁ ଅନେକ ଅଞ୍ଚଳରେ ବର୍ଷା ହେଉଛି। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଓଡ଼ିଶାରେ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ବନ ବିଭାଗ ତତ୍ପର ହୋଇଛି। ଗୁରୁବାରଠାରୁ ଚାରା ବଣ୍ଟନ ଏବଂ ରୋପଣ କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ସଚିବ ସତ୍ୟବ୍ରତ ସାହୁ ଚାରାରୋପଣ ଏବଂ ବଣ୍ଟନ କାର୍ଯ୍ୟ କିଭଳି ତ୍ୱରାନ୍ୱିତ ହେବ ସେଥିପାଇଁ ଅନଲାଇନ୍ ମାଧ୍ୟମରେ ସମୀକ୍ଷା କରିଥିଲେ। ରାଜ୍ୟର ୩୭ଟି ଆଞ୍ଚଳିକ ବନଖଣ୍ଡ ଏବଂ ୧୪ଟି ବନ୍ୟପ୍ରାଣୀ ବନଖଣ୍ଡରେ ଚଳିତବର୍ଷ ୭ କୋଟି ୫୦ ଲକ୍ଷ ଚାରାରୋପଣ କରିବା ଲକ୍ଷ୍ୟ ରଖାଯାଇଛି। ବିଭିନ୍ନ ବିଭାଗ ସହ ମିଶି ଏହି ଲକ୍ଷ୍ୟ ପୂରଣ କରାଯିବ। ଏଥିସହ



ଚାରା ବଣ୍ଟନ ଚାଲିଛି।

ବିଭିନ୍ନ ବେସରକାରୀ କମ୍ପାନୀଗୁଡ଼ିକୁ ମଧ୍ୟ ଚାରାରୋପଣ ପାଇଁ କୁହାଯିବ। ରାଜ୍ୟରେ ୧୦ ହଜାର ଇକୋ କ୍ଲବ ଅଛି। ବିଦ୍ୟାଳୟଗୁଡ଼ିକ ଖୋଲିବା ପୂର୍ବରୁ ଇକୋ କ୍ଲବ ସହାୟତାରେ ଏକ ସପ୍ତାହ ମଧ୍ୟରେ ଲକ୍ଷାଧିକ ଚାରାରୋପଣ କିଭଳି ହୋଇପାରିବ ସେଥିପାଇଁ ପଦକ୍ଷେପ ନେବାକୁ ସଚିବ ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଚଳିତବର୍ଷ ଗଞ୍ଜାମ ଜିଲା ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡରେ ଲୋକଙ୍କୁ ୧୦ ଲକ୍ଷ ଚାରା ବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୩ ଲକ୍ଷ ୫୦ ହଜାର ଚାରା ଖୋଲା ଜଙ୍ଗଲରେ ରୋପଣ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ବର୍ତ୍ତମାନ ବିଭିନ୍ନ ସଙ୍ଗଠନ, ସ୍ୱୟଂ ସହାୟିକା ଗୋଷ୍ଠୀ, ଇକୋ କ୍ଲବ, ସାଧାରଣ ଲୋକଙ୍କୁ ଚାରା ବଣ୍ଟନ କରାଯାଉଛି। ବୁଗୁଡ଼ା, ପୋଲସରା, ଆସିକା, ବଡଗଡ, ସୋରଡା ରେଞ୍ଜରେ ଚାରା ବଣ୍ଟନ ଚାଲିଛି ବୋଲି ଡିଏଫଓ ବିନୋଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେହିଭଳି ଉତ୍ତର ଘୁମୁସର ବନଖଣ୍ଡରେ ୧୧ ଲକ୍ଷ ୫୦ ହଜାର ଚାରା ବଣ୍ଟନ ହେବାକୁ ଥିବା ବେଳେ ୨ ଲକ୍ଷ ୯୮ ହଜାର ଚାରା ଖୋଲା ଜଙ୍ଗଲରେ ରୋପଣ ହେବ ବୋଲି ଡିଏଫଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଚାରାରୋପଣରେ ଅନେକ ଅନିୟମିତତା ହେଉଥିଲା। କିନ୍ତୁ କିଛି ବର୍ଷ ହେବ ଚାରାରୋପଣ ପୂର୍ବରୁ ଏବଂ ପରେ ଜିପିଏସ୍ ମାଧ୍ୟମରେ ଫଟୋ ଉଠାଇ ବିଭାଗର ସ୍ୱତନ୍ତ୍ର ଆପରେ ତୁରନ୍ତ ଲୋଡ କରାଯାଉଛି । ଏଥିସହ ବିଭାଗ ପକ୍ଷରୁ ବଡ ଚାରା ରୋପଣ ହେଉଛି। ଫଳରେ ଗଛ ମରିବା ହ୍ରାସ ପାଇଛି।

# କନ୍ଧମାଳର ଝିଅ ଏବେ ସଫଳ ଉଦ୍ୟୋଗୀ



ଲକ୍ଷପତି ଦିଦି ଝରଣା ସାହୁଙ୍କଠାରୁ ତାଲିମ ପାଇଥିବା ମହିଳାମାନେ।

ଦାରିଙ୍ଗବାଡି,୧୩।୬ (ଅରୁଣ ସାହୁ)

କନ୍ଧମାଳର ଝିଅ ତଥା ପ୍ରଥମ ଲକ୍ଷପତି ଦିଦି ଝରଣା ସାହୁ ଏବେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟ କରିବା ସହ ଏସ୍‌ଏଚ୍‌ଜିଙ୍କୁ ମସଲା ଜାତୀୟ ସାମଗ୍ରୀ ପ୍ରସ୍ତୁତି ଓ ତାର ସୁରକ୍ଷିତ ପ୍ୟାକିଂ ତାଲିମ ଦେଉଛନ୍ତି। ମହିଳା ମାନେ ଘରେ ରହି କିପରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ଝରଣା ପ୍ରୟାସ ଆରମ୍ଭ କରିଛନ୍ତି। ଛୋଟରୁ ଏଭଳି କାର୍ଯ୍ୟ ଆରମ୍ଭ କରି ଧୀରେ ଧୀରେ ଜଣେ ଉଦ୍ୟୋଗପତି ହୋଇପାରିଛନ୍ତି। ସେ ନିଜେ ରୋଜଗାର କରିବା ସହ ତାଲିମ ପ୍ରଦାନ କରିବା ଦକ୍ଷତା ମଧ୍ୟ ରଖିଛନ୍ତି। ସେ ଏବେ ଆଠମଲିକରେ ୫ ଦିନିଆ କର୍ମଶାଳାରେ ସେଠାକାର ଜଙ୍ଗଲ ଓ ପରିବେଶ ବିଭାଗର ସହାୟତାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମସଲା ପ୍ରସ୍ତୁତି ଓ ପ୍ୟାକିଂ ସମ୍ପର୍କରେ ତାଲିମ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ ସେଠାକାର ଅଧିକାରୀ ମାନେ ଆୟୋଜନ କରିଥିବା ବେଳେ ପ୍ରଭାକର ସାହୁ ସହତାଲିମଦାତା ଭାବେ ସହଯୋଗ କରୁଛନ୍ତି।

# ଦକ୍ଷିଣ ଓଡ଼ିଶାର ସାମୂହିକ ବିକାଶ ଦାବି ତେଜୁଛି

ଆସିକା/ଭଞ୍ଜନଗର,୧୩।୬(ସୁରେନ୍ଦ୍ର ନାଥ ସାହୁ/ବାବୁଲା ପ୍ରଧାନ):

ଦକ୍ଷିଣ ଓଡ଼ିଶାର ବିକାଶ ଦାବିରେ ଦକ୍ଷିଣ ଓଡ଼ିଶା ରେଳପଥ ଓ ସାମୂହିକ ଭିତ୍ତିଭୂମି ଉନ୍ନୟନ ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଓହ୍ଲାଇଛି। କିଛିଦିନ ହେଲା କମିଟିର କର୍ମକର୍ତ୍ତାମାନେ ଲୋକଙ୍କୁ ସଚେତନ କରିବା ସହ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି।

ଏହି କ୍ରମରେ ଶୁକ୍ରବାର ଆସିକା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ହୋଇଛି। ଆସିକା ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା ସେଥିରେ ଗୋପାଳପୁର-ସମ୍ବଲପୁର (ରେଢାଖୋଲ)କୁ ହିଞ୍ଜିଳିକାଟୁ, ଆସିକା, ଭଞ୍ଜନଗର ଓ ଫୁଲବାଣୀ ଦେଇ ରେଳପଥ ନିର୍ମାଣ, ଗୋପାଳପୁରଠାରୁ ରାୟଗଡା ରେଳପଥ, ବ୍ରହ୍ମପୁରରେ ଟ୍ରେନ ଟର୍ମିନାଲ ପୋର୍ଟ ଡିପୋ, ଶିତଳାପଲ୍ଲୀ ନିକଟରେ ରେଳଡବା ମରାମତି କାରଖାନା, ବ୍ରହ୍ମପୁର ରେଳ ଷ୍ଟେଶନକୁ ବିଶ୍ୱସ୍ତରୀୟ ଉନ୍ନତି ଓ ଅମୃତ ଭାରତ ଯୋଜନାରେ ସାମିଲ କରିବା, ଦକ୍ଷିଣ ଓଡିଶାରେ ରେଳ ଭିତ୍ତିଭୂମିର ବିକାଶ, ମହାନଦୀରୁ ଋଷିକୂଲ୍ୟା ଦେଇ ବାହୁଦା ନଦୀ ସହିତ ସଂଯୋଗୀକରଣ, ଆସିକା ଭଞ୍ଜନଗରରେ ମେଡିକାଲ କଲେଜ ନିର୍ମାଣ ଦାବି ରହିଛି। ଆସିକାର ସମବାୟ ଅନୁଷ୍ଠାନଗୁଡିକର ପୁନରୁଦ୍ଧାର, ଋଷିକୂଲ୍ୟା ନଦୀର ଜଳକୁ ବିଭିନ୍ନ କମ୍ପାନୀକୁ ନ ଦେଇ ଚେକ ଡ୍ୟାମ ନିର୍ମାଣ ପୂର୍ବକ ଜନସାଧାରଣ ବ୍ୟବହାର ପାଇଁ ସଂରକ୍ଷିତ ରଖିବା, ବନ୍ଦ ହୋଇଥିବା ସୁତାକଳକୁ ଚାଲୁ କରିବାକୁ ଦାବି କରାଯାଇଛି। ସେହିପରି ସନ୍ଧ୍ୟାରେ କ୍ରିୟାନୁଷ୍ଠାନ କମିଟି ଶୋଭାଯାତ୍ରାକୁ ଭଞ୍ଜନଗର ଚକରା ବିଷୋୟୀ ଛକରେ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ବକ୍ତାମାନେ ବ୍ରହ୍ମପୁର ଭାୟା ହିଞ୍ଜିଳିକାଟୁ, ଆସିକା, ଭଞ୍ଜନଗର, ଫୁଲବାଣୀ ରେଳ ଲାଇନ ପାଇଁ ତୁରନ୍ତ ବଜେଟରେ ଅର୍ଥ ବରାଦ କରି କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଥିଲେ। ପରେ ଉପ ଜିଲାପାଳ ଉମା ଶଙ୍କର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭଞ୍ଜନଗରର ସବୁ ରାଜନୈତିକ ଦଳର ନେତା, ସାମ୍ବାଦିକ ସଂଘ, ଘୁମୁସର ବାହିନୀ, ବଣିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ବିପଦର ବନ୍ଧୁ ସମେତ ଅନ୍ୟ ଅନୁଷ୍ଠାନ ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ଦକ୍ଷିଣ ଓଡିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ, ଡ. ବାଳକୃଷ୍ଣ ପଣ୍ଡା, ବିନୋଦ ଠାକୁର, ରାଜେନ୍ଦ୍ର ପଣ୍ଡା, ପ୍ରିତିଶ କୁମାର ପାଣିଗ୍ରାହୀ, ପ୍ରବୀଣ ପଟ୍ଟନାୟକ, ଦିଲ୍ଲୀପ ପାଣିଗ୍ରାହୀ, ବିଦେଶୀ ନାହାକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଆସିକା ବ୍ଲକରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ହାଇକୋର୍ଟଙ୍କ ନିର୍ଦ୍ଦେଶରେ ମଠର ପରିଚାଳନା ଦାୟିତ୍ୱ ନେଲେ ତହସିଲଦାର

ଶେରଗଡ଼,୧୩।୬(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବଜାର ଛକରେ ବିଜେ ଶ୍ରୀଲକ୍ଷ୍ମୀ ନାରାୟଣଙ୍କ ବହୁ ପୁରୁଣା ମଠ ରହିଛି। ଏହି ମଠ ଠିକ୍ ଭାବେ ପରିଚାଳନା କରାଯାଉନାହିଁ। ଏନେଇ ଗ୍ରାମବାସୀ ପ୍ରଥମେ ଦେବୋତ୍ତର କମିଶନରଙ୍କୁ ଜଣାଇଥିଲେ। କିଛି ସୁଫଳ ନ ମିଳିବାରୁ ପରେ ଆସିକା କୋର୍ଟର ଆଶ୍ରୟ ନେଇଥିଲେ। କୋର୍ଟଙ୍କ ରାୟରେ ସନ୍ତୁଷ୍ଟ ନ ହୋଇ ଗ୍ରାମବାସୀ କଟକ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲା ନଂ ଡବ୍ଲ୍ୟୁପିସି ୯୦୮୦/୧୬।୫।୨୫ରେ ମାମଲା ରୁଜୁ କରି ଏହାର ଶୁଣାଣି କରି ଗ୍ରାମବାସୀଙ୍କ ସପକ୍ଷରେ ରାୟ ଦେଇଛନ୍ତି। ତୁରନ୍ତ ଉକ୍ତ ମଠର ପରିଚାଳନା ଦାୟିତ୍ୱ ସ୍ଥାନୀୟ ତହସିଲଦାରଙ୍କୁ ନେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦେବୋତ୍ତର ସହକାରୀ କମିଶନର କାର୍ଯ୍ୟାଳୟ ନିରୀକ୍ଷକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ହାଇକୋର୍ଟ କହିଛନ୍ତି। ଏହାକୁ ସମ୍ମାନ ଦେଇ ସ୍ଥାନୀୟ ତହସିଲଦାର ତ୍ରିଦେବ ରଥ ଶୁକ୍ରବାର କୌଶଳ କିଶୋର ଦାସଙ୍କଠାରୁ ମଠର ପରିଚାଳନା ଦାୟିତ୍ୱ ଗ୍ରହଣ କରିଛନ୍ତି।

## ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁଗୁଡା,୧୩।୬ (କାଳିଚରଣ ଦାଶ)

ବୁଗୁଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଜୁଲାଇ ୨୦୨୨ରୁ କାର୍ଯ୍ୟରତ ଥିବା ବିଚାରପତି ପରିଣିତା ନାୟକଙ୍କ ବଦଳି ମାଲକାନଗିରିକୁ ହୋଇଛି। ଏ ପରିପ୍ରେକ୍ଷୀରେ ତାଙ୍କୁ ବୁଗୁଡା ଓକିଲ ସଂଘ ପକ୍ଷରୁ ଉପଢୌକନ ପ୍ରଦାନ ପୂର୍ବକ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଓକିଲ ସଂଘ ସଭାପତି ଅମର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସିମାଞ୍ଚଳ ନନ୍ଦ, ହର ପ୍ରସାଦ ଦାଶ, ସୁଜିତ ସ୍ୱାଇଁ, ପ୍ରଭାତ ଜେନା, ରବିନ୍ଦ୍ର ପଣ୍ଡା, ନିବେଦିତା ଚୋଧୁରୀଙ୍କ ସମେତ ଅନ୍ୟାନ୍ୟ ଉପସ୍ଥିତ ଥିଲେ।

# ବିକଶିତ କୃଷି ସଂକଳ୍ପ ଅଭିଯାନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗଞ୍ଜାମ,୧୩।୬ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ସନ୍ତୋଷପୁର ଗ୍ରାମଠାରେ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ କୃଷି ଅଧିକାରୀ ରଶ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସସ୍ମିତା ସ୍ୱାଇଁ, କୃଷି ବିଶେଷଜ୍ଞ ଡ଼.ଆଶିଷ ମାଇତି, କୃଷି ବିଶେଷଜ୍ଞ (ଆଇସିଆର) ଶୈଳେଶ ସୌରଭ, ସିଫା କୃଷି ବିଶେଷଜ୍ଞ ଡ଼.ସିଦ୍ଧାର୍ଥ ରାଣାବିଜୁଳି, ବିଏଓ ରଶ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ଭିତ୍ତିକ ଯୋଜନାର ପ୍ରଚାର ପ୍ରସାର ସହ ପ୍ରାୟ ପଞ୍ଚାୟତର ୨ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରତିଭା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସହରାଞ୍ଚଳରେ ବୁଲିଲା ବିକାଶ ବାହନ




ଛତ୍ରପୁର,୧୩।୬(ଦିଲ୍ଲୀପ ସାମଲ):

ରାଜ୍ୟରେ ମୋହନ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଗୁରୁବାରଠାରୁ ରାଜ୍ୟବ୍ୟାପୀ ବିକାଶ ବାହନ ଭ୍ରମଣ ଆରମ୍ଭ କରିଛି। ସହରାଞ୍ଚଳ ପାଇଁ ଗଞ୍ଜାମ ଜିଲା ନଗର ଉନ୍ନୟନ ସଂସ୍ଥା ପକ୍ଷରୁ ସୁସଜ୍ଜିତ ବିକାଶ ବାହନକୁ ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ଡୁଡା ପିଡି ଦେବଦତ୍ତ ପଣ୍ଡା ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ସହରାଞ୍ଚଳ ବୁଲି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସଚେତନ କରିବ । କାର୍ଯ୍ୟକ୍ରମରେ ଛତ୍ରପୁର ଇଓ ପ୍ରସନ୍ନ କୁମାର ଦାଶଙ୍କ ସମେତ ଡୁଡା କାର୍ଯ୍ୟାଳୟ ଓ ଛତ୍ରପୁର ଏନଏସିର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଆର୍. ଉଦୟଗିରିରେ ପରିକ୍ରମା କରୁଛି ବିକାଶ ରଥ

ଆର.ଉଦୟଗିରି,୧୩।୬ (ମନୋଜ କୁମାର ପାଢୀ)

ରାଜ୍ୟରେ ଭାଜପା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆର୍.ଉଦୟଗିରି ବ୍ଲକର ବିଭିନ୍ନ ପଞ୍ଚାୟତରେ ବିକାଶ ରଥ ପରିକ୍ରମା କରୁଛି। ସଦର ପଞ୍ଚାୟତରେ ବିଡିଓ, ନିର୍ବାଚିତ ଜନ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ଓ ଆଶା କର୍ମୀଉପସ୍ଥିତିରେ ବିକାଶ ରଥକୁ ବିଡିଓ ପତାକା ଦେଖାଇ ଶୁଭାରମ୍ଭ କରଥିଲେ। ଗୁରୁବାର ବିକାଶ ରଥ ବ୍ଲକ ସଦର ମହକୁମାରେ ଥିବା ପଞ୍ଚାୟତ ଓ ବଦ୍ରିଗୁଡା ପଞ୍ଚାୟତ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲା । ଏହି ଅବସରରେ ଆର.ଉଦୟଗିରିର ୧୦ଜଣ ଅନ୍ତୋଦୋୟ ଗୃହ ନିର୍ମାଣ କାର୍ଯ୍ୟାଦେଶ, ୩ଜଣଙ୍କୁ ଜବକାର୍ଡ, ୩ଜଣଙ୍କୁ ଭତ୍ତା ଓ ୨ଜଣଙ୍କୁ ରାଶନକାର୍ଡ ପ୍ରଦାନ କରାଯାଇଥିଲା। ଜନସେବା କେନ୍ଦ୍ର ପକ୍ଷରୁ ୭୦ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ପାଇଁ ୫ଟି ବୟୋବନ୍ଦନ କାର୍ଡ ପଞ୍ଜୀକରଣ କରାଯାଇଥିଲା । ସେହିଭଳି ବଦ୍ରିଗୁଡା ପଞ୍ଚାୟତରେ ୧୫ଜଣଙ୍କୁ ଜବକାର୍ଡ, ୬ଜଣଙ୍କୁ ମାସିକ ଭତ୍ତାକାର୍ଡ, ୨ଜଣଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଥିଲା। ଉଭୟ ପଞ୍ଚାୟତରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୧୦୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ତହସିଲ ପକ୍ଷରୁ ୧୧ଟି ବିବିଧ ପ୍ରମାଣପତ୍ର ଆବେଦନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ୨୦ ତାରଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ୧୭ଟି ଯାକ ପଞ୍ଚାୟତରେ ହେବ। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ପରିସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ ଉଦୟଭାନୁ, ଜିପିଇଓ ଦାମୋଦର ରେଞ୍ଜୀ, ମଙ୍ଗଳ ଅଧିକାରୀ ପବିତ୍ର ପଣ୍ଡା, ନିର୍ବାହୀ ଅଧିକାରୀ ରବୀନ୍ଦ୍ର ପାତ୍ର,ସରପଞ୍ଚ ଯାମେଶ ରାଇକା, ଗ୍ରାମୀଣ ଗୃହ ଯୋଜନା ଅଧିକାରୀ ଅଶ୍ୱିନୀ ଷଡଙ୍ଗୀ, ମୌସୁମୀ ତ୍ରିପାଠୀ, ନୋଡାଲ ଅଫିସର ପ୍ରଦୀପ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଯୁକ୍ତ ୩ ନାମଲେଖା ଆରମ୍ଭ




ଭଞ୍ଜନଗର,୧୩।୬(ବାବୁଲା ପ୍ରଧାନ):

ରାଜ୍ୟରେ ଯୁକ୍ତ ୩ ପ୍ରଥମ ବର୍ଷ କଳା, ବାଣିଜ୍ୟ ଏବଂ ବିଜ୍ଞାନ ପାଇଁ ଶୁକ୍ରବାରଠାରୁ ନାମଲେଖା ଆରମ୍ଭ ହୋଇଛି। ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ନିଜ ନିଜ ପ୍ରମାଣପତ୍ର ନେଇ ନାମ ଲେଖାଉଛନ୍ତି। ପ୍ରଥମ ଦିନରେ ଛାତ୍ରୀଛାତ୍ରମାନେ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ନ ଥିବା ଯୋଗୁ ନାମଲେଖା ସେଭଳି ଉତ୍ସାହଜନକ ହୋଇନି। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ପ୍ରଶାସନିକ ଅଧିକାରୀ ବିଭାସ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାମଲେଖା ଚାଲିଛି। ତାଙ୍କୁ ଅଧ୍ୟାପକ ଦୁର୍ଗା ପ୍ରସାଦ ସାହୁ, ସିମାଞ୍ଚଳ ବେହେରା, ବିଦେଶୀ ରାଉତ, ଅର୍ପଣ ପ୍ରଧାନ, ବିଭୂତି ଗୌଡ, ଅଧ୍ୟାପିକା ସସ୍ମିତା ଦାସ, ସ୍ମରଣିକା ପାଢ଼ୀ, ପବିତ୍ର ଶବର, ଡିଇଓ ଅଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟର ୧୦୫୪ କଲେଜରେ ନାମ ଲେଖା ଆରମ୍ଭ ହୋଇଛି। ୨,୭୪,୫୦୯ ସିଟ ପାଇଁ ୨,୬୫,୫୯୦ ଆବେଦନପତ୍ର ପଡ଼ିଛି।

# ଅଧାରେ ଅଟକିଛି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ

ଖଜୁରିପଡ଼ା, ୧୩।୬ (ବିଦୁର ବେହେରା)

କୋମଳ ମତି ଶିଶୁ ମାନଙ୍କର ପ୍ରାରମ୍ଭିକ ଶିକ୍ଷା ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ସରକାର ଅଙ୍ଗନୱାଡି କେନ୍ଦ୍ର ଲକ୍ଷାଧିକ ଟଙ୍କା ବ୍ୟୟ କରି ନିର୍ମାଣ କରୁଛନ୍ତି। କିନ୍ତୁ କିଛି ଦାୟିତ୍ୱ ହୀନତା ଠିକାଦାରଙ୍କ ପାଇଁ ବର୍ଷ ବର୍ଷ ଧରି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଯାହା ଫଳରେ ଗଛ ତଳେ କିମ୍ବା ଯୁବକ ସଂଘ ଘରେ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଶୁଡରୁ କୁମ୍ପା ପଞ୍ଚାୟତରେ। ଏହି ପଞ୍ଚାୟତ ଅଧୀନରେ ଆର୍ଥିକ ବର୍ଷ ୨୦୨୦-୨୧ରେ ନେଡିଗୁଡ଼ାଠାରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରିବା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଉକ୍ତ ଟଙ୍କାରେ ଠିକାଦାର ରୁଫ ଲେଭୁଲ ପର୍ଯ୍ୟନ୍ତ ଇଟା ଯୋଡ଼ି ଦେଇ ବହୁ ଦିନ ହେବ କାମ ବନ୍ଦ କରି ଚୁପ ବସିଛି। ହେଲେ ନିର୍ମାଣ କାର୍ଯ୍ୟ କୌଣସି କରଣ ଯୋଗୁ ଅଗ୍ରସର ହୋଇ ପାରୁନାହିଁ। ଯାହା



ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ର।

ଫଳରେ ଛୋଟ ଶିଶୁ ମାନଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରିଟାଡମେରୁ, ଜକ୍ରେରୁ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ବଲସକୁମ୍ପା ପଞ୍ଚାୟତର ନବଗୁବା ଅଙ୍ଗନୱାଡି କେନ୍ଦ୍ର ଠିକାଦାରଙ୍କ ଦାୟିତ୍ୱ ହୀନତା ଯୋଗୁ ବହୁ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି। ଯାହା ଫଳରେ କୋମଳ ମତି ଶିଶୁ ମାନେ ଅଙ୍ଗନୱାଡି କର୍ମୀଙ୍କ ଘରେ ପାଠ ପଢନ୍ତି। ତେଣୁ ସରକାର ଏଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ହୋଇ ପଡ଼ିଛି। ନଚେତ୍ ଅଙ୍ଗନୱାଡ଼ି କେନ୍ଦ୍ର ଅଧା ନିର୍ମିତ ଅବସ୍ଥାରେ ରହିଯିବ। ଏନେଇ ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆମ ବ୍ଲକ ଅଧିନରେ ଏହି ୨୯ଟି ଅଙ୍ଗନୱାଡ଼ି କେନ୍ଦ୍ର ଅଧା ନିର୍ମିତ ହୋଇ ରହିଛି। ସେଗୁଡ଼ିକ ଶୀଘ୍ର ସାରିବା ପାଇଁ ପଦକ୍ଷେପ ନିଆଯାଉଛି। ଏବେ ଆଉ ୫ଅଙ୍ଗନୱାଡ଼ି କେନ୍ଦ୍ର ମଞ୍ଜୁର ହୋଇଛି ତାହା ମଧ୍ୟ ଶୀଘ୍ର କାମ କରାଯିବ ବୋଲି କହିଛନ୍ତି।

# ପାରଳାଖେମୁଣ୍ଡିରେ ମହିଳା ଥାନା ପ୍ରତିଷ୍ଠା ଦାବି

ପାରଳାଖେମୁଣ୍ଡି,୧୩।୬(ଗିରିଧାରୀ ପରିଛା)

ଗଜପତି ଜିଲା ପାରଳାଖେମୁଣ୍ଡିରେ ସ୍ୱତନ୍ତ୍ର ମହିଳା ଥାନା ଖୋଲିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହେଉଛି। ପାରଳାଖେମୁଣ୍ଡିରେ ଆଦର୍ଶ ଥାନା ରହିଛି। ତେବେ ମହିଳା ଥାନା ନ ଥିବାରୁ ମହିଳାଙ୍କୁ ନେଇ ରୁଜୁ ମାମଲାଗୁଡିକର ତଦନ୍ତ ଓ ସେମାନଙ୍କ ସମସ୍ୟାର ଠିକ ସମୟରେ ସମାଧାନ କରିବା କଷ୍ଟକର ହେଉଛି। ଏହିଥାନାରେ ପ୍ରତିବର୍ଷପ୍ରାୟ ୪୫୦ ରୁ ୫୦୦ ମାମଲା ପଞ୍ଜିକୃତ ହୋଇଥାଏ। ସେଥିରୁ ଶତକଡା ୫୦ ଭାଗ ମାମଲା ମହିଳାଜନିତ ରହିଥାଏ । ଆଦର୍ଶ ଥାନାରେ ୨ ଜଣ ମହିଳା ଏସ୍‌ଆଇ ଓ ୪ ଜଣ ମହିଳା କନେଷ୍ଟବଳ ଅଛନ୍ତି। ଗଜପତିଜିଲାରେ ୯ଟି ଥାନା ରହିଛି। ରୁଜୁ ହେଉଥିବା ମହିଳା ସମସ୍ୟା ସମ୍ପର୍କିତ ମାମଲାଗୁଡିକ ତର୍ଜମା କରିବାକୁ ମହିଳା କର୍ମଚାରୀ କମ ଅଛନ୍ତି । ମହିଳାଙ୍କ ଉପରେ ଅତ୍ୟାଚାର, ଯୌତୁକଜନିତ ମାମଲା, ସାଇବର କ୍ରାଇମ ସହ ଅନ୍ୟାନ୍ୟ ମାମଲା ରୁଜୁ ହୋଇଥାଏ। ଏଗୁଡିକର ସମୟ ଅନୁସାରେ ସମାଧାନ ହୋଇପାରେ ନାହିଁ। ଏ ସମ୍ପର୍କରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ମୁଖ୍ୟ ମିନତି ପାଢୀ କହନ୍ତି, ମହିଳା ଅଧିକାରୀଙ୍କ ଅନୁପସ୍ଥିତିରେ ମହିଳାମାନେ ନିଜ ସମସ୍ୟା ଅଭିଯୋଗ କଲା ବେଳେ ମୁକ୍ତ ଭାବେ କହିବାକୁ ଭୟ କରନ୍ତି। ବରିଷ୍ଠ ଆଇନଜୀବୀ ଭାଗ୍ୟଲକ୍ଷ୍ମୀ ନାୟକ କହନ୍ତି, ମହିଳାମାନେ ଥାନାକୁ ଯିବାପାଇଁ ସୁରକ୍ଷିତ ମଣୁନାହାନ୍ତି। କାରଣ ମହିଳାମାନେ କୌଣସି ଅଭିଯୋଗ ଦେବାକୁ ହେଲେ ପୁରୁଷ କର୍ମଚାରୀଙ୍କୁ ହିଁ ଦେବାକୁ ପଡେ। ସେମାନେ ସେମାନଙ୍କ ସବୁ ସମସ୍ୟା କହିବାକୁ ଭୟ କରନ୍ତି। ସମାଜିକ କର୍ମୀ ନିର୍ମଳା ପଟ୍ଟନାୟକ କହନ୍ତି, ତୃଣମୂଳ ସ୍ତରରେ ମହିଳାମାନେ ଏବେବି ମୁକ୍ତ ନୁହନ୍ତି। ସେମାନେ ପାରିବାରିକ ଅତ୍ୟାଚାରକୁ ମୁକ୍ତ କଣ୍ଠରେ କହିବାକୁ କୁଣ୍ଠାବୋଧ କରନ୍ତି । ୨୦୨୩ରେ କେନ୍ଦ୍ର ସରକାର ରାଜ୍ୟର ପ୍ରତ୍ୟେକ ଜିଲାରେ ମହିଳା ଥାନା ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ଏଯାଏ ଗଜପତି ଜିଲାରେ ଏହା ଖୋଲିପାରି ନାହିଁ । ଏଥିପ୍ରତି ଗୁରୁତ୍ୱ ଦେଇ ଗଜପତି ଜିଲାରେ ମହିଳା ଥାନା ଖୋଲିବାକୁ ଦାବି ହେଉଛି।

# ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା ପ୍ରତ୍ୟାହୃତ

ଫୁଲବାଣୀ,୧୩।୬
(ରାକେଶ କୁମାର ରାଉତ)

ପଦୋନ୍ନତି ଦାବିରେ ଧାରଣାରେ ବସିଥିବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ଦାବି ପୂରଣ ହୋଇଛି। ସୋମବାର ମେଡିକାଲ ଜିଏନ୍‌ଏମ୍ କନଫରେନସ୍ ହଲରେ ସେମାନଙ୍କ କାଉନସେଲିଙ୍ଗ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ସ୍ୱାସ୍ଥ୍ୟ କର୍ମୀମାନେ ଧାରଣାରୁ ଉଠିଛନ୍ତି। ସୂଚନା ଯୋଗ୍ୟ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ପଦୋନ୍ନତି ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବାର ଦେଢ ବର୍ଷ ବିତି ଯାଇଥିଲେ ସୁଦ୍ଧା କନ୍ଧମାଳ ଜିଲା ପ୍ରଶାସନ ବିଭିନ୍ନ ଆଳ ଦେଖାଇ ଏହାକୁ ଟାଳିବାରେ ଲାଗିଥିଲା। ଇତି ମଧ୍ୟରେ ୨୫ ଜିଲାରେ ସ୍ୱାସ୍ଥ୍ୟ କର୍ମୀ ମାନେ ପଦୋନ୍ନତି ପାଇ ସାରିଥିବା ବେଳେ କନ୍ଧମାଳରେ ସ୍ୱାସ୍ଥ୍ୟକର୍ମୀମାନେ ଏଥିରୁ ବଞ୍ଚିତ ହୋଇଥିଲେ। ବାରମ୍ବାର ଲିଖିତ ଓ ମୌଖିକ ଭାବେ ଏ ବିଷୟରେ ପ୍ରଶାସନକୁ ଅବଗତ କରା ଯାଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ବାଧ୍ୟ ହୋଇ ଗତ ସୋମବାରରୁ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣାରେ ବସିଥିଲେ। ଦାବି ପୂରଣ ହୋଇଥିବରୁ ସଙ୍ଘ ଆବାହକ ପ୍ରଦୀପ ବେହେରା, ସଭାପତି ସୁଜାତା ବେହେରା, ସମ୍ପାଦକ ପ୍ରଭାତ ଶତପଥୀ ଓ ଅନ୍ୟମାନେ ଖୁସି ବ୍ୟକ୍ତ କରିଛନ୍ତି।

## ୧୦ ଫୁଟର ଅଜଗର ଉଦ୍ଧାର

ଜି.ଉଦୟଗିରି,୧୩।୬(ଚିନ୍ମୟ କୁମାର ସେଠୀ)ସ୍ଥାନୀୟ ସହରର ୪ନଂ ୱାର୍ଡ ସ୍ଥିତ ଶ୍ରୀରାମ ପଦା ତାରିଣୀ ମନ୍ଦିର ସମ୍ମୁଖ ଗେଟ୍ ନିକଟରେ ଏକ ବିରାଟକାୟ ଅଜଗର ସାପ ବୁଲୁଥିବା ଦେଖି ସ୍ଥାନୀୟ ଲୋକ ଭୟଭୀତ ହୋଇ ସ୍ଥାନୀୟ ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ଜଗନ୍ନାଥ ନାୟକଙ୍କ ନେତୃତ୍ୱରେ ଜବାହରଲାଲ ପରିଚ୍ଛା, ସାଲୁ ମଲୟ ମହାନ୍ତିଙ୍କ ସମେତ ଆଉ କିଛି ସଦସ୍ୟ ପହଞ୍ଚି ବହୁ ପରିଶ୍ରମ ଓ କୌଶଳ କ୍ରମେ ୧୦ଫୁଟର ଅଜଗର ସାପକୁ ଉଦ୍ଧାର କରି ସୁରକ୍ଷିତ ଭାବରେ କଳିଙ୍ଗା ଘାଟି ଜଙ୍ଗଲକୁ ନେଇ ଛାଡ଼ିଛନ୍ତି।

# ରଥଯାତ୍ରା ପାଇଁ ବାଧକ ସାଜିବ ପୂର୍ତ୍ତ ବିଭାଗ ରାସ୍ତା

ସୋରଡା,୧୩।୬(ରଜନୀ ମହାପାତ୍ର)

ଚଳିତ ୨୭ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥଯାତ୍ରା ହେଉଥିବା ଅଞ୍ଚଳରେ ମନ୍ଦିର ପରିଚାଳନା କମିଟିମାନେ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଗଞ୍ଜାମ ଜିଲା ସୋରଡାରେ ମଧ୍ୟ ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ସୋରଡାରେ ରଥଯାତ୍ରା ପାଇଁ ବର୍ତ୍ତମାନ ପୂର୍ତ୍ତ ବିଭାଗର ରାସ୍ତା ବାଧକ ସାଜୁଛି। ପୂର୍ତ୍ତ ବିଭାଗ ପକ୍ଷରୁ ବର୍ତ୍ତମାନ ସୋରଡା ବଡଦାଣ୍ଡରେ ନୂତନ ପିଚୁ ରାସ୍ତା ନିର୍ମାଣ ହୋଇଛି। ପୁରୁଣା ପିଚୁକୁ ବାହାର ନ କରି ବାରମ୍ବାର ପିଚୁ ଉପରେ ପିଚୁ ପକାଇ ରାସ୍ତା ନିର୍ମାଣ କରିବା ଯୋଗୁ ବର୍ତ୍ତମାନ ରାସ୍ତାର ଦୁଇପାର୍ଶ୍ୱ ଖାଲ ଢିପ ହୋଇ ରହିଛି। ପୂର୍ତ୍ତ ବିଭାଗ ସମ୍ପୂର୍ଣ୍ଣ ରାସ୍ତାକୁ ପିଚୁ ପକାଇବା ପରିବର୍ତ୍ତେ ଅଧା ପିଚୁ ପକାଇ କେବଳ ମଝି ରାସ୍ତା ନିର୍ମାଣ କରିଛି। ନିର୍ମାଣ ହୋଇଥିବା ନୂଆ ପିଚୁ ରାସ୍ତାର ଦୁଇ ପାର୍ଶ୍ୱ ମଧ୍ୟରେ ୧୦ରୁ ୧୨ ଇଞ୍ଚ ଉଚ୍ଚନିଚ ହୋଇ ରହିଛି। ନୂଆ ରାସ୍ତା ନିର୍ମାଣ ପରେ ଏବେ ମାତ୍ର ଆଉ ୧୨/୧୩ ଦିନ ରହିଲା ରଥ ଯାତ୍ରା। ରାସ୍ତାର ଦୁଇ ପାର୍ଶ୍ୱ ଉଚ୍ଚାନିଚା ହୋଇଥିବାରୁ ରଥ ଯିବା ବେଳେ ସମସ୍ୟା ଉପୁଜିବ। ରଥର କେବଳ ତିନୋଟି ଚକ ରାସ୍ତା ଉପରେ ରହିବ ଏବଂ ଆଉ ତିନୋଟି ଚକ ରାସ୍ତାର ଅପର ପାର୍ଶ୍ୱରେ ଖାଲରେ ରହିବ। ଏପରି ସ୍ଥିତିରେ ରଥର ମୋଡ ବଦଳେଇବା ସମ୍ଭବ ହେବନାହିଁ। ରାସ୍ତା ନିର୍ମାଣ ପରେ ଏନେଇ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିବାରୁ ଯଥାଶୀଘ୍ର ରାସ୍ତାର ଉଭୟ ପାର୍ଶ୍ୱକୁ ସିମେଣ୍ଟ କଂକ୍ରିଟ କରାଯିବ ବୋଲି ବିଭାଗ ପ୍ରତିଶ୍ରୁତି ଦେଇଥିଲା। ଏଯାଏ ତାହା ହେଲାନାହିଁ।

ଏବେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ନୂତନ ପାଇପ ପକାଇବାକୁ ରାସ୍ତା ଖୋଳା ହେଉଛି। ନୂତନ ପାଇପ ପଡିବ, ତା'ପରେ ପ୍ରାୟ ୯୦୦ ମିଟର ଉଭୟ ପଟ ରାସ୍ତା ପୂର୍ତ୍ତ ବିଭାଗ ନିର୍ମାଣ କଲେ ଯାଇ ରଥ ଯିବା ସୁବିଧାଜନକ ହେବ। ଜନସ୍ୱାସ୍ଥ୍ୟ ବିଭାଗ କେବେ ପାଇପ ପକାଇବା କାମ ସାରିବ ଏବଂ ପୂର୍ତ୍ତ ବିଭାଗ କେବେ ରାସ୍ତା ନିର୍ମାଣ କରିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କଲାଣି। ଏ ସମ୍ପର୍କରେ ରଥ ନିର୍ମାଣର ବିଷ୍ଣୁ ମହାରଣାଙ୍କ ପରିବାରର ପ୍ରଦୀପ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ନିର୍ମାଣ ନ ସରିଲେ ରଥ ଯିବା କଷ୍ଟକର ହେବ। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ, ରାସ୍ତାରେ ପାଇପ ପକାଇବା କାମ ଚାଲିଛି। ଯେତେ ଶୀଘ୍ର ଏହି କାମ ସରିବ ଆମେ ରାସ୍ତା ନିର୍ମାଣ କରିବୁ। ଜନସ୍ୱାସ୍ଥ୍ୟ ବିଭାଗ ଉପଖଣ୍ଡ ଅଧିକାରୀ ମୃତ୍ୟୁଞ୍ଜୟ ସାହୁଙ୍କୁ ପଚାରିବାରୁ ସେ କହିଲେ, ଶୀଘ୍ର ପାଇପ କାମ ସାରିବା ପାଇଁ ଚେଷ୍ଟା କରୁଛୁ । ପ୍ରଭୁଙ୍କ ରଥ ଯେପରି ସୁରକ୍ଷିତ ଭାବରେ ଯିବ ସେଥିପାଇଁ ପୂର୍ତ୍ତ ବିଭାଗ ସହ ସମନ୍ୱୟ ରକ୍ଷାକରି କାମ ସାରିବାକୁ ଉଦ୍ୟମ ହେଉଛି ବୋଲି କହିଥିଲେ।

# ହିତାଧିକାରୀଙ୍କୁ ଭତ୍ତା, ପଟ୍ଟା ବଣ୍ଟନ କଲେ ୨ ମନ୍ତ୍ରୀ

ଗୋପାଳପୁର,୧୩।୬
(ନବୀନ ରାଜ ଆଚାରୀ)

ରାଜ୍ୟରେ ଭାଜପା ସରକାରର ଏକ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ଭାବିନୀପୁର ପଞ୍ଚାୟତରେ ବିଭିନ୍ନ ଯୋଜନା ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ବିଧାୟକ ସୋରଭ ସାହୁ ଯୋଗ ଦେଇଥିଲେ। ଅତିଥି ଭାବେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍, ରଙ୍ଗେଇଲୁଣ୍ଡା ବିଡ଼ିଓ ବିଶ୍ୱଜିତ ରାୟ, ଜିଲା ଭାଜପା ସଭାପତି ସରୋଜ ସାବତ ଉପସ୍ଥିତ ଥିଲେ। ବିକଶିତ ବାହନ ରଥ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହିଅବସରରେ ବୃକ୍ଷ ରୋପଣ କରାଯିବା ସହ ୫ ଜଣ ନୂତନ ପଟ୍ଟା, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ନୂତନ ରେସନ କାର୍ଡ, ସ୍ୱାସ୍ଥ୍ୟ କାର୍ଡ, ଗୃହ କାର୍ଯ୍ୟର କାର୍ଯ୍ୟାଦେଶ ହିତାଧିକାରୀଙ୍କୁ ବଣ୍ଟନ କରିବା ସହ ୪ ଜଣ ହିତାଧିକାରୀଙ୍କୁ ପିଏମ ବିଶ୍ୱକର୍ମା ଯୋଜନା, ୫ ଟି ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଋଣ ପ୍ରଦାନ କରାଯାଇଥିଲା। ପ୍ରତାପ ଚନ୍ଦ୍ର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ। ଏହି ଅବସରରେ ସରପଞ୍ଚ ରଞ୍ଜିତ ସାହୁ, ବିଏସ୍‌ଏସ୍‌ଓ ଲକ୍ଷ୍ମୀ ନୃସିଂହ ପଟ୍ଟନାୟକ, ଜିପିଡିଓ ସୁଦୀପ୍ତ ପଟ୍ଟନାୟକ, ପିଇଓ ସନ୍ତୋଷ ବେହେରା, ଅରୁଣ ସାହୁ, ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ଅତିଥି

# ପାରଳା ମାଟିରେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରକ୍ଷା ନେଇ ବୈଠକ

ପାରଳାଖେମୁଣ୍ଡି,୧୩।୬
(ଗିରିଧାରୀ ପରିଡ଼ା)

ସ୍ୱାଧୀନତା ସଂଗ୍ରାମରେ ପାରଳାଖେମୁଣ୍ଡି ମାଟିର ଶହୀଦ ହୋଇଥିବା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମୃତିସ୍ତମ୍ଭ ନିର୍ମାଣ କରିବା ଲାଗି ସହରର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏହା ପାରଳାଖେମୁଣ୍ଡି ସହର, ଗଣ୍ଡାହାଟୀ, ଗାରାବନ୍ଧ, ଗୌରୀ, ଗୁଟ୍ଟୁଳାଙ୍ଗରେ ନିର୍ମାଣ କରିବାକୁ ସେମାନେ ପ୍ରସ୍ତାବ ଦେଇଛନ୍ତି। ସ୍ୱାଧୀନତା ସଂଗ୍ରାମରେ ପାରଳାର ଚକ୍ରବର୍ତ୍ତୀ ବେହେ, ଥାଟରାଜ ରାଧାକୃଷ୍ଣ ଦଣ୍ଡସେନା, ଦାଶରଥୀ ଜେନା, ଗୋଲିଆ ପାତ୍ରଙ୍କ ସହ ୧୮ ଜଣ ଶହୀଦ ହୋଇଥିଲେ। ଶୁକ୍ରବାର ଏନେଇ ଅନୁଷ୍ଠିତ ଏକ ବୈଠକରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନ ଜଣାଇ ହୋଇଥିବା ନିଷ୍ପତ୍ତି ଅନୁସାରେ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଯାଇଛି । ସୂଚନାଯୋଗ୍ୟ, ଇଂରେଜମାନଙ୍କ ବିରୋଧରେ ୧୭୬୭ରୁ ୧୮୩୪ ପର୍ଯ୍ୟନ୍ତ ଦୀର୍ଘ ୬୭ ବର୍ଷ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଏଥିରେ ୧୮ ଜଣଙ୍କୁ ଫାଶୀଦଣ୍ଡ ମିଳିଥିଲା। ଏହି ଠେରେ ଏଯାବତ ସଂଗ୍ରାମୀମାନଙ୍କ ପାଇଁ କୌଣସିଠାରେ ସ୍ମୃତିରକ୍ଷା ବ୍ୟବସ୍ଥା କରାଯାଇ ନାହିଁ । ଏହି ସ୍ୱାଧୀନତା ସଂଗ୍ରାମକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଇଁ ମଧ୍ୟ ପାରଳାବାସୀଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ଉତ୍କଳ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବିଶ୍ୱନାଥ ବେବର୍ତ୍ତା, ବିନୋଦ ଚନ୍ଦ୍ର ଜେନା, ଇଂ. ଅମୃତ ପାଣିଗ୍ରାହୀ, ଗୌରହରି ଜଗଯୁଡ଼ା ପଟ୍ଟନାୟକ, ଅର୍ଜ୍ଜୁନ ପାତ୍ର, ସୁରେଶ ବେହେରା, ଅନୁପାଞ୍ଜଳି ମହାନ୍ତି, ସ୍ନେହା ବେହେରା, ରାଜେଶ୍ୱରୀ ସ୍ୱାଇଁ, ତ୍ରିପତି ପ୍ରସାଦ ପଣ୍ଡା, ରବୀନ୍ଦ୍ର ପଣ୍ଡା, ଶ୍ୱେତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ମଣ୍ଡିରୁ ଉଠୁନି ରବି ଧାନ, ଚିନ୍ତାରେ ଚାଷୀ

ବାଲିଗୁଡ଼ା,୧୩।୬
(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଲଣ୍ଡାଗାଁରେ ରବିଋତୁରେ ଚାଷୀ ଧାନଚାଷ କରିଛନ୍ତି। ଧାନ କ୍ରୟ କରିବା ପାଇଁ ସରକାର ମଣ୍ଡିର ବ୍ୟବସ୍ଥା କରିଛନ୍ତି କିନ୍ତୁ ଲ୍ୟାମ୍ପ ଏମ୍‌ଡି ଓ ମିଲରଙ୍କ ମନମୁଖି କାର୍ଯ୍ୟ ପାଇଁ ଚାଷି ହନ୍ତସନ୍ତ ହେଉଛନ୍ତି। ଲଣ୍ଡାଗାଁରେ ମେ ୨୮ରୁ ଖୋଲିଛି ମଣ୍ଡି ହେଲେ ଏ ପର୍ଯ୍ୟନ୍ତ ଯାହାକି ୧୫ ଦିନରୁ ଉର୍ଦ୍ଧ୍ୱ ହେଲାଣି ମାତ୍ର ୨୫ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଛି। ଏହି ଅଞ୍ଚଳରେ ୧୨୦ଜଣ ଚାଷୀ ମଣ୍ଡିରେ ଧାନବିକ୍ରି କରିବାକୁ ପଞ୍ଜିକରଣ କରିଛନ୍ତି । ବର୍ଷାଋତୁ ଆସିଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି । କାରଣ କଷ୍ଟକରି ବିଲରେ ଧାନ ଅମଳ କଲେ କିନ୍ତୁ ବିକ୍ରି ନ କରି ପାରି ନିଜ ଘରେ ଧାନ ରଖିଛନ୍ତି। କେତେ ଚାଷୀ ନିଜଘରେ ଧାନ ରଖିବାକୁ ଜାଗା ନ ଥିବାରୁ ସେମାନେ ମଣ୍ଡି ପରିସରିରେ ଖୋଲାଆକାଶ ତଳେ ରଖିଛନ୍ତି। ଏନେଇ ପଞ୍ଜିକରଣ ହୋଇଥିବା ଧାନ ଶୀଘ୍ର ଉଠାଇବାକୁ ଚାଷୀ ମାନେ ଦାବି କରିଛନ୍ତି। ଅନ୍ୟପଟେ ଲ୍ୟାମ୍ପ ଏମ୍‌ଡି ଶ୍ୟାମ ବେହେରାଙ୍କୁ ଯୋଗାଯୋଗ କରିବାରୁ ତାହା ସମ୍ଭବ ହୋଇ ପାରିନାହିଁ।

# ଡିଏଲ୍‌ଏସ୍‌ଏ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

ଫୁଲବାଣୀ,୧୩।୬
(ରାକେଶ କୁମାର ରାଉତ)

ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଫୁଲବାଣୀ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ ଗୃହଠାରେ ପାଳିତ ହୋଇଛି। ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ରାମ ଶଙ୍କର ହୋତାଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଓ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଦୋଳଗୋବିନ୍ଦ ବାରିକ, ଫୁଲବାଣୀ ସତନ୍ତ୍ର ଭିଜିଲାନ୍ସ ବିଚାରପତି ରାଜେଶ ଦାଶ, ପୋକ୍ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ, ଏଫ୍‌ଟିଏସ୍‌ସି କୋର୍ଟ ବିଚାରପତି କୈଳାଶଚନ୍ଦ୍ର ସ୍ୱାଇଁ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ବନାଲି ତ୍ରିପାଠୀ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ରମାକାନ୍ତ ମହାନ୍ତି, ରେଜିଷ୍ଟ୍ରାର ସିଭିଲ କୋର୍ଟ ପ୍ରିୟ ରଞ୍ଜନ ଓଝା, ଏସ୍‌ଡିଜେଏମ୍ ସୌମ୍ୟା ସୋନାଲିକା, ଜେଏମ୍‌ଏଫ୍‌ସି ବଦ୍ରିନାଥ ବିଶ୍ୱାଳ, ପିପି ପୂର୍ଣ୍ଣ ଚନ୍ଦ୍ର ନାଗ, ବାର ଆସୋସିଏସନ ସମ୍ପାଦକ ବୀରେନ୍ଦ୍ର ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ଜୁନ୍ ୧୨କୁ ପ୍ରତ୍ୟେକ ବର୍ଷ ବିଶ୍ୱ ବାଳ ଶ୍ରମିକ ନିରୋଧ ଦିବସ ରୂପେ ପାଳନ କରାଯାଏ। ବିଶ୍ୱର ଭବିଷ୍ୟତ ପାଇଁ ଶିଶୁର ବର୍ତ୍ତମାନକୁ ଶିକ୍ଷା, ସଂସ୍କାରରେ ସୁନିଶ୍ଚିତ ଏବଂ ସୁରକ୍ଷିତ କରିବା ହିଁ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନର ମହାନ ଲକ୍ଷ ବୋଲି ଅତିଥି ମାନେ କହିଥିଲେ। ଶେଷରେ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

RECRUITMENT ALERT !
Join a leading MNC as a Business Leader or Part-Time Professional in All Odisha (Bankers | Retired/ VRS Employees, Housewives, Real Estate & Insurance Professionals | Business Owners, Teachers, Sales Staff and other Corp Employee are also Welcome.
Flexible Work | High Earnings | Career Growth
Mob: 8763019090

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in.
M: 9840335849

कार्यपालक अभियंता का कार्यालय,
लघु सिंचाई प्रमण्डल, गढ़वा
निविदा रद्द करने से संबंधित सूचना पत्र
पत्रांक –गढ़वा/दिनांक –
दैनिक समाचार पत्रों में प्रकाशित Advertisement P.R. No- 353000 Received on 20.05.2025 (WRD/ MID/GARHWA/B.D./S.L.I.-03/2025-26) तेवाली सोलर उदवह सिंचाई योजना का निर्माण कार्य ग्राम– तेवाली, पंचायत– जनेवा, प्रखण्ड– भण्डरिया को अपरिहार्य कारणवश अगले आदेश तक रद्द किया जाता है।
PR 354963 Minor Irrigation(25-26).D
कार्यपालक अभियंता,
लघु सिंचाई प्रमण्डल,गढ़वा

झारखण्ड सरकार
सांस्कृतिक कार्य निदेशालय
(पर्यटन, कला संस्कृति, खेलकूद एवं युवा कार्य विभाग)
Phone: 0651-2401917, E-mail: dirjharkhandculture@gmail.com
पत्रांक–167, राँची, दिनांक–12.06.2025
–: अति अल्पकालीन Request For Proposal (RFP) आमंत्रण सूचना :–
राँची जिला के जगन्नाथपुर, धुर्वा में आयोजित होने वाले ऐतिहासिक जगन्नाथपुर रथ मेला 2025(27 जून से 06 जुलाई 2025) के अंतर्गत सांस्कृतिक कार्य निदेशालय (पर्यटन, कला संस्कृति, खेलकूद एवं युवा कार्य विभाग), झारखण्ड, राँची के द्वारा प्रस्तावित जगन्नाथ महोत्सव 2025 के आयोजन के लिए इवेंट मैनेजेमेंट एजेंसी के चयन हेतु एतद् द्वारा इच्छुक एवं योग्य इवेंट मैनेजेमेंट एजेंसियों से प्रस्ताव आमंत्रित की जाती है।
उक्त RFP से संबंधित विवरणिका निदेशालय के वेबसाईट https://jharkhandculture.com पर उपलब्ध है। इच्छुक एवं योग्य एजेंसी/निविदादाता, अपना प्रस्ताव बंद लिफाफे में निदेशालय कार्यालय (सांस्कृतिक कार्य निदेशालय, एम.डी.आई. भवन, तृतीय तल, एच.ई.सी., धुर्वा, राँची–4) में निबंधित डाक/कुरियर/हाथों–हाथ दिनांक 24.06.2025 को अप० 3.00 बजे तक समर्पित कर सकते हैं। निर्धारित तिथि/समय से विलम्ब से प्राप्त आवेदनों पर कोई विचार नहीं किया जायेगा। इस निविदा से संबंधित अनुवर्त्ती सभी सूचनाऐं/संशोधन निदेशालय के उक्त वेबसाईट पर हीं उपलब्ध होगी। निविदा को किसी भी स्तर पर संशोधित/रद्द करने का सर्वाधिकार अधोहस्ताक्षरी को सुरक्षित रहेगा।
ह०/–
निदेशक, संस्कृति,सांस्कृतिक कार्य निदेशालय,झारखण्ड, राँची
PR 354997 (Tourism, Art Culture Sports And Youth Affairs )25-26*D

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ଏଚ୍.କ୍ୟୁ., କାର୍ମିକ ବିଭାଗ, ରେଳବାଇ ନିଯୁକ୍ତି କୋଷ, ଆର୍.ଟି.ଏସ୍. କଲୋନୀ, ବିଳାସପୁର (ଛ.ଗ.)-୪୯୫୦୦୪
ଅନ୍‌ଲାଇନ୍ ଅଧିସୂଚନା
କର୍ମନିଯୁକ୍ତି ବିଜ୍ଞପ୍ତି ସଂ. ପି-ଏଚ୍‌କ୍ୟୁ/ଆର୍‌ଆର୍‌ସି/୭୬୨/୨୦୨୫-୨୬
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ବର୍ଷ ୨୦୨୫-୨୬ ପାଇଁ
ସ୍କାଉଟ୍ସ ଓ ଗାଇଡ୍ସ କୋଟାରେ ନିଯୁକ୍ତି ପାଇଁ କେନ୍ଦ୍ରୀକୃତ ଅନ୍‌ଲାଇନ୍ ଅଧିସୂଚନା
ଜାରି ତାରିଖ/ଖୋଲାଯିବା ତାରିଖ: ୧୪।୦୬।୨୦୨୫
ସମାପ୍ତି ତାରିଖ: ୧୩।୦୭।୨୦୨୫ (ସମୟ ୨୩.୫୯ ଘଟିକା)
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ସ୍କାଉଟ୍ସ ଓ ଗାଇଡ୍ସ କୋଟା–୨୦୨୫–୨୬ରେ ବେତନ ମାଟ୍ରିକ୍ସ ସ୍ତର–୨; ୭ମ ସିପିସିରେ ୦୨ (ଦୁଇଟି) ପଦବୀ ଏବଂ ବେତନ ମାଟ୍ରିକ୍ସ ସ୍ତର–୧; ୭ମ ସିପିସିରେ ୦୬ (ଛଅଟି) ପଦବୀ ପୂରଣ କରିବା ପାଇଁ ଯୋଗ୍ୟ ଏବଂ ମେଧାବୀ ସ୍କାଉଟ୍ସ ଓ ଗାଇଡ୍ସ ପ୍ରାର୍ଥୀମାନଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି ।
୧. ପଦବୀର ବିବରଣୀ:

| କ୍ର.ସଂ. | ପଦବୀ | ପଦବୀ ସଂଖ୍ୟା | ବିତରଣ |
|---|---|---|---|
| ୧. | ଗ୍ରୁପ୍ 'ସି' ସ୍ତର ୨ (୭ମ ସିପିସି) | ୦୨ (ଦୁଇ) | ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ |
| ୨. | ପୂର୍ବବର୍ତ୍ତୀ ଗ୍ରୁପ୍ 'ଡି', ସ୍ତର–୧ (୭ମ ସିପିସି) | ୦୬ (ଛଅ) | ବିଳାସପୁର, ରାୟପୁର ଓ ନାଗପୁର ଡିଭିଜନର ପ୍ରତ୍ୟେକ ୦୨ ପଦବୀ |

ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ର ତା୧୪।୦୬।୨୦୨୫ରୁ ୨୧।୦୬।୨୦୨୫ରିଖର ସଂସ୍କରଣ ଦେଖନ୍ତୁ ଏବଂ ଏସ୍‌ଇସି ରେଳପଥ ୱେବ୍‌ସାଇଟ୍: www.secr.indianrailways.gov.inରେ ଲଗ୍ ଅନ୍ କରନ୍ତୁ ।
ଅଧ୍ୟକ୍ଷ
ଆର୍‌ଆର୍‌ସି/ଏସ୍‌ଇସିଆର୍/ବିଳାସପୁର
CPR/10/FL/100
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

## Government of Odisha
## Higher Education Department
### Remaining Timeline for Admission into 2 year B.Ed., B.H.Ed., M.Ed. Courses for the Academic Session 2025-26 under SAMS

No. N-: The remaining timeline for 2 Year B.Ed., B.H.Ed., M.Ed. Courses e-Admission for the year 2025-26 under "Student Academic Management System (SAMS)" is given below. Any change in the timeline will be published on the website **https://te.samsodisha.gov.in/.** The applicants are advised to read the Information Brochure carefully.

| Sl # | Activities | Timeline |
|---|---|---|
| 1 | Publication of Entrance Test Score on SAMS TE Portal | 13 June 2025 (Friday) (10.00 A.M.) |
| 2 | **Students Activity:** Updation of 1) Choice locking for the institutions by the applicants in their student login, 2) Graduation/Equivalent marks | 13 June 2025 (12.10 P.M.) (Friday) to 19 June 2025 (11.45 P.M.) (Thursday) |
| 3 | Publication of Provisional Allotment of Seats (For First Round Selection) | 25 June 2025 (Wednesday) (02.00 P.M.) |
| 4 | **Students Activity:** Selection of Slide/Freeze option and Online payment of admission fees by the selected students through SAMS (Student's login) portal | 25 June 2025 (04.00 P.M.) (Wednesday) to 01 July 2025 (03.00 P.M.) (Tuesday) |
| 5 | **Students Activity:** Reporting of applicants at allotted institutions for taking admission (for First Round Selection) (Applicants who have chosen the Freeze option will only be required to report for admission) | 26 June 2025 (10.00 A.M.) (Thursday) to 01 July 2025 (05.00 P.M.) (Tuesday) (Excluding Holiday) |
| 6 | **Institution Activity:** Data updation of admitted Students in the e-space (for First Round Admission) by the respective Institutions | 26 June 2025 (10.00 A.M.) (Thursday) to 01 July 2025 (11.45 P.M.) (Tuesday) (Excluding Holiday) |
| 7 | Publication of Provisional Allotment of Seats (for Second Round Selection) | 07 July 2025 (Monday) (02.00 P.M.) |
| 8 | **Students Activity:** Selection of Slide/Freeze option and Online payment of admission fees by the selected students through SAMS (Student's login) portal | 07 July 2025 (04.00 P.M.) (Monday) to 11 July 2025 (03.00 P.M.) (Friday) |
| 9 | **Students Activity:** Reporting of applicant at allotted institutions for taking admission (for Second Round Selection) (Applicants who have chosen the Freeze option will only be required to report for admission) | 08 July 2025 (10.00 A.M.) (Tuesday) to 11 July 2025 (05.00 P.M.) (Friday) |
| 10 | **Institution Activity:** Data updation of admitted students in the e-space (for Second Round Admission) by the respective Institutions | 08 July 2025 (10.00 A.M.) (Tuesday) to 11 July 2025 (11.45 P.M.) (Friday) |
| 11 | Publication of Provisional Allotment of Seats (For Third Round Selection) | 17 July 2025 (Thursday) (02.00 P.M.) |
| 12 | **Students Activity:** (Selection of FREEZE OPTION) & Online payment of admission fees by the selected students through SAMS (Student's login) portal | 17 July 2025 (04.00 P.M.) (Thursday) to 22 July 2025 (03.00 P.M.) (Tuesday) (Excluding Holiday) |
| 13 | **Students Activity:** Reporting of the applicant at allotted Institutions for taking admission (for Third Round Selection) | 18 July 2025 (10.00 A.M.) (Friday) to 22 July 2025 (05.00 P.M.) (Tuesday) (Excluding Holiday) |
| 14 | **Institution Activity:** Data updation of admitted students in the e-space (for Third Round of Selection) by the respective Institutions | 18 July 2025 (10.00 A.M.) (Friday) to 22 July 2025 (11.45 P.M.) (Tuesday) (Excluding Holiday) |
| 15 | **Students Activity:** Reporting of (Not admitted or not selected) applicants through [Student's Login] in online mode (Applicants have to select their remaining higher preference HEIs by ticking the checkbox provided next to each HEI where they want to participate in the waiting list round) | 28 July 2025 (11.00 A.M.) (Monday) to 31 July 2025 (11.45 P.M.) (Thursday) |
| 16 | Publication of merit wise list among the reported waitlisted applicants at HEIs e-space | 04 August 2025 (02.00 P.M.) (Monday) |
| 17 | **Institution Activity:** Publication of selected and waitlisted applicant's list by the HEIs at their Notice Board/Website and the HEIs will also communicate to the applicants via phone call/SMS/whatsapp/e-mail etc. | 05 August 2025 (04.00 P.M.) (Tuesday) |
| 18 | Reporting of selected applicants of waitlisted round to take admission in one of the selected HEIs, where the total/ differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 06 August 2025 (10.00 A.M.) (Wednesday) & 07 August 2025 (05.00 P.M.) (Thursday) |
| 19 | Reporting of waiting applicants of waitlisted round to take admission in one of the selected HEIs, where the total/ differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 08 August 2025 (10.00 A.M.) (Friday) to 11 August 2025 (05.00 P.M.) (Monday) (Excluding Holiday) |
| 20 | Admission updation of the selected waitlisted Student's data by the HEIs in their e-Space | 06 August 2025 (10.00 A.M.) (Wednesday) to 11 August 2025 (11.45 P.M.) (Monday) |
| 21 | Commencement of 1st year classes for B.Ed., B.H.Ed. & M.Ed. for the AY: 2025-26 | 24 July 2025 (Thursday) |

For more details please contact:
e-Admission Helpline (Toll Free) Number 155335/1800-345-6770

OIPR-11001/11/0065/2526 Sd./- Joint Secretary to Govt., PTC Section

## Government of Odisha
## Higher Education Department
### Remaining Timeline for e-Admission into U.G. Courses under SAMS in the Higher Education Institutions for the Academic Session 2025-26

No. N-85: The remaining timeline for e-Admission in all (+3) Degree Colleges including Self Financing (Degree)/Sanskrit (Shastri) Colleges participating under Student Academic Management System (SAMS) is given below. Any changes in the timeline will be published in the Newspapers as well as in the website **www.samsodisha.gov.in**. Kindly refer the Common Prospectus (CP) to know about the remaining activites.

| Sl # | Activities | Timeline |
|---|---|---|
| 1 | Publication of Provisional Allotment of Seats (For First Round Selection) | 12 June 2025 (11.00 A.M.) |
| 2 | Selection of Slide/Freeze/Float Option and Online payment of admission fees by the selected students through SAMS [Student's Account] portal | 12 June 2025 (12.00 P.M.) to 17 June 2025 (03.00 P.M.) |
| 3 | Reporting of the applicants at allotted Institutions for taking admission (for First Round Selection) (Applicants who have chosen the Freeze option will only be required to report for admission) | 13 June 2025 & 16 June 2025 & 17 June 2025 (10.00 A.M. to 5.00 P.M.) |
| 4 | Data updation of admitted students in the e-space by the respective Institutions (for Frist Round Admission) | 13 June 2025 (10.00 A.M.) to 17 June 2025 (07.00 P.M.) |
| 5 | Publication of Provisional Allotment of Seats (for Second Round Selection) | 22 June 2025 (11.00 A.M.) |
| 6 | Selection of Slide/Freeze/Float Option and Online payment of admission fees by the selected students through SAMS [Student's Account] portal | 22 June 2025 (12.00 P.M.) to 25 June 2025 (03.00 P.M.) |
| 7 | Reporting of applicants at allotted institutions for taking admission (for Second Round Selection) (Applicants who have chosen the Freeze option will only be required to report for admission) | 23 June 2025 (10.00 A.M.) to 25 June 2025 (05.00 P.M.) |
| 8 | Data updation of admitted studnets in the e-space by the respective Institutions (for Second Round Admission) | 23 June 2025 (10.00 A.M.) to 25 June 2025 (07.00 P.M.) |
| 9 | Publication of Provisional Allotment of Seats (for Third/ Final Round Selection) | 01 July 2025 (11.00 A.M.) |
| 10 | Online payment of admission fees by the selected students through SAMS [Studnent's Account] portal | 01 July 2025 (12.00 P.M.) to 04 July 2025 (03.00 P.M.) |
| 11 | Reporting of applicants at allotted institutions for taking admission (for Third/Final Round Selection) (All the selected applicants have to report mandatorily to take admission) | 02 July 2025 (10.00 A.M.) to 04 July 2025 (05.00 P.M.) |
| 12 | Data updation of admitted students in the e-space by the respective Institutions (for Third/Final Round Admission) | 02 July 2025 (10.00 A.M.) to 04 July 2025 (07.00 P.M.) |
| 13 | Reporting of applicants through [Student's Login] online mode for their remaining upper choice options (Student must choose the HEI/subject's name from the check box provided where S/he want to participate in waiting list round) | 07 July 2025 (02.00 P.M.) to 10 July 2025 (11.45 P.M.) |
| 14 | Publication of merit wise waiting list among the reported waitlisted applicants at HEIs e-space as well as in the Student's login | 12 July 2025 (02.00 P.M.) |
| 15 | Publication of selected and waitlisted applicant's list by the HEIs at their Notice Board/Website and will also communicate to the applicants via phone call/SMS | 13 July 2025 (02.00 P.M.) |
| 16 | Reporting of selected applicants in the waiting list round to take admission in one of the selected HEIs, where to total or differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 14 July 2025 (10.00 A.M. to 02.00 P.M.) |
| 17 | Reporting of waitlisted applicants to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 15 July 2025 (10.00 A.M. to 02.00 P.M.) |
| 18 | Admission Updation of the Student's data by the HEIs in their e-Space | 14 July 2025 & 15 July 2025 (10.00 A.M. to 07.00 P.M.) |
| 19 | Commencement of Classes (Degree 1st year) | 10th July 2025 (Thursday) |
| 20 | Phase-II Admission Process shall be started | After publication of Instant/ Supplementary result of CHSE |

For more details please contact:
e-Admission Helpline (Toll Free) Number 155335/1800-345-6770

OIPR-11001/11/0066/2526 Sd./- Deputy Director, PTC Section

## ସଂକ୍ଷେପରେ

### ଉଚ୍ଚଶିକ୍ଷା ପାଇଁ ଥାଇଲାଣ୍ଡ ଯିବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ର

ବ୍ରହ୍ମପୁର,୧୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ଉଚ୍ଚଶିକ୍ଷା ପାଇଁ ଥାଇଲାଣ୍ଡ ଯିବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରତାପ ମିସ୍ତ୍ରୀ (୨୧)। ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ସେ ପଦାର୍ଥବିଜ୍ଞାନରେ ସ୍ନାତକ ହାସଲ କରିଛନ୍ତି। ମାଲକାନଗିରି ଜିଲା ନିବାସୀ ପ୍ରତାପ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଛାତ୍ରବୃତ୍ତି ପାଉଛନ୍ତି। ଆଗାମୀ ୩୧ ଜୁଲାଇରୁ ୬ ଅଗଷ୍ଟ ପର୍ଯ୍ୟନ୍ତ ଥାଇଲାଣ୍ଡରେ ହେବାକୁ ଥିବା ଏସିଆନ ସାଇନ୍ସ କ୍ୟାମ୍ପରେ ଯୋଗ ଦେବାକୁ ପ୍ରତାପ ମନୋନୀତ ହୋଇଛନ୍ତି। ଏହି କ୍ୟାମ୍ପରେ ସମଗ୍ର ଭାରତରୁ ୨୦ ବିଦ୍ୟାର୍ଥୀଙ୍କୁ ଚୟନ କରାଯାଇଛି। ତନ୍ମଧ୍ୟରେ ଓ ଏକମାତ୍ର ବିଦ୍ୟାର୍ଥୀ ରହିଛନ୍ତି ପ୍ରତାପ। ଏହି ସମ୍ମିଳନୀରେ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ବନ୍ଧରେ ଜାଣିବା ସହ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ବିଷୟରେ ଜ୍ଞାନ ଆହରଣ କରିବାକୁ ସୁଯୋଗ ମିଳିବା ସହ ନୋବେଲ ପୁରସ୍କାର ବିଜେତାଙ୍କ ସହ ଆଲୋଚନା କରିବାର ସୁଯୋଗ ମିଳିପାରିବ ବୋଲି ପ୍ରତାପ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଭଳି ଏକ ଗୌରବମୟ ଉପଲବ୍ଧିକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗର୍ବିତ। ଆଗାମୀ ଦିନରେ ଅନେକ କୃତିତ୍ୱ ହାସଲ କରିବେ ବୋଲି ଆମର ଆଶା ଓ ବିଶ୍ୱାସ ବୋଲି କହିଛନ୍ତି ବିଶ୍ୱବିଦ୍ୟାଳୟର ଛାତ୍ରବୃତ୍ତି ନୋ ଅଫିସର ଡ. ଯତୀନ କୁମାର ବିଷୋୟୀ।

### ମୁମ୍ବାଇରୁ ଓଡ଼ିଶା ଫେରୁଥିବା ଯୁବକ ନିଖୋଜ

ପାତ୍ରପୁର ୧୩।୬(ଉମା ଚରଣ ନେପାକ)

ଗଞ୍ଜାମ ଜିଲା କରଡ଼ା ଥାନା ଅନ୍ତର୍ଗତ ଜରଡ଼ା ନାଇକ ସାହିର ଅଶୋକ ନାଇକ (୩୩) ମୁମ୍ବାଇରୁ ଓଡ଼ିଶା ଫେରୁଥିବା ବେଳେ ନିଖୋଜ ହୋଇଯାଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା (୨୦/୨୫) ରୁଜୁ ହୋଇଛି। ମୁମ୍ବାଇରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ଅଶୋକ ଗତ ୮ ତାରିଖରେ ଜରଡ଼ା ଆସିବା ପାଇଁ କୋଣାର୍କ ଏକ୍ସପ୍ରେସରେ ବସିଥିଲେ। ଘରକୁ ଆସୁଥିବା ନେଇ ସ୍ତ୍ରୀ ଟୁନିଙ୍କୁ ସେ ନଂ. ୮୬୫୨୩ ୪୩୫୭୧ରେ ଫୋନ କରି ଜଣାଇଥିଲେ। କିଛି ସମୟ ପରେ ତାଙ୍କ ଫୋନ ସୁଇଚ ଅଫ୍ ହୋଇଯାଇଥିଲା। ୯ ତାରିଖ ରାତି ସାଢେ ୮ଟାରେ ବ୍ରହ୍ମପୁର ଷ୍ଟେସନରେ ଅଶୋକ ପହଞ୍ଚିବା କଥା। ମାତ୍ର ଅଶୋକ ଘରକୁ ନ ଆସିବାରୁ ତାଙ୍କ ସ୍ତ୍ରୀ ଚିନ୍ତାରେ ପଡିଥିଲେ। ପରେ ସେ ଜରଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୫ ଦିନ ବିତିଯାଇଥିଲେ ମଧ ଅଶୋକଙ୍କ କୌଣସି ଖବର ମିଳିନି। ଅଶୋକଙ୍କ ପାଇଁ ପରିବାର ଲୋକେ ଚିନ୍ତାରେ ଅଛନ୍ତି।

### ନାବାଳିକାଙ୍କୁ ସମ୍ପର୍କୀୟ ମାମୁଙ୍କ ବଳାତ୍କାର ଅଭିଯୋଗ

ମୋହନା,୧୩।୬(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ଥାନା ଅଞ୍ଚଳର ଜଣେ ନାବାଳିକା(୭)ଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ତାଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ମାମୁ ବଳାତ୍କାର କରିଥିବା ନେଇ ପରିବାର ଲୋକେ ମୋହନା ଥାନାରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ମାମୁ ଜଣକ ହେଲେ ଲଛମନ ନାୟକ ( ୬୦)। ସେ ଉକ୍ତ ଅଞ୍ଚଳର ଏକ ଗାଁକୁ ଭୋଜି ଖାଇବାକୁ ଆସିଥିଲେ। ଫେରିବା ବେଳେ ମୋହନା ଥାନା ଅଞ୍ଚଳରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଘରେ ପରିବାର ଲୋକେ ନ ଥିବା ଏବଂ ନାବାଳିକା ଝିଅଟିଏ ଏକା ଥିବା ଦେଖି ଲଛମନ ନାବାଳିକା ଜଣଙ୍କୁ ବଳାତ୍କାର କରିଥିଲେ। ମା'ବାପା ଘରକୁ ଫେରିବା ପରେ ଝିଅ ସେମାନଙ୍କୁ ସବୁକଥା କହିଥିଲେ। ମା'ବାପା ଝିଅକୁ ଚିକିତ୍ସା ପାଇଁ ମୋହନା ମେଡିକାଲକୁ ନେଇଥିଲେ। ମୋହନାରେ ମହିଳା ଡାକ୍ତର ନ ଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରିଥିଲେ। ଏନେଇ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମୋହନା ପୋଲିସ ଲଛମନଙ୍କୁ ପୋସ୍କୋ ନିୟମାନୁଯାୟୀ ଗିରଫ କରିଛି। ଶନିବାର ତାଙ୍କୁ କୋର୍ଟଚାଲାଣ କରାଯିବ।

# ଠିକାଦାରଙ୍କ ବିଲ୍ ପାସକୁ ନେଇ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ଧସ୍ତାଧସ୍ତି

ବ୍ରହ୍ମପୁର,୧୩।୬(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ରେ ଦୀର୍ଘ ଦିନର ବିଲ୍ ପାସ୍‌କୁ ନେଇ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ତିକ୍ତତା ଲାଗି ରହିଛି। ଏଭଳି ସ୍ଥଳେ ଶୁକ୍ରବାର ସନ୍ଧ୍ୟା ୭ଟାରେ ବିଏମସି ପରିସରରେ ଉତ୍ତେଜନା ଦେଖିବାକୁ ମିଳିଛି। ଦୀର୍ଘ ୨ ବର୍ଷ ଧରି ନିଗମର ବିଭିନ୍ନ କାର୍ଯ୍ୟର ବିଲ୍ ନିର୍ବାହୀ ଯନ୍ତ୍ରୀ ଇଂ ନାଗେଶ୍ୱର ସୁବୁଦ୍ଧି ପାସ୍ କରୁ ନ ଥିବା ନେଇ ବହୁ ଠିକାଦାର ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ଆଲୋଚନା କରିବାକୁ ଯାଇଥିଲେ। ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ କିଛି ସମୟ ଧରି ଆଲୋଚନା ହୋଇଥିଲା। ଏହି ସମୟରେ ଯନ୍ତ୍ରୀ ଅମନ କୁମାର ପଣ୍ଡା ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଫଳରେ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ମଧ୍ୟରେ କିଛି ସମୟ ଧରି ଠିକାଦାରଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। କିନ୍ତୁ ଠିକାଦାରଙ୍କ ବିଲ୍



ଘଟଣା ସ୍ଥଳରେ ଉପସ୍ଥିତ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ଠିକାଦାର।

ପାସ୍‌କୁ ନେଇ ନିର୍ବାହୀ ଯନ୍ତ୍ରୀ ଓ ଯନ୍ତ୍ରୀ ପରସ୍ପରକୁ ଦୋଷ ଦେଇଥିଲେ। ଫଳରେ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରିକି ପରସ୍ପର ମଧ୍ୟରେ ଟଣାଓଟରା ଓ ଧସ୍ତାଧସ୍ତି ହୋଇଥିବା ସୂଚନା ମିଳିଛି। ସେଠାରେ ଉପସ୍ଥିତ ଠିକାଦାର ଓ କର୍ପୋରେଟର ବୁଝାସୁଝା କରିଥିଲେ। କିନ୍ତୁ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହୋଇଥିଲା। ଦୀର୍ଘ ସମୟ ଧରି ଏଭଳି ଉତ୍ତେଜନା ପରେ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ତେବେ ଯନ୍ତ୍ରୀଙ୍କ ବିରୋଧରେ ନିର୍ବାହୀ ଯନ୍ତ୍ରୀ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସୂଚନା ମିଳିଛି। ଅନ୍ୟପଟେ ଠିକାଦାରମାନେ ଯନ୍ତ୍ରୀ ଦୀର୍ଘ ଦିନ ଧରି ସେମାନଙ୍କର ବିଲ୍ ପାସ କରୁ ନ ଥିବା ନେଇ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ଗତ କିଛି ଦିନ ତଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ମିଥିଲେଶ ରଥ ମଧ ବକେୟା ବିଲ ପାସ କରୁ ନ ଥିବା ନେଇ ମେୟରଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଯନ୍ତ୍ରୀ ମେୟରଙ୍କ ନିର୍ଦ୍ଦେଶକୁ ମଧ ମାନି ନ ଥିଲେ। ବର୍ତ୍ତମାନ ପୁଣି ନିର୍ବାହୀ ଯନ୍ତ୍ରୀ ଠିକାଦାରଙ୍କ ପ୍ରତି ଅଣଦେଖା କରୁଥିବା କାରଣରୁ ସହରର ଉନ୍ନୟନ ମୂଳକ କାର୍ଯ୍ଯ ବାଧାପ୍ରାପ୍ତ ହେଉଥିବା ଠିକାଦାରମାନେ ଅଭିଯୋଗ କରିଛନ୍ତି। ଏ ନେଇ ନିର୍ବାହୀ ଯନ୍ତ୍ରୀ ନାଗେଶ୍ୱର ସୁବୁଦ୍ଧି ଓ ଯନ୍ତ୍ରୀ ଅମନ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ବର୍ତ୍ତମାନ ବିଏମସିରେ ନୂତନ କମିଶନର ନିଯୁକ୍ତି ହୋଇ ନ ଥିବା ବେଳେ ଉଭୟ ଯନ୍ତ୍ରୀଙ୍କ ମଧ୍ୟରେ ଘଟିଥିବା ଘଟଣାକୁ ନେଇ ସହରବାସୀଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି। ମେୟର ଯନ୍ତ୍ରୀଙ୍କ ସହିତ ଫୋନ ଯୋଗେ ଯୋଗାଯୋଗ କରିଛନ୍ତି। ସୋମବାର ଘଟଣାର ଆଲୋଚନା କରିବେ ବୋଲି ସୂଚନା ମିଳିଛି।

## ବ୍ରହ୍ମପୁରରେ ସବ୍ୟସାଚୀ, ସୂର୍ଯ୍ୟମୟୀ



ଦର୍ଶକଙ୍କ ଗହଣରେ ସବ୍ୟସାଚୀ ମିଶ୍ର ଓ ସୂର୍ଯ୍ୟମୟୀ ମହାପାତ୍ର।

ବ୍ରହ୍ମପୁର,୧୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ ରାଣ୍ଡି ପୁଅ ଅନନ୍ତାକୁ ନେଇ ନିର୍ମିତ ହୋଇଛି ଚଳଚ୍ଚିତ୍ର 'ଅନନ୍ତା'। ସାରା ଓଡ଼ିଶାରେ ୪୦ ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିଥିବା ବେଳେ ରେଶମ ସହର ବ୍ରହ୍ମପୁରର ଗୌତମ ସିନେମା ହଲରେ ଦର୍ଶକଙ୍କ ଭିଡ ଭିତରେ ଦେଖିବାକୁ ମିଳିଥିଲା ଅନନ୍ତା ଓରଫ ସବ୍ୟସାଚୀ ମିଶ୍ର ଏବଂ ନାୟିକା ସୂର୍ଯ୍ୟମୟୀ ମହାପାତ୍ର ଓ ଚଳଚ୍ଚିତ୍ରର ପ୍ରଯୋଜକ ସୁରଜ ମାହାନ୍ତୋ। ଏହି ଅବସରରେ ସବ୍ୟସାଚୀ କହିଥିଲେ ଯେ, ନିଛକ ଓଡ଼ିଆ କାହାଣୀ ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶରେ ସୁଟିଂ ହୋଇଥିବା ଅନନ୍ତାକୁ ଦର୍ଶକ ବେଶ ଭଲ ପାଇବା ଦେଉଛନ୍ତି। ଏହି ଚଳଚ୍ଚିତ୍ରରେ କୁନା ତ୍ରିପାଠୀ, ତାପସ ସରଘରିଆ, ଜ୍ୟୋତିର୍ମୟୀ ପଣ୍ଡାଙ୍କ ସମେତ ଆହୁରୀ ଅନେକ କଳାକାର ଅଭିନୟ କରିଛନ୍ତି । ଏହି କାଳଜୟୀ ଗପ ବର୍ତ୍ତମାନ ସମୟରେ ନିଶ୍ଚିତ ଭାବେ ସମାଜ ପ୍ରତି ସୁପ୍ରଭାବ ପକାଇବ ଏଥିରେ ସନ୍ଦେହ ନାହିଁ ବୋଲି କୁହାଯାଉଛି।

# ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

ବ୍ରହ୍ମପୁର,୧୩।୬(ଅଶୋକ କୁମାର ସାହୁ)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବ୍ରହ୍ମପୁରଠାରେ ଜିଲା ପ୍ରଶାସନ ଏବଂ ପଞ୍ଚାୟତିରାଜ ବିଭାଗ ଦ୍ୱାରା ଜିଲାସ୍ତରୀୟ ବିକାଶ ମେଳା, ପଲ୍ଲିଶ୍ରୀ ମେଳା ଏବଂ ଖାଦ୍ୟ ମେଳା ଆୟୋଜିତ ହୋଇଛି। ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡିଆ ଠାରେ ଆୟୋଜିତ ଏହି ମେଳାକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଅସ୍କିକା ବିଧାୟକ ସରୋଜ କୁମାର ପାଢ଼ୀ, ସୋରଡ଼ା ବିଧାୟକ ନୀଳମଣି ବିଶୋୟୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ବ୍ରହ୍ମପୁର ଏସ୍‌ପି ଡ଼ା ସର୍ଭଣା ବିବେକ ଏମ୍, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଉପସ୍ଥିତ ଥିଲେ । ଜିଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ସ୍ୱାଗତ ଭାଷଣ ଦେବା ସହ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ହରିଚନ୍ଦନ କହିଥିଲେ



ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମେଳାକୁ ଉଦଘାଟନ କରୁଛନ୍ତି।

ଯେ, ୨୪ ବର୍ଷରେ ବିଗତ ସରକାର ଅମଳରେ ଯାହା ଉନ୍ନତି ହୋଇଥିଲା ବର୍ଷେ ଭିତରେ ମୋହନ ସରକାର ତାହାଠାରୁ ଅଧିକ କରି ଦେଖାଇଲେ। ମେଡ଼ିକାଲ କଲେଜରେ ଡାକ୍ତରଙ୍କ ଅଭାବ ରହିବ ନାହିଁ। ଗଞ୍ଜାମ ଜିଲାରେ ଶିଳ୍ପ ପ୍ରତିଷ୍ଠା ହେବ। ଯୁବ ବର୍ଗ ବାହାର ରାଜ୍ୟକୁ ନ ଯାଇ ନିଜ ମାଟିରେ କାମ କରିବେ ବୋଲି କହିଥିଲେ। ଏଥି ସହିତ ନୂଆ ଓଡ଼ିଶା, ବିକଶିତ ଓଡ଼ିଶା ଗଠନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ହିତାଧିକାରୀମାନଙ୍କୁ ଗ୍ରାମ କଣ୍ଟକ ପଟ୍ଟା, ରାଶନ କାର୍ଡ, ଜଙ୍ଗଲ ଜମି ପଟ୍ଟା, ଆୟୁଷ୍ମାନ କାର୍ଡ, ମିଶନ ଶକ୍ତି ମା'ମାନଙ୍କୁ ଋଣ ପ୍ରଦାନ କରାଯାଇଥିଲା। ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୦୦୦୦,ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଗୋଷ୍ଠୀକୁ ୮୦୦୦ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଗୋଷ୍ଠୀକୁ ୬୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଭିଜନ ଓଡ଼ିଶା -୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଶୀର୍ଷକ ନେଇ ଜିଲାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ମେଳା ବିଭିନ୍ନ ବିଭାଗର ସୂଚନା, ଶିକ୍ଷା, ଯୋଗାଯୋଗ ଷ୍ଟଲ ଗୁଡ଼ିକ ସ୍ଥାନିତ ହେବା ସହିତ ବିଭିନ୍ନ କୃଷି ଉପକରଣ ଆଦି ପ୍ରଦର୍ଶନ କରାଯାଇଛି ।

## ଆଙ୍କୁଲିରେ ସନାତନ ଏକତା ବୈଠକ

ବ୍ରହ୍ମପୁର,୧୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ବାଗେଶ୍ୱର ଧାମ ଶିଷ୍ୟ ମଣ୍ଡଳୀ, ବ୍ରହ୍ମପୁର (ଓଡ଼ିଶା) ତରଫରୁ ସନାତନ ହିନ୍ଦୁ ଏକତା ବୈଠକ ଆଙ୍କୁଲି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିତେନ୍ଦ୍ରିୟ ନାହାକ ଅଧକ୍ଷତା କରିଥିଲେ। ବାଗେଶ୍ୱର ଧାମର ଗୁରୁଜୀଙ୍କ ଆଦର୍ଶ ଓ ଦିଗଦର୍ଶନ ଉପରେ ଆଲୋକପାତ କରାଯାଇଥିଲା। ଅତିଥି ଭାବେ ଆଇନଜୀବୀ ଅଭୟ କୁମାର ପଣ୍ଡା ସନାତନ ଧର୍ମର ମୂଲ୍ୟବୋଧ ଓ ଗୁରୁତ୍ୱ ବିଷୟରେ ବୁଝାଇଥିଲେ। ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ ଗୋମାତା ସେବାକୁ ଯୁବପିଢ଼ି ଆପଣାଇବାକୁ ଆହ୍ୱାନ ଦେଇଥିଲେ। ସହପ୍ରଭାରୀ କାମେଶ୍ୱର ମହାନ୍ତି ହିନ୍ଦୁ ସମାଜର ସଚେତନତା ଓ ଏକତା ଉପରେ ଗୁରୁତ୍ୱ ଦେଇଥିଲେ। ଯୁବ ନେତା ସ୍ୱାଗତ ତ୍ରିପାଠୀ ଆଜିର ଯୁବପିଢ଼ି ମଧ୍ୟରେ ବଢୁଥିବା ନିଶାସେବନ ପ୍ରତି ଚିନ୍ତା ବ୍ୟକ୍ତ କରି, ଗାଁ ଗାଁରେ ଭାଗବତ ଟୁଙ୍ଗି, ଆଖଡ଼ା ଶାଳ ଓ ଗୁରୁକୁଳ ସ୍ଥାପନର ଆବଶ୍ୟକତା ଉପରେ କହିଥିଲେ। ଆସନ୍ତା ୨୨ ତାରିଖରେ ଭୁବନେଶ୍ୱରରେ ହେବାକୁ ଯାଉଥିବା ବାଗେଶ୍ୱର ଧାମ ଦ୍ୱାରା ଆୟୋଜିତ ସନାତନ ହିନ୍ଦୁ ଏକତା ପଦଯାତ୍ରା ରେ ଅଧିକ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ ଦିଆଯାଇଥିଲା। ଶିବଶଙ୍କର ନାୟକ, ଅରବିନ୍ଦ ମଣ୍ଡଳ, ପ୍ରଦୀପ ଚର୍ଛି, ସୂର୍ଯ୍ୟନାରାୟଣ ପ୍ରଧାନ, ଏ.ଟି. ପାତ୍ର, ରାମକୃଷ୍ଣ ଲେଙ୍କା, ଅର୍ଜୁନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରଦ୍ଧା ସଞ୍ଜୀବନୀରେ ଚିତ୍ରାଙ୍କନ ପ୍ରତିଯୋଗିତା




ଜଣେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର,୧୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ଜିଲା ଓ ଦୌରା ଜଜ ତଥା ପ୍ରାଧିକରଣ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶରେ ଗୋପାଳପୁର ଶ୍ରଦ୍ଧା ସଂଜୀବନୀ ଅନୁଷ୍ଠାନରେ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଶିଶୁ ମାନଙ୍କର ଯତ୍ନ, ଶିଶୁ ଅଧିକାର ସୁରକ୍ଷା ଆଇନ, ଶିଶୁ ଶ୍ରମିକ ନିରାକରଣ ଆଇନ ସୁଚାରୁରୂପେ ପରିଚାଳନା ତଥା ଆଇନ ସେବା ପ୍ରାଧିକରଣର ଅଧିନିୟମ ୧୯୮୭ର ବିଧିବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପ୍ରାଧିକରଣ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରଥ ପ୍ରମୁଖ ପୁରସ୍କୃତ କରିଥିଲେ। ପରିବାର ଅଦାଲତ ବିଚାରପତି ଜାନକୀ ବିଶ୍ୱାଳ, ପିଓ ଓପିଆଇଡି ବିଚାରପତି ସଂଗୀତା ପାଣି, ବରିଷ୍ଠ ସିଭିଲ ଜଜ କମଳାକାନ୍ତ ରାଉତ ଓ ବ୍ୟୋମକେଶ ନାୟକ, ସିଭିଲ ଜଜ ଜୁନିଅର ଡିଭିଜନ ସସ୍ମିତା ସେଠି, ଜେଏମଏଫସି ସସ୍ମିତା ସାମଲ, ଜେଏମ୍‌ଏଫ୍‌ସି ଦୀପିକା ବଡ଼ମାଳି, ଶ୍ରଦ୍ଧା ସଂଜୀବନୀ ପରିଚାଳକ ଲୋକନାଥ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ସିଡବ୍ଲୁସି ସଦସ୍ୟ ଡ଼ଃ ଦିଲ୍ଲୀପ କୁମାର ତ୍ରିପାଠୀ ଏବଂ ପ୍ରଣବ ପାଢ଼ୀ, ଜିଲା ଆଇନ ସେବା ପ୍ରାଧିକରଣ ସଦସ୍ୟ ଟି.କେ ରେଡ୍ଡୀ,ପିଏଲ୍‌ଏ-ପିୟୁଏସ୍ ସଦସ୍ୟା ଭାରତୀ ପାତ୍ର, ପ୍ୟାନେଲ ଓକିଲ ଟି. ସୁଶାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଜେଲ ଗଲେ ଟ୍ୟୁଶନ ସାର୍

ଦିଗପହଣ୍ଡି,୧୩।୬(ଅଶେଷ ନାଥ ମିଶ୍ର)

**■ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା**

ଦିଗପହଣ୍ଡି ବ୍ଲକ ଅଧୀନ ଏକ ଜୁନିୟର କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ସମ୍ପୃକ୍ତ ଟ୍ୟୁଶନ ଶିକ୍ଷକ ଏସ.ସନାତନ ରେଡ୍ଡୀଙ୍କୁ ଶୁକ୍ରବାର ଦିଗପହଣ୍ଡି ପୋଲିସ ଗିରଫ କରି ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ମାମଲା ନଂ.୨୦୯/୨୫ ଅନୁଯାୟୀ ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି।

ଗ୍ରାମର ଟ୍ୟୁଶନ ଶିକ୍ଷକ ସନାତନ ଏବଂ ଏସ. କ୍ରିଷ୍ଣା ରେଡ୍ଡୀ ଉଭୟେ ଛାତ୍ରୀ(୧୬)ଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। ମାତ୍ର ଛାତ୍ରୀ ଜଣକ ମନା କରିବାରୁ ଉଭୟେ କୌଶଳକରି ସମ୍ପୃକ୍ତା ଛାତ୍ରୀଙ୍କ ଫଟୋ, ମୋବାଇଲ କଲ ରେକର୍ଡ, ମେସେଜଗୁଡ଼ିକ ସଂଗ୍ରହ କରି ଏସବୁ ତାଙ୍କୁ ଦେଖାଇ ବ୍ଲାକମେଲିଂ କରୁଥିଲେ। ସେସବୁ ସୋସିଆଲ ମିଡ଼ିଆରେ ଭାଇରାଲ କରି ଦେବାକୁ ଧମକ ଦେଉଥିଲେ। ଛାତ୍ରୀ ଜଣକ ଭୟଭୀତ ହୋଇ ତାଙ୍କ ଡାଇରୀ ଏବଂ ଟ୍ୟୁସନ ନୋଟ ଖାତାରେ ସମସ୍ତ ଘଟଣା ଉଲ୍ଲେଖ କରି ଗତ ୮ ତାରିଖ ସନ୍ଧ୍ୟା ୭ଟାରେ କୀଟନାଶକ ଖାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୯ ତାରିଖ ଭୋର ପ୍ରାୟ ୪ଟାରେ ସମ୍ପୃକ୍ତା ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରିଥିଲେ। ଗତ ୧୦ ତାରିଖରେ ଛାତ୍ରୀଙ୍କ ଭାଇ ଟ୍ୟୁଶନ ଶିକ୍ଷକ ସନାତନଙ୍କୁ ଘରକୁ ଡ଼ାକି ପଚାରିବାରୁ ସେ ତାଙ୍କ ଭଉଣୀଙ୍କୁ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରେମ ସମ୍ପର୍କ ରଖିଥିବା ସ୍ୱୀକାର କରିଥିଲେ। ଏନେଇ ଭାଇ ଗୁରୁବାର ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଉଭୟ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ଛାତ୍ରୀଙ୍କ ଡାଇରୀ, ନୋଟ ଖାତା, ମୋବାଇଲରେ ଥିବା ଫଟୋ, ମ୍ୟାସେଜ, କଲ ରେକର୍ଡ ଆଦି ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଏସ.କ୍ରିଷ୍ଣା ରେଡ୍ଡୀ ଫେରାର ଥିବା ଜଣାପଡିଛି।

## ବିକଶିତ କୃଷି ସଂକଳ୍ପ ଅଭିଯାନ

ସୋରଡ଼ା,୧୩।୬(ରଜନୀ ମହାପାତ୍ର)


ସୋରଡ଼ା କୃଷି ବିଭାଗ ତରଫରୁ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ସୋରଡ଼ା ବ୍ଲକ୍ ଅନ୍ତର୍ଗତ ବଡ଼ବଦାଙ୍ଗୀ ଗ୍ରାମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଆଇସିଏଆର-ଆଇଆଇଡବ୍ଲୁଏମ୍ ବରିଷ୍ଠ ବୈଜ୍ଞାନିକ ଡାକ୍ତର ରୁମେସ ଜେନା ଏବଂ ଭଞ୍ଜନଗର କେଭିକେର ଡା.ସନ୍ତୋଷ ସାମନ୍ତରାୟ ଏବଂ କୃଷି ବିଭାଗର ବିଭିନ୍ନ ପଦାଧିକାରୀ ମାନେ ଉପସ୍ଥିତିରେ ଏହା ଶୁଭାରମ୍ଭ କରାଯାଇଥିଲା। ବିକଶିତ କୃଷି ସଂକଳ୍ପ ଅଭିଯାନରେ ବହୁ ଚାଷୀଙ୍କ ଉପସ୍ଥିତି ଥିଲା। ଉପସ୍ଥିତ ଅଧିକାରୀ ମାନେ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ।

## ସରକାରଙ୍କ ଜନହିତକର କାର୍ଯ୍ୟର ବାର୍ତ୍ତା ବାଣ୍ଟୁଛି ବାହନ

ରମ୍ଭା,୧୩।୬(ବନବାସୀ ସେଠୀ)

ରମ୍ଭା ଏନଏସିରେ ବିକାଶ ବାହନ କାର୍ଯ୍ୟକ୍ରମକୁ ୧୨ ତାରିଖରେ ଅତିରିକ୍ତ ଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଦେବଦତ୍ତ ପଣ୍ଡା ଛତ୍ରପୁରରେ ଶୁଭାରମ୍ଭ କରିଥିଲେ। ୧୩ରେ ରମ୍ଭାସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଏହାର ଶୁଭାରମ୍ଭ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଏନଏସି ନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଅଧକ୍ଷା ମାନସୀ ସ୍ୱାଇଁ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ପରିଚାଳକ ଆଶିଷ ବେହେରା, ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ନଳିନୀ ରଞ୍ଜନ ସାହୁ, ଡ଼. ମୀରାବାଇ ପଣ୍ଡା, ଡ଼. ସରୋଜ ଦାଶ, ଜେଇ ଲୋକନାଥ ପାଢ଼ୀ, ଜେଇ ମାନସ ରଞ୍ଜନ ପଣ୍ଡା, ସର୍ବନାମ ଦାଶ, ଦୀପକ ବିଷୋୟୀ, ସିଇଓ ପ୍ରଭାସିନୀ ନାୟକ, କାଉନସିଲର ଡଲି ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ବିକାଶ ବାହନା ପ୍ରତ୍ୟେକ ୱାର୍ଡର ପ୍ରତି ସାହି ପରିକ୍ରମା କରି ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ପ୍ରଚାର କରିବ। ଏସମ୍ବନ୍ଧୀୟ ଏକ ସଭା ମିଞ୍ଜିନି ପାଟଣା କଲ୍ୟାଣ ମଣ୍ଡପରେ ହୋଇଥିଲା। ଏଥିରେ କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବ୍ୟାଙ୍କ, ସହରୀ ଆବାସ ଯୋଜନା, ବିଭିନ୍ନ ଭତ୍ତା, ରାଶନ କାର୍ଡର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କୁନି କୁନି ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ଏନଏସିର ହେମନ୍ତ ରାଉତ, ମନୋଜ ସେନାପତି, ଦୀପକ ପ୍ରଧାନ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଝୁମ୍ପୁଡ଼ି ବସ୍ତି ଉଚ୍ଛେଦକଲା ଏନ୍‌ଏସି




ଗୋପାଳପୁର,୧୩।୬(ନବୀନ ରାଜ ଆଚାରୀ)

ଗୋପାଳପୁର ଏନଏସି ପକ୍ଷରୁ ଶୁକ୍ରବାର ଝୁମ୍ପୁଡି ବସ୍ତି ଉଚ୍ଛେଦ କରାଯାଇଛି। ଏନଏସିର ମେ ଫେୟାର ରାସ୍ତା ସମୁଦ୍ର କୂଳରେ ଦୀର୍ଘ ବର୍ଷ ହେଲା ୪୪ ପରିବାର ଝୁମ୍ପୁଡି ବସ୍ତି କରି ରହି ଆସୁଥିଲେ। ସେମାନଙ୍କୁ ଚିହ୍ନଟ କରି ତୋଟାଆମ୍ମା ମନ୍ଦିର ନିକଟ ଆଦର୍ଶ କଲୋନୀରେ ଜାଗା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପ୍ରଦାନ କରାଯାଇଛି। ମାତ୍ର ସେମାନେ ଏଠାରୁ ଘର ଛାଡି ଯାଉ ନ ଥିଲେ। ବାରମ୍ବାର ଏନଏସି ପକ୍ଷରୁ ନୋଟିସ ଜାରି କରି ସେମାନଙ୍କୁ ବୁଝାଶୁଝା କରାଯାଉଥିଲା। ନ ଶୁଣିବାରୁ ଶୁକ୍ରବାର ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀଙ୍କ ନେତୃତ୍ୱରେ ଝୁମ୍ପୁଡି ଉଚ୍ଛେଦ କରାଯାଇଥିଲା। ଏଥିରେ ଦୁଇ ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲେ। ଶୁକ୍ରବାର ୧୦ଟି ଝୁମ୍ପୁଡି ଉଚ୍ଛେଦ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଅନ୍ୟ ଘରଗୁଡିକ ଭଙ୍ଗାଯିବ ବୋଲି ନିର୍ବାହୀ ଅଧିକାରୀ ପାଢ଼ୀ କହିଛନ୍ତି। ଏହି ସମୟରେ ବ୍ରହ୍ମପୁର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡା, ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୬ମାସରେ ଏମ୍‌କେସିଜିକୁ ମିଳିଛି ୭ ମୃତ ଶରୀର

ବ୍ରହ୍ମପୁର,୧୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ବଡମେଡିକାଲକୁ ଶରୀର ମିଳୁନଥିବାରୁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ଅସୁବିଧା ହେଉଥିଲା। ଏବେ କିନ୍ତୁ ଚକ୍ଷୁଦାନ ଓ ଶରୀରଦାନ ବଢ଼ିବାରେ ଲାଗିଛି। ଚଳିତବର୍ଷ ଗତ ୬ ମାସ ଭିତରେ ୭ଟି ଶରୀର ମିଳିଛି। ଗତ ଜାନୁଆରୀ ୧୩ ତାରିଖରେ ଗୋସାଣୀ ନୂଆଗାଁ ତୋଟାସାହିର ଜଗନ୍ନାଥ ମିଶ୍ର, ୧୫ ତାରିଖରେ କମାପଲ୍ଲୀ ରାମନଗର ୨ୟ ଲାଇନର ଉଷାରାଣୀ ମହାପାତ୍ର, ୨୩ ତାରିଖରେ କମାପଲ୍ଲୀ ଆରସିଦାସ ଲେନରେ ଥବା ନନ୍ଦିଘୋଷ ଆୱାସର ଜ୍ୟୋତ୍ସ୍ନାମୟୀ ମିଶ୍ର, ମାର୍ଚ୍ଚ ୧୨ ତାରିଖରେ ବଡବଜାର ଗୁଡ ସାହିର ଜାମୁଲ୍ଲା ସତ୍ୟନାରାୟର, ମେ ମାସରେ ଗଜପତିନଗର ପ୍ରଥମ ଲାଇନର ଡା.ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଜୁନ ୬ ତାରିଖରେ ୟାଦାଭିଲ୍ଲୀ ହନୁମନ୍ତ ରାଓ ଓ ଶୁକ୍ରବାର ନୂଆ ବସଷ୍ଟାଣ୍ଡ ରୋଡ ଶିଶୁ ଭବନ ନିକଟରେ ରହୁଥିବା ବି.ବାଲକ୍ରିଷ୍ଣାଙ୍କ ମରଶରୀର ବଡ ମେଡିକାଲକୁ ଦାନ କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ନୂଆବସ ଷ୍ଟାଣ୍ଡ ରୋଡ ନିବାସୀ ବି.ବାଲାକ୍ରିଷ୍ଣା, ଜଣେ ହେତୁବାଦୀ ନେତା ଓ ମାନବବାଦୀ ହେତୁବାଦୀ ସଂଗଠନର ପ୍ରତିଷ୍ଠାତା ଥିଲେ। ତାଙ୍କର ଶୁକ୍ରବାର ଭୋରରେ ୮୨ ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ଆଗରୁ ମୃତ୍ୟୁପରେ ଶରୀର ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ପିତାଙ୍କର ଇଚ୍ଛା ପୂରଣପାଇଁ ତାଙ୍କର ଏକମାତ୍ର ଝିଅ ଇ.ଶ୍ରୁତି ଓ ଜ୍ୱାଇଁ ଇ.ଅଭିଲାଷ ମେଡିକାଲ କଲେଜର ପଠନରତ ଛାତ୍ରୀଛାତ୍ରଙ୍କ ପଢିବା ପାଇଁ ଶରୀର ଦାନ ଓ ଦୃଷ୍ଟିବାଧିତ ଲୋକଙ୍କ ପାଇଁ ଚକ୍ଷୁଦାନ ନିମନ୍ତେ କାର୍ଯ୍ୟରତ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ସଂଗଠନ ମାନବବାଦୀ ହେତୁବାଦୀ ସଂଗଠନ ଓ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ସହଯୋଗରେ ପ୍ରଥମେ ଚକ୍ଷୁଦୁଇଟିକୁ ଏମକେସିଜି ହସ୍ପିଟାଲର ଚକ୍ଷୁ ବିଭାଗକୁ ଦାନ କରିଥିଲେ। ଚକ୍ଷୁବିଭାଗର ଡ.ପି.ସ୍ୱାତୀ କିରଣ ଓ ଡ.ପିଙ୍କି ପାଣିଗ୍ରାହୀ ଚକ୍ଷୁ (କର୍ଣ୍ଣିଆ) ସଂଗ୍ରହ କରିଥିଲେ। ପରେ ଘ ୧୦.୩୦ ମିନିଟ ସମୟରେ



ବି.ବାଲକ୍ରିଷ୍ଣାଙ୍କ ଫାଇଲ ଫଟୋ।

ମୃତ ଶରୀରକୁ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି କଲେଜର ଏନାଟମି ବିଭାଗର ମୁଖ୍ୟ ପ୍ରଫେସର ଜାମି ସାଗର ପୃଷ୍ଟିଙ୍କ ଉପସ୍ଥିତିରେ ହସ୍ତାନ୍ତର କରାଯାଇଥିଲା। ଏହିବର୍ଷ ଆଜିସୁଦ୍ଧା ୭ ଜଣ ଶରୀର ଦାନ କରିଥିବା ପ୍ରଫେସର ଡ.ସାଗର ପୃଷ୍ଟି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଡି.ଜୀବନ କୁମାର ବି.ଦନେଶ, ଇ.ବିଜୟ ଲକ୍ଷ୍ମୀ, ଇ.ଶଙ୍କର ରାଓ, ବି.ଲକ୍ଷ୍ମୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଏହି କାର୍ଯ୍ୟ କ୍ରମରେ ମାନବବାଦୀ ହେତୁବାଦୀ ସଂଗଠନର ଉପ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜମ୍ମୁଲା ସୁରେଶ, ଡି.ମୋହନ ରାଓ, କେ.ବାସବା ରାଜୁ, ଯୁଧିଷ୍ଠିର ସାହୁ, ପ୍ରତାପ ପ୍ରଧାନ ଓ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବର ପୂର୍ବତନ ସଭାପତି କେ.ପୁରୁଷୋତ୍ତମ କୁମାର, ଇ. ଜଗଦୀଶ୍ୱର ରାଓ, ହରେକୃଷ୍ଣ ପାଣିଗ୍ରାହୀ ସହଯୋଗ କରିଥିଲେ। ସେହିପରି ଗୁରୁବାର ବ୍ରହ୍ମପୁରର ବିଷ୍ଣୁନଗର ନିବାସୀ କୋଟା ଜୟଚନ୍ଦ୍ରଙ୍କର ୮୨ ବର୍ଷ ବୟସରେ ବିୟୋଗ ପରେ ମହାରାଜକୃଷ୍ଣ ଚନ୍ଦ୍ର ମେଡିକଲର ଚକ୍ଷୁବିଭାଗକୁ ଚକ୍ଷୁ ଦାନ ହୋଇଥିଲା। ଡ.ସାଥି ରବୀନ୍ଦ୍ର ଓ ଡ.ମାନସ ରଞ୍ଜନ ରାଉତ ଚକ୍ଷୁ ଦୁଇଟିକୁ ସଂଗ୍ରହ କରିଥିଲେ। ଚକ୍ଷୁଦାନ ସାମୟରେ ତାଙ୍କ ପରିବାର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଫ୍ରେଣ୍ଡସ ହେଲ୍‌ପିଂ କ୍ଲବର ପୁରୁଷୋତ୍ତମ କୁମାର ସୁବୁଦ୍ଧି, ଇ.ଜଗଦୀଶ୍ୱର ରାଓ, ପି.ମହେଶ୍ୱର ରାଓ, ଏସ.ମହେଶ୍ୱର ପୃଷ୍ଟି ସହଯୋଗ କରିଥିଲେ। ଏହିମାସରେ ଦୁଇ ଜଣ ଓ ୨୦୨୫ ଆଜି ସୁଦ୍ଧା ୧୩ ଜଣ ମୃତ୍ୟୁପରେ ଚକ୍ଷୁଦାନ କରିଥିବା ଜାମ୍ମୁଲା ସୁରେଶ ଜଣାଇଛନ୍ତି।

# ତନିଷ୍କର ସର୍ବବୃହତ୍ ଗୋଲ୍ଡ ଏକ୍ସଚେଞ୍ଜ ଅଫର

**ଭୁବନେଶ୍ୱର,୧୩।୬ (ଅଭୟ ଦାଶ)**



ତନିଷ୍କର ଅଧିକାରୀଙ୍କ ସମେତ ପ୍ରାଞ୍ଚାଇଜ୍ କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।

ତନିଷ୍କର ବହୁ ପ୍ରତୀକ୍ଷିତ ତଥା ସର୍ବବୃହତ୍ ଗୋଲ୍ଡ ଏକ୍ସଚେଞ୍ଜ ଅଫରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଅଫର ୨୦୨୫ ଜୁନ୍ ୩୦ ପର୍ଯ୍ୟନ୍ତ ତନିଷ୍କର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିଛି। ଏହି ଅବଧି ମଧ୍ୟରେ ଗ୍ରାହକ ପୁରୁଣା ସୁନା ବଦଳ ଉପରେ ୨କ୍ୟାରେଟ୍ ପର୍ଯ୍ୟନ୍ତ ଅତିରିକ୍ତ ମୂଲ୍ୟ ପାଇପାରିବେ। ସେହିଭଳି ଏହି ସୀମିତ ସମୟ ଅଫର ମଧ୍ୟରେ ଗ୍ରାହକ ସୁନାଗହଣା କିଣୁଥିଲେ ପୁରୁଣା ସୁନା ମୂଲ୍ୟ ଉପରେ ଅଧିକ ୧କ୍ୟାରେଟ୍ ପାଇବେ। ଏପରିକି ହୀରା ଗହଣା କିଣୁଥିଲେ, ପୁରୁଣା ସୁନା ମୂଲ୍ୟ ଉପରେ ଅତିରିକ୍ତ ୨କ୍ୟାରେଟ୍ ପାଇବେ।

ଉଦାହରଣ ସ୍ୱରୂପ ଜଣେ ଗ୍ରାହକ ନୂଆ ଏବଂ ପ୍ଲେନ୍ ସୁନା ଗହଣା କିଣୁଥିଲେ ୨୦ କ୍ୟାରେଟର ପୁରୁଣା ସୁନା ବଦଳରେ ସେମାନେ ୨୧ କ୍ୟାରେଟ୍ ସୁନା ପାଇବେ। ସେହିପରି ନୂଆ ହୀରାଖଚିତ ଗହଣା କିଣୁଥିଲେ ୨୦ କ୍ୟାରେଟ୍ ପୁରୁଣା ସୁନା ପାଇଁ ୨୨ କ୍ୟାରେଟ୍ ସୁନା ପାଇବେ। ଫଳରେ ପ୍ରତ୍ୟେକ କ୍ୟାରେଟ୍ ବଦଳ ଉପରେ ଅଧିକ ମୂଲ୍ୟ ମିଳିବ। ଅଣ-ତନିଷ୍କ ଗହଣା ଦୋକାନରୁ କିଣାଯାଇଥିବା ପୁରୁଣା ସୁନା ଉପରେ ହିଁ ଏହି ଅଫର ଉପଲବ୍ଧ। ଏଥିସହ ଆଧୁନିକ ତଥା ଅତି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ତନିଷ୍କ ଗହଣାକୁ ଅପ୍‌ଗ୍ରେଡ୍ ହେଉଥିବା ଗ୍ରାହକଙ୍କୁ ମଧ୍ୟ ତନିଷ୍କ ଅଧିକ ମୂଲ୍ୟ ପ୍ରଦାନ କରୁଛି।ତନିଷ୍କର ସୁନା ବଦଳ ନୀତି ଉକ୍ତ ୩୦ ଲକ୍ଷ ଗ୍ରାହକଙ୍କ ପାଇଁ ଏକ ଭରସାଯୋଗ୍ୟ ସଲ୍ୟୁଶନ ପାଲଟିଛି, ଯେଉଁମାନେ ସେମାନଙ୍କ ପୁରୁଣା ଗହଣାକୁ ବଦଳ କରି ତନିଷ୍କର ଷ୍ଟାଇଲିଶ୍ ଗହଣାକୁ ଅପ୍‌ଗ୍ରେଡ୍ ହୋଇଛନ୍ତି। ଏହା ବର୍ତ୍ତମାନ ସେମାନଙ୍କ ଷ୍ଟାଇଲ ଏବଂ ଆବଶ୍ୟକତାକୁ ଭଲ ଭାବେ ପ୍ରତିଫଳିତ କରୁଛି। ସମ୍ପୂର୍ଣ୍ଣ ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ ଭାବେ କରାଯାଇଥାଏ। ସୁନାର ଶୁଦ୍ଧତା ମାପିବା ପାଇଁ ତନିଷ୍କ ଷ୍ଟୋରରେ କ୍ୟାରେଟମିଟରର ବ୍ୟବହାର ହୋଇଥାଏ। ଗ୍ରାହକ ସେମାନଙ୍କ ପୁରୁଣା ସୁନା ବଦଳାଇ ଯେପରି ସର୍ବୋତ୍ତମ ମୂଲ୍ୟ ପାଇବେ, ତାହାକୁ ବ୍ରାଣ୍ଡ ପକ୍ଷରୁ ସୁନିଶ୍ଚିତ କରାଯାଇଥାଏ।

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, KESINGA

E_mail:eerwkesinga@yahoo.com
e-Procurement Notice
**BID IDENTIFICATION NO.RWKSNG-online-01/25-26**

**No.O-277:** 1. Name of Works: Road Works (As per annexure). 2. Total No. of Work: 1 No. 3. Estimated Cost: Rs.41.94 Lakhs (Approximately). 4. E.M.D.: Please refer DTCN. 5. Cost of Tender Document: As per annexure. 6. Class of Contractor: "B" Class. 7. Period of Completion: As per annexure. 8. Other Details: As per DTCN.

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division, Kesinga | RWKSNG- online-01/ 25-26 | 13.06.2025 at 1.00 A.M. | 25.06.2025 upto 17.00 P.M | 20.06.2025 upto 11.00 A.M. | 26.06.2025 at 11.00 A.M. |

Further details can be seen from the Website www.tenderodisha.gov.in

OIPR-25153/11/0012/2526 **Sd./- Executive Engineer, Rural Works Division, Kesinga**

## OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION

AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com

**TENDER CALL NOTICE**

No. : 1921 Date : 10.06.2025

**No.MM-85 : The DEPUTY DIRECTOR, SIMILIPAL NORTH WL DIVISION, JASHIPUR** on behalf of Governor of Odisha invites **Percentage Rate bids** to be received in offline mode for Supply and installation of Solar High Mast Light required for different location under Similipal North Wildlife Division, Jashipur.

| | | |
|---|---|---|
| 1. | Nature of work | Supply and installation of Solar High Mast Light required for different location under Similipal North Wildlife Division, Jashipur |
| 2. | Cost of tender | Rs.6000/- (Six Thousand) only |
| 3. | Date & time of availability of tender document | Tender Documents for Supply and installation of Solar High Mast Light required for different location under Similipal North Wildlife Division, Jashipur, on payment of cost of Tender Document as mentioned above. The Tender Document cost which is non-refundable, should be deposited in shape of Demand Draft from any Nationalized Bank drawn in favour of the Deputy Director, Similipal North (WL) Division, Jashipur, Mayurbhanj payable at Jashipur from 13.06.2025 (during office time) to 11.00 AM of 21.06.2025 |
| 4. | Receipt of bid documents | Through Direct Deposit by hand / Registered post/ Speed post/ Courier service to the Deputy Director, O/o the Deputy Director, Similipal North (WL) Division, At- Matiagarh Chhaka, P.O.- K. Jashipur, Dist.- Mayurbhanj, Pin- 757091 on or before 21.06.2025 by 12.00. |
| 5. | Date & time of opening of technical bid | Dt.21.06.2025 at 12.30 hours onwards |
| 6. | Receipt of bid Cost, bid security, documents | Earnest Money Deposit (EMD) of Rs. 10000/- (Rupees Ten Thousand) Only shall be submitted along with Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur. The EMD will be refunded to the unsuccessful bidder. The EMD for the successful bidder will be released only after completion of the tender period |
| 7. | The undersigned reserves the right to accept/ reject any or all Tender without assigning any reason thereof | |
| 8. | Also view the tender notice and document in official webpage of Similipal Tiger Reserve (https://similipal.org/tender.php) | |

OIPR-08133/11/0015/2526 **Sd./- Deputy Director, Similipal (North) WL Division, Jashipur**

# ଅରୁନ୍ଧତୀ ଜୁଏଲର୍ସର ନୂତନ ଅଫର

**ଭୁବନେଶ୍ୱର,୧୩।୬:** ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ନୂତନ ଅଫର ଖୁଲ୍ ଜା ସିମ୍ ସିମ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଚଳିତ ବର୍ଷର ରଜପର୍ବ ଓ ରଥଯାତ୍ରାକୁ ଆଖିଆଗରେ ରଖି ଗ୍ରାହକଙ୍କ ଚାହିଦା ମୁତାବକ ଏହି ନୂତନ ଅଫରକୁ ସମସ୍ତ ଷ୍ଟୋରରେ ଆରମ୍ଭ କରାଯାଇଛି। ଉକ୍ତ ଅଫର ମାଧ୍ୟମରେ ଗ୍ରାହକ ଚେନ୍ ଆଣ୍ଡ ବ୍ୟାଙ୍ଗଲେ ଫେଷ୍ଟିଭାଲରେ ନୂଆ ଡିଜାଇନ ପ୍ରଦର୍ଶନୀ ସହ ସୁନା ଗହଣାର ଗଢ଼ାମଜୁରି ଉପରେ କେବଳ ୭୯୯ ଟଙ୍କା, ହୀରା ଗହଣାର ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ୨୦,୦୦୦ ଟଙ୍କାର ରିହାତି ସାଙ୍ଗକୁ ରୁପା ଗହଣାର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି ଏବଂ ଜିରୋ ମେକିଂ ଚାର୍ଜର ସ୍ପେଶିଆଲ ଅଫର ପ୍ରଦାନ କରାଯାଉଛି। ଏହି ଅଫର ଓଡ଼ିଶା ବ୍ୟାପୀ ଅରୁନ୍ଧତୀର ସମସ୍ତ ଶାଖାରେ ସୀମିତ ସମୟ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏପରିକି ଗ୍ରାହକମାନେ ନିକଟସ୍ଥ ଅରୁନ୍ଧତୀ ଶାଖାକୁ ଯାଇ ଏହି ଅଫରର ସୁବିଧା ନେଇପାରିବେ। ସେହିଭଳିଅରୁନ୍ଧତୀଜୁଏଲର୍ସପକ୍ଷରୁସର୍ବଦାସବୁବର୍ଗରଗ୍ରାହକଙ୍କୁସୁହାଇଲାଭଳି ଅଫର ମାନ ପ୍ରଦାନ କରାଯାଇଥାଏ ବୋଲି ଅରୁନ୍ଧତୀ ପକ୍ଷରୁ କୁହାଯାଇଛି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୧୩।୬:** କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୭୩ (୫୭୩.୩୮) ପଏଣ୍ଟ ହ୍ରାସ ଘଟି ୮୧,୧୧୯ (୮୧,୧୧୮.୬୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୭୦ (୧୬୯.୬୦) ପଏଣ୍ଟ କମି ୨୪,୭୧୯ (୨୪,୭୧୮.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

## QUOTATION CALL NOTICE

**No.N-89** : Sealed Quotations are invited from Registered farms having GST registration for Procurement of I.T materials within 7 days of publication of this advertisement in accordance with the specification laid down by D.H.E Letter No - 12655, Dated-05.03.2025.

For details contact College website :- www.nialicollege.ac.in

**Sd./- Principal**
OIPR-11176/11/0001/2526 **Niali College, Niali, Cuttack**

## OFFICE OF THE SUPERINTENDENT, VSS INSTITUTION OF MEDICAL SCIENCES & RESEARCH, BURLA, SAMBALPUR, ODISHA-768017

E-MAIL : vimsarsuptd@gmail.com
**No.8537/VIMSAR Dated, Burla, 10.06.2025**

**TENDER CALL NOTICE**

**No.E-163** : Sealed Tenders are hereby invited by the undersigned from the eligible bidders who are registered in India as a Company /Firms/ Society/ Trust and must have registration Certificate under relevant Act/ Rule of the State or Central Government for Out Sourcing of Diet Services ( Dry, Cooked and Liquid) to the Indoor patients of VIMSAR, Burla for the year 2025-26. The last date of submission of tender paper is dt. 19.07.2025 up to 5.00 P.M.

The detailed terms and conditions of Tender Call Notice can be downloaded from Dist. website https://sambalpur.odisha.gov.in or from https://www.vimsar.ac.in

The hospital authority reserves the right to reject any or all the tenders without assigning any reasons thereof.

**Sd./- Superintendent**
OIPR-10187/11/0036/2526 **VSS IMSAR, Burla**

## OFFICE OF THE MANAGING DIRECTOR, WATCO

No.C-505

WATCO
Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India
Telefax : +91-674-2391444 / E-Mail : watcoodisha@gmail.com

**INVITATION FOR BID (IFB)**
**Bid Identification No. WATCO (W) - 09/2025-26 Dtd. : 11.06.2025**
**WATCO No. 4201 Dated : 11.06.2025**

| | | |
|---|---|---|
| 1 | Name of the Work | 1. Sewerage Network and Pumping Station for slums from ward no.24 to 26 in BMC area. 2. Sewerage Network and Pumping Station for Slums from ward no.62 to 65 in BMC area. 3. Sewerage Network and Pumping Station for Slums from ward no.66 to 67 in BMC area. |
| 2 | Estimated Cost | 1. Rs.1201.19 Lakh 2. Rs.1313.58 Lakh 3. Rs.1240.31 Lakh |
| 3 | Period of Completion | 1. 12 (Twelve) Months 2. 12 (Twelve) Months 3. 12 (Twelve) Months |
| 4 | Date and time of availability of bid document in the portal | From 11.00 A.M. of Dt.18.06.2025 to 5.00 P.M. of 07.07.2025 |
| 5 | Last Date / Time of receipt of bids in the Portal | 5.00 P.M. of 07.07.2025 |
| 6 | Date and time of opening of technical bids | 12.30 P.M. of 08.07.2025 |
| 7 | Name and address of the Officer Inviting Bid | MD, WATCO, Telefax : 0674 2391444 E-Mail : watcoodisha@gmail.com |
| 8 | The bidders have to participate in ONLINE bidding only. Further details can be seen from the website www.tendersodisha.gov.in | |

**Sd./- (Managing Director)**
OIPR-13194/11/0054/2526 **WATCO**

## DISTRICT PROJECT OFFICE SAMAGRA SHIKSHA, KANDHAMAL

**No.2047/Plg/2025** **Dated 11/06/2025**

**NOTICE INVITING TENDER (NIT)**

**No.n-71** : Sealed tenders under two bid systems are invited from the reputed Agencies / Supplier/ / Manufacturer having valid PAN, GST & IT Clearance, registration of firm etc. for **Printing & Supply of PM SHRI Identity Cards and PM SHRI Logo Badge for Teachers and Students of PM-SHRI Schools, 2025-26**. The tender papers (Bid documents) containing detailed specification with term and conditions, application of technical bid & application of financial bid etc. is available in the website **www.kandhamal.nic.in**, **www.osepa.odisha.gov.in**. Interested and eligible agency / firm may download BID DOCUMENT from the above website and apply accordingly. The bidders are required to submit DD amounting **Rs.2000/- (Rupees Two thousands only)** drawn in favour of District Project Coordinator, SS, Kandhamal towards **bid processing Fee** (non- refundable) **along with the application of technical bid**. The EMD should also be enclosed with the Technical Bid. The last date of tender paper is on **dtd.02.07.2025 up to 1P.M.** and will be opened on **dtd.03.07.2025 at 11.00 A.M.** in presence of tenderers or their authorized representatives. **Corrigendum / addendum, if required, will be uploaded in the above web sites & will not be published in News-paper**. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

By order of collector-Cum-Chairman,
Samagra Shiksha, Kandhamal
**Sd./- District Education Officer-cum-DPC**
OIPR-27136/11/0010/2526 **Samagra Shiksha, Kandhamal**

## FOREST DEPARTMENT
## OFFICE OF THE DIVISIONAL FOREST OFFICER, BARIPADA FOREST DIVISION

No.MM-82

e-mail : dfo.baripada@odisha.gov.in
Government of Odisha "e" Procurement Notice
**Bid Identification No. : DFO-BPD-03/2025-26**

1. Number of works : **4** (Two numbers of work)
2. Approximate estimated cost : **26.13 lakh to 28.98 lakh**
3. Period of Completion : **60 (Sixty)** days
4. Date & Time of availability of bid documents in the portal : **Dt.12.06.2025 to 21.06.2025**
5. Last Date / Time of receipt of bid in the portal : **Dt.21.06.2025 up to 5.00 P.M.**
6. Date of Opening of bid : **Dt.23.06.2025 at 11.00 A.M.**
7. Name & address of the Office inviting bid : **O/o the Divisional Forest Officer, Baripada Forest Division, Baripada, Mayurbhanj, Pin-757001**

Further details can be seen from the e-procurement portal **http://www.tendersodisha.gov.in**

**Sd./- Divisional Forest Officer**
OIPR-08065/11/0012/2526 **Baripada Forest Division**

## OFFICE OF THE MANAGING DIRECTOR

No.C-419

WATCO
Ground Floor, Unnati Bhawan, H.B. Colony, Satyanagar, Bhubaneswar-751007, Odisha, India
Telefax : +91-674-2571444 / E-Mail : directorprojects@watcoodisha.in

**INVITATION FOR BID (IFB)**
**Bid Identification No. WATCO (P) - 02/2025-26 Dtd. : 29.05.2025**
**WATCO No. 3756 Date : 29.05.2025**

| | | |
|---|---|---|
| 1 | Name of the Work | 1. Annual maintenance of Facultative Pond, Wet well and Pumping Station at Basuaghai, STP Campus, Under sewerage Dist.-II, Bhubaneswar |
| 2 | Estimated Cost | Rs.35.66 Lakh |
| 3 | Period of Completion | 01 (One) Year |
| 4 | Date and time of availability of bid document in the portal | From 5.00 P.M. of Dt.05.06.2025 to 5.00 P.M. of 20.06.2025 |
| 5 | Last Date / Time of receipt of bids in the Portal | 5.00 P.M. of 20.06.2025 |
| 6 | Date and time of opening of technical bids | 12.30 P.M. of 21.06.2025 |
| 7 | Name and address of the Officer Inviting Bid | DIRECTOR PROJECTS, WATCO, Telefax : 0674-2571444, E-Mail : directorprojects@watcoodisha.in |
| 8 | The bidders have to participate in ONLINE bidding only. Further details can be seen from the website www.tendersodisha.gov.in | |

**Sd./- (Director Projects)**
OIPR-13194/11/0056/2526 **WATCO**

## OFFICE OF THE COLLECTOR & DISTRICT MAGISTRATE, BHADRAK
### (Social Welfare Section)

**Tender Notice No. 1708 / SW** **Dated. 11.06.2025**

**No.g-47:** Sealed tenders for appointment of Transporting Agent for ICDS Projects Bhadrak, Basudevpur, Bonth, Bhandaripokhari, Dhamnagar, Tihidi, Chandbali-I and Chandbali-II in Bhadrak District are invited from the intending Registered Firms / Co-operative Societies/ authorized licensed Transporting Contractors/ Agents for undertaking transportation of Rice / Wheat from OSCSC Ltd. Godown, Charampa, Bhadrak / FCI depot, Ranital, Bhadrak to respective AWCs & WSHGs point under SNP Scheme for the period from 01.07.2025 to 30.06.2026. The Registered Firms / Co- operative Societies / authorized licensed Transporting Contractors / Agents shall be made through two bid system i.e. Technical Bid (Annexure-I) and Price Bid (Annexure-II) separately. The Technically qualified Bidder Firms / Agents can only participate in the Price Bid.

The Tender paper can be obtained from the office of the DSWO, Bhadrak on payment of Rs. 5,000/- (Rupees Five Thousand) in shape of DD only towards cost of the tender paper from date. **11.06.2025** during the office hour or any working day till **01:00 P.M. on dated. 25.06.2025.** In case the tender documents have been downloaded from the website, the tender documents fee of Rs. 5,000/- only must be deposited along with the Bid in the Form of a Demand Draft drawn on any nationalized Bank favouring DSWO, Bhadrak and payable at Bhadrak. **The cost of tender paper is non-refundable.** The tender shall be received by DSWO, Bhadrak till **01.00 P.M on date. 25.06.2025** by registered post / speed post or through sealed tender box kept in office of the DSWO, Bhadrak and will be opened on the same day i.e. on date. **25.06.2025 at 02:30 P.M.** by the tender Committee headed by Collector, Bhadrak or any officer authorized by the Collector in the Sadbhabana Sabhagruha Collectorate, Bhadrak in the presence of the Tender Committee members and Tenderers or their authorised representatives if they desires so. Similarly, the Financial Bid of those who qualified the technical bid will be opened on dated. 25.06.2025 in the Salandi Sabhagruha, Collectorate, Bhadrak. The details regarding tender document are available in the website **https://bhadrak.odisha.gov.in/** which can be downloaded.

Not withstanding anything else contained to the contrary in this tender document, Collector, Bhadrak reserves right to cancel /withdrawn /modify or reject any or all the tenders without assigning any reason thereof.

1. Period of issue of Tender document: **11.06.2025 to 25.06.2025 by 01:00 P.M.**
2. Last date of receipt of Sealed Bids on **25.06.2025** upto **01.00 P.M** through Registered / Speed Post or through sealed tender box kept in office of the DSWO, Bhadrak.
3. Date and time for opening of

(i)Technical and Price Bid : On dated **25.06.2025** at **02:30 P.M**

**Sd./- Collector**
OIPR-33029/11/0001/2526 **& District Magistrate, Bhadrak**

## OFFICE OF THE MUNICIPALITY, UMERKOTE

NABARANGPUR (ODISHA), PIN-764073
email : nac_umerkote@rediffmail.com

**Letter No. 1172/UKT-MUN-2025** **Date : 11.06.2025**

**TENDER CALL NOTICE/EXPRESSION OF INTREST**

**No.C-509** : Sealed Quotations are invited from intending Firms/Dealers/Agencies/ Consultants having adequate previous experience in quoting rates & Annual Maintenance Contract (AMC) of IP Based CCTV Surveillance System of Umerkote Town as per detail tender call notice.

The Firms/Dealers/Agencies/Consultants should file their rates including preparation of DPR, Supervision charges etc. with term & condition. The Bidders should enclose the copy of documents in support of experience, registration, recognition from Govt. GST/PAN clearance certificate with the quotations.

The quotations will be received from Dt.11/06/2025 10.00 A.M. up to Dt.17/06/2025 by 5.00 P.M. through Registered/Speed Post in the Address of **Executive Officer, Umerkote Municipality, Umerkote, Dist.-Nabarangpur, Odisha-764073** and the same will be opened at 3.00 P.M. on Dt.19/06/2025 in presence of bidders or their authorized agents. The rate should be quoted inclusive of all Tax/GST/Transportation charges and loading/unloading charges.

Blank Bid documents for the works will be available from the office of the undersigned on any working day during office hours 10.00 A.M. to 5.00 P.M. from Dt.11/06/2025 to Dt.17/06/2025 on payment of Rs.10,000/-. (Rupees Ten Thousand) only towards cost of Bid documents in shape of Demand Draft/Bankers Cheque only from any Nationalized Bank drawn in favour of Executive Officer, Umerkote Municipality payable at Umerkote & the bidder in a position to complete the said project within stipulated time period of receipt of work order.

The Bidders have to submit the bid documents duly filled up along with attested photo copies of qualifying documents as indicated in eligibility criteria and the bidders shall have to produce original documents as per eligibility criteria if required for verification and the same will be verified by the Tender Committee constituted for the purpose on the date of the opening of the tender.

1. More procurement of tender documents does not guarantee fulfillment of the eligibility criteria.
2. Cost of Bid document is not refundable.
3. Name of the purchaser at the time of procurement of Bid Documents shall not be disclosed, only money receipt against the Bank Draft/Pay order shall be issued.
4. Only Ink/Dot pen signed copy of DTCN issued by this office shall be entertained.
5. The details of the tender papers/Technical specifications along with term and conditions etc. may be seen from the Website Nabarangpur NIC i.e. https://nabarangpur.odisha.gov.in/ as well as Municipal Office.

The undersigned reserves the right to accept or reject any of quotations or negotiate with more than one agency without assigning any reason thereof.

**Sd./- Executive Officer**
OIPR-13180/11/0016/2526 **Umerkote Municipality**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୮୮ ତା.୨୩.୫.୨୫

**ବିଜ୍ଞାପନ**

**No.CAD-758:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍‌ଆଇଜି-୨-୬୫ (MIG-II-୬୫), ଲାଲଟିକିରା, ବଲାଙ୍ଗୀର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ସାରାବତୀ କୁମାର, ସ୍ୱାମୀ-ଏ ଯୋନାଥନ କୁମାର, ସା-ଡୁଙ୍ଗୁରୀପରା, ପୋ-ବଲାଙ୍ଗୀର, ଥାନା-ବଲାଙ୍ଗୀର, ଜିଲ୍ଲା-ବଲାଙ୍ଗୀରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀମତୀ ସାରାବତୀ କୁମାର ଉକ୍ତ ଗୃହଟିକୁ ଦାନପତ୍ର ଆଧାରରେ ତାଙ୍କର ଝିଅ ଗୀତାରାଣୀ ଜାଲ, ପିତା-ଏ ଯୋନାଥନ କୁମାର, ସା-ଆଦର୍ଶପଡା, ପୋ-ବଲାଙ୍ଗୀର, ଥାନା-ବଲାଙ୍ଗୀର, ଜିଲ୍ଲା-ବଲାଙ୍ଗୀରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0666/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.shb.org

ପତ୍ର ସଂଖ୍ୟା ୮୪ ତା.୨୦.୫.୨୦୨୫

**ବିଜ୍ଞାପନ**

**No.CAD-755:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବ ନାହିଁ ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱ ଶ୍ରୀମତୀ ସାବିତ୍ରୀ ସିଂହ<br>ସ୍ୱାମୀ-ପୁରୁଷୋତ୍ତମ ସିଂହ<br>ସା-ବଳରାମ ପ୍ରସାଦ<br>ପୋ-ବଳରାମ ପ୍ରସାଦ<br>ଥାନା-ବଅଁରପାଳ<br>ଜିଲ୍ଲା-ଅନୁଗୁଳ | ବି.ଏଲ୍-୫୬<br>(B.L.-56)<br>କମ୍ପୋଜିଟ୍ ଗୃହ ପ୍ରକଳ୍ପ<br>ବିକ୍ରମପୁର, ତାଳଚେର<br>ଜିଲ୍ଲା-ଅନୁଗୁଳ | ୧.ପୁରୁଷୋତ୍ତମ ସିଂହ (ସ୍ୱାମୀ)<br>୨.ଭବାନୀଶଙ୍କର ସିଂହ (ବି.ପୁତ୍ର)<br>୩.ସାଗରିକା ସିଂହ (ବି.କନ୍ୟା)<br>୪.ସ୍ୱାଗତିକା ସିଂହ (ବି.କନ୍ୟା)<br>୫.ସସ୍ମିତା ସିଂହ (ବି.କନ୍ୟା)<br>୬. ଶ୍ୱେତଲୀନା ବିଶ୍ୱାଳ (ବି.କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0678/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ
## Vikram Dev University

Jeypore, Dist-Koraput, Odisha, Mail:vikramdevuniversity@gmail.com
Letter No.1496/VDU/2025 Date:11.06.2025

**ADVERTISEMENT**

**Admission to M.B.A Programme: 2025-2026**

**No.CAD-746:** Interested candidates may apply for admission to MBA programme of Vikram Dev University under self-financing mode (Regular). The admission into MBA programme will be through entrance test. The eligibility for the admission into MBA Programme is Bachelor's Degree from any University recognised by UGC, New Delhi. However, the candidates appearing +3 final year are also eligible to apply. The application form can be downloaded from the University website. The filled in application form shall reach the office of the Chairman, P.G Council, Vikram Dev University, Jeypore - 764001 on or before 30/06/2025 by 05.00 P.M. The authority is not responsible for any postal delay. For details, please visit https://vikramdevuniversity.ac.in. For admission related queries please contact: +91-9337336715.

**The Application fee of Rs.1000/- shall be paid through a Bank Draft and drawn in favour of Registrar, Vikram Dev University payable at Jeypore.**

OIPR-11133/11/0008/2526 **Sd./- Registrar**

## ORISSA STATE AIDS CONTROL SOCIETY

OSACS
**Department of Health & Family Welfare, Govt. of Odisha**
**Letter No.571/OSACS** **Date:10.06.2025**
**File No.XV-OSACS-13/2025**

**CORRIGENDUM**

**No.E-161:** Consequent upon the decision taken in the Pre-Bid meeting of "Hiring of vehile for Official Use on Monthly & Daily Basis" held on 02.06.2025, modification / amendment in tender no. 325/OSACS, dated 20.05.2025 & 332/OSACS dated 20.05.2025 has been made. To access such modifications / amendment, the prospective bidders are advised to visit website of OSACS i.e. https://osacs.odisha.gov.in. Further, the bid submission date (Closing Date) and date of opening of Tender Document are hereby extended by 7 days for both the tender as follows,

| Sl. No. | Description | Previsous Date | Revised Date |
|---|---|---|---|
| 1. | Closing Date for submission of Tender bearing no. 325/OSACS, dtd 20.05.2025 & 332/OSACS dtd 20.05.2025 | 16.06.2025 | 23.06.2025 |
| 2. | Opening of Bid Document for Tender bearing no. 325/OSACS, dtd 20.05.2025 of Monthly Basis Vehicle | 17.06.2025 | 24.06.2025 |
| 3. | Opening of Bid Document for Tender bearing no. 332/OSACS, dtd 20.05.2025 of Daily Basis Vehicle | 18.06.2025 | 25.06.2025 |

OIPR-10009/11/0049/2526 **Sd./- Project Director**

## OFFICE OF THE DEPUTY DIRECTOR (P&S) DPMU,KENDRAPARA

**Advertisement No.1216/ 7th MI/ 3 / 2025 Date 11.06.2025**

**No.X-18:** Applications are invited **from Local Youths of the Kendrapara District** for temporary engagement as Enumerator for conduct of field work pertaining to 7th Minor Irrigation Census and 2nd Census of Water-bodies in Kendrapara District.

A.**Eligibility :** Candidates must have passed the 10+2 exam or equivalent with knowledge of Odia & Basic survey skills. , Age- 18-45 years as on 30.05.2025

B.**Responsibility :** Field data collection, verification & reporting in the assigned villages/ wards.

C.**Remuneration :** As per Govt norms published in details.

D.**Application :** The Application in prescribed format attached with Certificates, Photo should be dropped in the Box by **30th June 2025 ( by 5.30 P.M.)** placed in District Planning & Monitoring Unit (Statistics Wing), Kendrapara or by Speed Post/Registered Post to Deputy Director (P&S), District Planning & Monitoring Unit (Statistics Wing), Kendrapara-754211, Near Collectorate Campus. Visit Kendrapara District Website:**https://kendrapara.odisha.gov.in** for further details

**By Orders of Collector**
**Sd./-Deputy Director (P&S),**
OIPR-21023/11/0001/2526 **DPMU, Kendrapara**

## Government of Odisha
## Social Security and Empowerment of Persons with Disabilities Department

**Red Building, LOKSEVA BHABAN, BHUBANESWAR-751001**
**Ph.No.0674-2390116, FAX-0674-2391976**
**E-mail-ssepdodisha@gmail.com**

**No.6340/ SSEPD** **Date:11.06.2025**
**SSEPD-DA-6-SCH-0004-2025**

**Expression of Interest for Selection of agency for operation of Prosthetic & Orthotic Workshop and services in Advanced Rehabilitation Centres**

**No.gg-08:** The EOI aims to select successful agency to act as Programme Implementing Agency (PIA) that will be responsible to provide/manage services as outlined at scope of work. The details of scope of work, eligibility criteria and submission of details can be downloaded from website https://ssepd.odisha.gov.in/. Last date and time for submission of the EOI documents by speed post/ Registered post/courier in all working days up to 5:00 PM of 06.07.2025 at Director, Social Security and Empowerment of Persons with Disabilities Department, Lokseva Bhawan, Bhubaneswar-751001.

This EoI does not entail any commitment on the part of SSEPD Deptt, Govt. of Odisha either financial or otherwise. SSEPD reserves the right to accept or reject any or all without incurring any obligation to inform the affected applicant/s of the grounds. The EOI will be evaluated based on the information provided.

OIPR-46001/11/0046/2526 **Sd./-Director**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ସରିଲା ସଜବାଜ

# ଆଜି ପହିଲି ରଜ..

ବନସ୍ତେ ଡାକିଲା ଗଜ... ବରଷକେ ଥରେ ଆସିଛି ରଜ...। ବର୍ଷକ ପରେ ପୁଣି ଆସିଛି ଗଣପର୍ବ ରଜ। ଶନିବାର ପହିଲି ରଜ। ତେଣୁ ଘରେ ଘରେ ପୋଡପିଠାର ମହକ ସାଙ୍ଗକୁ ପାନର ରଙ୍ଗରେ କୁଆଁରୀମାନଙ୍କ ଓଠ ଝଲସିବ। ରଜପାଇଁ ସଭିଙ୍କ ମନରେ ଆନନ୍ଦ ଓ ଉତ୍ସାହ ଭରିଯାଇଛି। ସବୁଠି ବିଭିନ୍ନ ପ୍ରକାରର ପିଠା, ପାନଭଙ୍ଗା ପ୍ରସ୍ତୁତି ସାଙ୍ଗକୁ ଦୋଳି ଲାଗିସରିଲାଣି। ଶୁକ୍ରବାର ଝିଅବୋହୂମାନେ ସଜବାଜ ଦିନକୁ ବେଶ୍ ଉତ୍ସାହର ସହିତ ପାଳନ କରିଛନ୍ତି। ସେହିପରି ରଜକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ଭୁବନେଶ୍ୱରର ପାତ୍ରପଡ଼ା ସ୍ଥିତ ଭଗବାନପୁର ପଡ଼ିଆ, ନୟାପଲ୍ଲୀ ସ୍ଥିତ ରାବଣପୋଡ଼ି ପଡ଼ିଆ, ଜାଗମରା ପଡ଼ିଆ ଭଳି ବିଭିନ୍ନ ସ୍ଥାନରେ ଦୋଳି ଲଗାଯିବା ସହ କେତେକ ଅନୁଷ୍ଠାନ ପକ୍ଷରୁ ରଜ ଦୋଳି, ପାନ, ପିଠା ଷ୍ଟଲ୍ ଲାଗିଛି। ପାନ୍ଥନିବାସ ଓ ରାଜ୍ୟ ସଂଗ୍ରହାଳୟଠାରେ ରଜ ପାଇଁ ବିଶେଷ ବ୍ୟବସ୍ଥା ହୋଇଛି। ରଜ ପ୍ରସ୍ତୁତି ନେଇ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା...।









### ପାତ୍ରପଡ଼ା ରଜ ମହୋତ୍ସବ

୧୪ ରୁ ୧୭ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ରଜ ମହୋତ୍ସବରେ ପ୍ରଥମ କରି ରାଧାକୃଷ୍ଣଙ୍କ ମୂର୍ତ୍ତି ଏକ ପ୍ରମୁଖ ଦୋଳିରେ ପୂଜା ପାଇବେ। ଏଥିସହ ପୋଡ଼ପିଠା ସାଙ୍ଗକୁ ରଜପାନ, ଝିଅମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପାରମ୍ପରିକ ପୁଚି, ମେହେନ୍ଦି, ଶଙ୍ଖ ଫୁଙ୍କା, ହୁଳହୁଳି, ଦୌଡ଼ିଡିଆଁ, ମ୍ୟୁଜିକ୍ ଚେୟାର, ମେହେନ୍ଦି ଓ ପ୍ରତି ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ନୟାପଲ୍ଲୀ ରଜ ମହୋତ୍ସବ

ନୟାପଲ୍ଲୀ କଳିଙ୍ଗ କ୍ରୀଡ଼ା ଓ ବିକାଶ ପରିଷଦ ପକ୍ଷରୁ ରଜ ମହୋତ୍ସବରେ ମହିଳାମାନେ ନିଜ ହାତ ପ୍ରସ୍ତୁତି ପିଠାପଣା ସାଙ୍ଗକୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କାର୍ଯ୍ୟକ୍ରମ ରହିବ। ଏହା ସାଙ୍ଗକୁ ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଅନେକ ପ୍ରକାରର ଖେଳକୁଦ ପ୍ରତିଯୋଗିତା ସହ ପୁରସ୍କାର ପ୍ରଦାନର ବ୍ୟବସ୍ଥା ହେବ। ରାମ ଦୋଳି, ବ୍ରେକ୍‌ଡାନ୍ସ, ବେଲୁନ ଦୋଳି, ଡ୍ରାଗନ ଦୋଳି ସାଙ୍ଗକୁ ମୀନାବଜାରର ସୁବିଧା ରଖାଯାଇଛି। ଚଳିତ ବର୍ଷ ୮୦ରୁ ଅଧିକ ଷ୍ଟଲ ସାଙ୍ଗକୁ ୨୦ରୁ ଊର୍ଦ୍ଧ୍ୱ ଦୋଳି ଲାଗିବ। ସାଂସ୍କୃତିକ ସନ୍ଧ୍ୟାରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମନ୍ଟୁ ଛୁରିଆଙ୍କଠାରୁ ଆରମ୍ଭ କରି ବିଷ୍ଣୁମୋହନ କବି, ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ଓ ସିନେ କଳାକାର ଏହି ମହୋତ୍ସବରେ ଯୋଗଦେବେ।

### ମନମୋହିବ 'ଜାଗମରା ରଜ ମହୋତ୍ସବ'

ଭୁବନେଶ୍ୱର ସାଉଥ୍ ୱେଲଫେୟାର ଆସୋସିଏଶନ ପକ୍ଷରୁ ଖଣ୍ଡଗିରି ପାଦଦେଶ ଜାଗମରା ପଡ଼ିଆରେ 'ଜାଗମରା ରଜ ମହୋତ୍ସବ' ଆୟୋଜିତ ହେଉଛି। ପହିଲି ରଜରୁ ଶେଷରଜ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏଥିସହ ମୀନାବଜାର, ବିଭିନ୍ନ ଦୋଳି, ପୋଡ଼ପିଠା, ମିଠା ଏବଂ ରଜପାନ ସାଙ୍ଗକୁ ବଲିଉଡ,ଓଲିଉଡ୍ କଳାକାରଙ୍କ ଦ୍ୱାରା ସଙ୍ଗୀତ ଏବଂ ନୃତ୍ୟ କାର୍ଯ୍ୟକ୍ରମ ଜମିବ। ସେହିପରି କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ ଏବଂ ଗ୍ରୁପ୍, କୁଳଦୀପ ଏବଂ ଗ୍ରୁପ୍, ଦିପ୍ତିରେଖା ପାଢ଼ୀ ଏବଂ ଗ୍ରୁପ୍‌ଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ସେହିପରି ମହିଳା ଏବଂ ଯୁବତୀମାନେ ପାରମ୍ପରିକ କ୍ରୀଡ଼ ପ୍ରତିଯୋଗିତାର ଆନନ୍ଦ ନେବେ।

### ଓଟିଡିସିରେ ପିଠା ପସରା

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ପାନ୍ଥନିବାସରେ ରଜ ମହୋତ୍ସବ ଆୟୋଜନ କରାଯାଇଛି। ରଜଦୋଳି ସାଙ୍ଗକୁ ସ୍ୱାଦିଷ୍ଟ ପିଠା ଓ ମେହେନ୍ଦି ଷ୍ଟଲ ଖୋଲାଯାଇଛି। ସେହିପରି 'ନିମନ୍ତ୍ରଣ' ରେସ୍ତୋରାଁ ଓ ପାନ୍ଥନିବାସରେ ପିଠା ବିକ୍ରି ପାଇଁ ସତନ୍ତ୍ର କାଉଣ୍ଟର ଖୋଲା ଯାଇଛି। ପାନ୍ଥନିବାସରେ ପୋଡ଼ପିଠା, ଆରିସା, କାକରା, ଛଣା ଓ ସିଝା ମଣ୍ଡା, କ୍ଷୀରଗଜା, ଲବଙ୍ଗଲତା ଓ ଛେନାପୋଡ଼ ପ୍ରସ୍ତୁତ ହୋଇଛି। ସେହିପରି ରଜପାନ ସାଙ୍ଗକୁ ପିଠା ବାସ୍କେଟ୍ କରାଯାଇଛି। ରଜ ୩ଦିନ ଓଟିଡିସି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକ, ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ପର୍ଯ୍ୟନ୍ତ 'ପିଠା ଅନ୍ ହ୍ୱିଲ' ଗାଡ଼ି ବୁଲିବା ନେଇ ସୂଚନା ଦିଆଯାଇଛି।

### ପାନ ତୋଷିବ ମନ...

ରଜରେ ପାନର ଭିନ୍ନ ସ୍ୱାତନ୍ତ୍ର ରହିଛି। ପୋଡପିଠା ବିନା ଯେମିତି ରଜ ଅଧୁରା, ପାନ ବିନା ସେମିତି ରଜ ଫିକାଫିକା। ବର୍ଷସାରା ପାନଠାରୁ ଯେତେ ଦୂରେଇ ରହିଲେ ବି ରଜ ତିନିଦିନ ପାଇଁ ସବୁ ମାଫ୍। ପାନ ଖାଇ ପାଟି ନାଲି କରିବାକୁ ଝିଅମାନଙ୍କୁ ଏହି ଦିନରେ ଅନୁମତି ମିଳିଯାଏ। ତେଣୁ ରଜରେ ପାନର ଚାହିଦା ବଢିଯାଏ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ପାନ ବ୍ୟବସାୟୀଙ୍କ ପକ୍ଷରୁ ବିଭିନ୍ନ ପାନର ବ୍ୟବସ୍ଥା କରାଯାଇଛି। ଏହି ଦୌଡରେ ସାମିଲ ହୋଇଛି ସହିଦ ନଗର ବନାରସ ପାନ ଭଣ୍ଡାର। ବନାରସୀ ମିଠା ପାନ, ଲଡୁ ମିଠା ପାନ, ଆୟୁର୍ବେଦିକ ପାନ, ଡାଏଟ୍ ସାଧା ପାନ, ଲଭର୍ସ ଗିଫ୍ଟ ପାନ, ମହାରାଜା ପାନ, କୋହେନୁର୍ ପାନ ଭଳି ୧୩୪ ପ୍ରକାରରୁ ଊର୍ଦ୍ଧ୍ୱ ପାନ ଏଠାରେ ମିଳୁଛି। ତେବେ ଚଳିତ ଥର ଗ୍ରାହକଙ୍କୁ ଭେଟି ଦେବାକୁ ଆସିଛି 'ସୋନା ଚାନ୍ଦି' ପାନ। ଏଗୁଡିକର ଦାମ୍ ୨୫ଟଙ୍କା ଠାରୁ ଆରମ୍ଭ ହୋଇ ୧୧୧୧ଟଙ୍କା ପର୍ଯ୍ୟନ୍ତ ରହିଛି। ଏନେଇ ପାନ ଭଣ୍ଡାରର ମାଲିକ ରମାକାନ୍ତ ସେନାପତି କହିଛନ୍ତି ସଜବାଜ ଦିନରୁ ହିଁ ପାନର ଚାହିଦା ଦେଖିବାକୁ ମିଳିଛି। ସନ୍ଧ୍ୟାସୁଦ୍ଧା ପ୍ରାୟ ୩୫୦୦ ପାନ ବିକ୍ରି ହୋଇସାରିଛି ବୋଲି ରମାକାନ୍ତ କହିଛନ୍ତି।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ 'ରଜ ଉତ୍ସବ'

ପହିଲି ରଜରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଗୀତଗୋବିନ୍ଦ ସଦନ ଠାରେ 'ରଜ ମଉଜ' ଅନୁଷ୍ଠିତ ହେବ। ଓଡ଼ିଆଣୀମାନଙ୍କୁ ନେଇ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଆ ମାଟିର ମହକ ଥିବା ପରମ୍ପରା, ସଙ୍ଗୀତ ଓ ନୃତ୍ୟ ପରିବେଷିତ ହେବ। ଦର୍ଶକମାନେ ପୋଡ଼ପିଠା ଓ ରଜ ପାନ ସହ ରଜ କବିତା ପାଠୋତ୍ସବ, ସଂଗୀତ ଓ ନୃତ୍ୟ ଆଦିର ମଜା ଉଠାଇବେ। ସୋସାଇଟି ଫର୍ ନେଚର୍ ଏଜୁକେସନ୍ ଆଣ୍ଡ୍ ହେଲ୍‌ଥ (ସ୍ନେହ) ପକ୍ଷରୁ ସାଲିଆ ସାହିଠାରେ ରଜ ପର୍ବ ପାଳନ କରାଯିବ। ଏଥିରେ ପ୍ରାୟ ୩ଶହ ଶିଶୁ, କିଶୋରୀ ଏବଂ ମହିଳା ସାମିଲ ହେବେ। ସେହିପରି ନୂଆ ଗାଁ ବିକାଶ ମଞ୍ଚ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ପାଳନ କରାଯାଇଛି।

### ରାଜ୍ୟ ସଂଗ୍ରହାଳୟରେ ରଜ ମହୋତ୍ସବ

ରାଜ୍ୟ ସଂଗ୍ରହାଳୟରେ ଶନିବାର ପହିଲି ରଜରେ ବିଶ୍ୱ ଓଡ଼ିଶା ପରିବାର ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ପୁଚି, ହୁଳହୁଳି, ରଜ ସ୍ଲୋଗାନ ଆବୃତ୍ତି ପ୍ରତିଯୋଗିତା, କବି ସମ୍ମିଳନୀ, ମହିଳାଙ୍କ ସମସ୍ୟା ଓ ସମାଧାନ ଉପରେ କର୍ମଶାଳା, ଝୋଟି ଚିତା, ରଙ୍ଗୋଲି ପ୍ରତିଯୋଗିତା କରାଯିବ। ଏଥିସହ ବିଜେତାଙ୍କୁ ସମ୍ମାନିତ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଏମ୍‌ପି, ବିଧାୟକ, ପ୍ରଶାସନିକ ଅଧିକାରୀ, କଳାକାର ଏବଂ ଅନ୍ୟାନ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

### ବୁଲାବୁଲିରେ କଟିବ ରଜ

ରଜ ପାଇଁ ୩ଦିନ ଛୁଟି ପଡୁଥିବାରୁ ବୁଲାବୁଲିର ଆସର ଜମିବ। ବିଶେଷକରି ନନ୍ଦନକାନନ, ଖଣ୍ଡଗିରି, ଉଦୟଗିରି, ରାଜ୍ୟ ସଂଗ୍ରହାଳୟ, ପ୍ଲାନେଟାରିୟମ, ଧଉଳି, ଶିଖରଚଣ୍ଡୀ ଭଳି ସ୍ଥାନରେ ଭିଡ ହେବାର ସମ୍ଭାବନା ରହିଛି।

–ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର, ଫଟୋ: ବିକାଶ ନାୟକ


## ଜନ୍ମବାର୍ଷିକ ଶୁଭେଚ୍ଛା



**ପ୍ରିୟାଂଶୀ ପାତ୍ର (ଖୁସି)**
ପିତା: ପ୍ରକାଶ କୁମାର ପାତ୍ର
ମାତା: ଭାଗ୍ୟଶ୍ରୀ ସାମଲ
ଗ୍ରାମ: ନୂଆପାଟଣା, ମଙ୍ଗଳପୁର, ଯାଜପୁର
ଆଜି ତୁମର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରିବା ସହିତ ତୁମ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ– ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ–୯୩୦

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ କବିନ୍ଦ୍ର ସାମଲ**
ରଥଗଡ଼ା, ହୋଟେଲ ଦେବକନ୍ୟା ନିକଟ, ଢେଙ୍କାନାଳ
ଆବିର୍ଭାବ: ୦୮।୦୪।୧୯୫୯
ତିରୋଧାନ: ୧୪।୦୬।୨୦୨୧
ଜନ୍ମସ୍ଥାନ– କଳିଙ୍ଗ
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କ: ହତଭାଗ୍ୟ: ପତ୍ନୀ–ବୀଣାପାଣୀ, ପୁତ୍ର– ଆଶିଷ, ଜଗଦିଶ, ବୋହୂ– ସ୍ୱାତି ଓ ରୋକାଲିନ, ନାତିନାତୁଣୀ– ଶିବାଂଶ, ଶ୍ରେୟାନଭି ଓ ଆତ୍ମୀୟସ୍ୱଜନ।
ଧ–୯୩୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଦେବ ଦାଶ**
ଆବିର୍ଭାବ: ୦୫।୦୯।୧୯୭୦
ତିରୋଧାନ: ୦୨।୦୭।୧୯୯୯
୨୬ତମ ଶ୍ରାଦ୍ଧବାର୍ଷିକ ଦିବସ ଅବସରରେ ତୁମର ଅମ୍ଳାନ ଆତ୍ମା ବିଷ୍ଣୁ ପାଦତଳେ ଚିରଶାନ୍ତି ଲାଭ କରୁ ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା।
ହତଭାଗା: ଭାଇ, ମା, ଭାଇବୋହୂ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ–୯୧୯

### ୧୮ତମ ଶ୍ରାଦ୍ଧବାର୍ଷିକୀ



**୰ବିମଳ ପ୍ରସାଦ ପଟ୍ଟନାୟକ**
ଗ୍ରାମ: ଯାଆଁଳା, ଭୁବନେଶ୍ୱର
ଆବିର୍ଭାବ:୦୧।୦୭।୧୯୩୮
ତିରୋଧାନ:୦୩।୦୭।୨୦୦୭
ସମୟ ସ୍ରୋତରେ ୧୮ବର୍ଷ ବିତିଗଲାଣି। ଆପଣଙ୍କ ଅନୁପସ୍ଥିତି ତଥା ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଧାର୍ମିକ ଚିନ୍ତାଧାରାକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଆସୁଛୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।–:ଶୋକସନ୍ତପ୍ତ:– ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ–୬୧୯୭୪


# Classified Everyday
0674-2580101, 9692975378



REAL ESTATE
SALE

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9 0 9 0 7 4 6 4 4 5 , 7008067338.** D-76275

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338481309. D-71398



FOR RENT

Prime location Jaydev Vihar infront of Chhapan Bhog 5-story commercial building 2nd floor 4000sqft hall type well furnished available for rent tutorial centre office setup etc. Contact- 9861443992. D- 76831



Healthcare

Newly open SPA positively health benefits (expert therapist). Contact- 7327030529. D-76918

Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open Jyoti SPA positively health benefits (expert therapist). 8458067955. D-870

Full body massage by Odia therapist in homely atmosphere. 9556498382. D-75390

## AFFIDAVIT

By virtue of an affidavit sworn before the Notary Public, Birmaharajpur dated- 12.06.25, I Niranjan Meher, R/o. Village- Kendupali, P.O.- Kamalpur, P.S.- Birmaharajpur, Dist.- Subarnapur declare that, I have changed my son's name from Krishna Meher to Anshuman Meher. Henceforth, he shall be known as Anshuman Meher for all purposes.
Niranjan Meher
D-931



By virtue of an affidavit in the Court of Executive Magistrate, Khaira, I declare that in my Aadhaar Card my name has been mentioned as Padmalaya Behera, D/o- Krushna Chandra Das of Village Galanga. But in my T.C. issued by Saheed Memorial Govt High School, Eram my name has been recorded as Baijayanti Das, D/o- Krushna Chandra Das. Both the above name belongs to one & same parson.
D-933

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

In the Court of the Additional Commissioner, Settlement & Consolidation, Bargarh
Settlement Revision Case No.-233 of 2024

Nityananda Dash ... Petitioner
Vrs.
Srimati Bhue @ Beherani and another ....Opp. Parties

To,
All Legal Heirs of (if any)
1. Late Srimati Bhue @ Beherani, W/o-Biharilal Sahara, D/o-Ratha Bhue @ Behera, 2. Late Khiramati Bhue @ Beherani, D/o- Late Ratha Bhue @ Behera Both are R/o-Lakhanpur, P.S./Tahasil-Ambabhona, Dist.- Bargarh

NOTICE THROUGH PAPER PUBLICATION U/O 5 RULE 20 CIVIL PROCEDURE CODE, 1908

The above petitioner has filed the above noted case against Late Srimati Bhue @ Beherani and Late Khiramati Bhue @ Beherani for recording of the case land mentioned below on the strength of Regd. Sale Deed bearing No.-4223, Dt.19.12.1956. However, Srimati Bhue and Khiramati Bhue are reported to be dead. Thus, all of their legal heirs are required to represent the case. The case land consists Hal Plot No.287, Area-Ac.1.54 dec, Kissam-Ma Sa/6 under Hal Khata No.-197 of Mouza-Lakhanpur, PS/Tah.-Ambabhona, Dist.- Bargarh.

Hence, legal heirs of late 1 & 2 (if any) are directed to appear in this Court in person or through your Advocate on 02.09.2025 at 11.00 AM by filing Counter in response to the said revision petition failing which the said revision case will be heard and determined Ex-Party in your absence as per law.

Given under my hand and seal of the Court on this 13th June, 2025.

Sd./- ADDL. COMMISSIONER SETTLEMENT & CONSOLIDATION, BARGARH
D-936

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରିୟା

## ଗଳ୍ପ

### ସୁଦର୍ଶନ ମହାପାତ୍ର

ଯାହାର ଦେହ ଉଲୁସା କଥା ପ୍ରିୟା ହୃଦୟରେ ଖେଳାଇ ଦେଇଥିଲା ପ୍ରେମର ତରଙ୍ଗ, ଖୁସିର ଉଚ୍ଛ୍ୱାସ, କିଆରି କିଆରି ସପନର ମହକରେ ମହକିତ କରିଥିଲା ମନ ଉପବନ; ସେଇ ପ୍ରେମିକଟିକୁ ବରିବାକୁ ଠିକ୍ କରିଥିଲା ପ୍ରିୟା ତା' ମା'ବାପାଙ୍କ ଇଚ୍ଛା ବିରୋଧରେ।

ମାଆ ବୁଝାଇଲା– ''ତୁ ଆମର ଗୋଟିଏ ବୋଲି ଅଲିଅଳ ଝିଅ। କେତେ ଆରାମ ଅୟସରେ ବଢ଼ିଛୁ। ଯାହାକୁ ପସନ୍ଦ କରିଛୁ ସେ'ତ ନିଃସ୍ୱ। ତୋ' ପାଇଁ ସେ କାନରେ ନାକରେ ନିମକାଠି ଦେବାକୁ ଅସମର୍ଥ। ବର୍ଷକୁ ଦୁଇଖଣ୍ଡ ଶାଢ଼ି କିଣିଦେବାକୁ ତା'ର ଯୁ' ନାହିଁ। ସେ ତୋ' ଭଳି ସୁକୁମାରୀ ଝିଅକୁ ନେଇ ହନ୍ତସନ୍ତ କରିବ ସିନା! ତୁ ତାକୁ ଭୁଲିଯା। ବାପା ଠିକ୍ କରିବେ ତୋ' ମନଲାଖି ରାଜକୁମାରଟିଏ।''

ଝିଅ କହିଲା– ''ନା ମା'। ମୋର ଦରକାର ନାହିଁ ରାଜକୁମାର। ଦରକାର ନାହିଁ ସୁନା, ହୀରା, ନୀଳା, ମୋତି ମାଣିକ୍ୟ। ମୋ' ପାଇଁ ବଡ଼ ପ୍ରେମ। ମୋ' ପାଇଁ ବଡ଼ ସପନ ଯାହା ସେ ହିଁ ଦେଇପାରିବ। ମୋ' ପାଇଁ ଧନଠୁ ବଡ଼ ନିଚ୍ଛକ ଭଲପାଇବା।''

ବାପା ବୁଝାଇଲେ– ''ଝିଅ, ସପନରେ ପେଟ ପୂରେ ନାହିଁ। ସପନ ଭାଙ୍ଗିଲେ ପେଟର ଜ୍ୱାଳା ଅନୁଭବ ହୁଏ। ଯାହାକୁ ତୁ ଭଲପାଉଛୁ ସେ ତୁଚ୍ଛା ଅଭିନୟ କରୁଥିବା କଳାକାରଟିଏ। ତା' ଉପରେ ଭରସା କରନା। ମିଠାମିଠା କଥା କହି ତୋତେ ସପନ ରାଇଜରେ ବୁଲଉଛି। ସପନ ଦେଖିବା ଆଉ ସଂସାର ପାତିବା ଏକା କଥା ନୁହେଁ। ଖିଆଲରେ ଆକାଶରୁ ଚାନ୍ଦ ତୋଳାଯାଇପାରେ, ମାତ୍ର ବାସ୍ତବିକତା ସେଇଟା ନୁହେଁ। ତୋ' ସୁଖ, ଭବିଷ୍ୟତ ପାଇଁ ଆମେ ଯାହା କହୁଛୁ ମାନିନେ। ତୋର ମଙ୍ଗଳ ହେବ।''

ଝିଅ କୌଣସି ପ୍ରକାର ବୁଝିବାର ନାହିଁ। ପ୍ରେମର ପରିଭାଷା ତାକୁ ପରା ଜଣା। ଆଉ କିଏ କେମିତି ଅନୁଭବ କରିବ ତା' ମନକଥା? ଗୁମ୍‌ସୁମ୍ ରହିଲା ସେ। ଆଖିରୁ ଲୁହ ଝରାଇ କାନ୍ଦିଲା। ମା'ବାପା ଥରକୁଥର ଝିଅକୁ ବୁଝେଇବାକୁ ପ୍ରୟାସ କଲେ। ସବୁ ନିଷ୍ଫଳ! ଅତଏବ ମା'ବାପାଙ୍କ ନଜରବନ୍ଦୀରେ ରହିଲା ଝିଅ।

ଝିଅର ଦିନେ ମନେହେଲା ନିଃଶବ୍ଦ ରାତିରେ କିଏ ଆସିଛି। ପ୍ରୀତି ପ୍ରଣୟର ବାସ୍ନାଟେ ଚହଟିଗଲା ତା' ଚାରିପାଖରେ। ଉଲୁସି ଉଠିଲା ସେ। ମନ ଉଚ୍ଚାଟିତ, ଉଲ୍ଲସିତ!

''ପ୍ରିୟା...!'' ଝରକା ସେପଟେ ଫିସ୍‌ଫିସ୍ ସ୍ୱର। ପ୍ରେମିକର।

ପ୍ରିୟା ଛାତିରେ ଛନକା। ମନରେ ଭୟ। ଧୀରେ ଝର୍କା ଖୋଲିଲା ସେ। ବାହାରେ ବିଛେଇ ହୋଇ ପଡ଼ିଛି ଜୋଛନାରାଶି। ଆକାଶଭର୍ତ୍ତି ତାରା। ଠିଆ ହୋଇଛି ତା'ର ସପନର ରାଜକୁମାର। କଥା ଦେଇ କଥା ରଖିଛି। ଆସିଛି ତାକୁ ବଞ୍ଚିବାର ରାହା ଦେଖାଇବାକୁ।

''ପ୍ରିୟା ଚାଲିଆସ। ମୁଁ ତୁମ ପାଇଁ ଛାଡ଼ିଆସିଛି ଘରଦ୍ୱାର, ମା'ବାପା ସବୁକିଛି। ତୁମକୁ ନ ପାଇଲେ ମୁଁ ବଞ୍ଚିପାରିବିନି।''

ପ୍ରିୟା କ୍ଷଣେ ଚାହିଁଲା ପ୍ରେମିକର ଶ୍ୟାମଘନ ଅପଘନକୁ। ଧୀରେ ପାଦ ରଖିଲା ଏରୁଣ୍ଡି ବାହାରେ। ପ୍ରେମିକ ହାତରେ ହାତ ଥାପିଲା। ପ୍ରିୟାର ହାତମୁଠାରେ ତା'ର ଈପ୍‌ସିତ ସ୍ୱର୍ଗ।

ପ୍ରେମିକ ହାତରେ ହାତ ଛନ୍ଦି ପ୍ରେମରେ ଜୁଡ଼ୁବୁଡ଼ୁ ପ୍ରିୟା ଚାଲିଛି ନିଶାର୍ଦ୍ଧରେ। ପ୍ରେୟସୀର ମନକୁ ରସାଣିତ କରିବା ପାଇଁ ପ୍ରେମିକ ଶୁଣଉଛି ମନବୋଧ ଚଉତିଶା।

''ପ୍ରେମ ଦୁର୍ଲଭ। ପ୍ରେମ ଅମୂଲ ମୂଲ। ପ୍ରେମକୁ ସମସ୍ତେ ବୁଝିପାରନ୍ତି ନାହିଁ। ପ୍ରେମ ବିନା ଜୀବନ ରଙ୍ଗହୀନ। ପ୍ରେମ ରହିଲେ ହିଁ ଜୀବନ ହୁଏ ଇନ୍ଦ୍ରଧନୁମୟ। ପ୍ରେମରେ ହିଁ ନିହିତ ଜୀବନର ସାର୍ଥକତା।''



ପ୍ରିୟା ବୁଝୁଥିଲା ପ୍ରେମିକର କଥା। ପ୍ରେମକୁ ଅର୍ଜନ କରାଯାଏ। ପ୍ରେମରେ ହିସାବନିକାଶ ଅବା ଜୟ ପରାଜୟର ସ୍ଥାନ ନାହିଁ। ପ୍ରେମ ଅମର। ସଜଳ ସକାଳ ପରି ମିଠା ଅନୁଭବ।

ସକାଳ ହେଲାବେଳକୁ ପ୍ରିୟା ତା'ର ପ୍ରେମିକ ସହିତ ଥିଲା କେଉଁ ଏକ ଅଜଣା ଜାଗାରେ। ଘନ ଜଙ୍ଗଲ ପରିବେଷ୍ଟିତ ଜାଗା। କୋଳାହଳଠାରୁ ଦୂରରେ। ଗୋଟିଏ ପାନ୍ଥଶାଳାରେ ଦୁହେଁ ପ୍ରବେଶ କଲେ। ପାନ୍ଥଶାଳାର ମାଲିକ ହୃଦୟବାନ୍। ନିକଟସ୍ଥ ମନ୍ଦିରରେ ବିବାହ କାର୍ଯ୍ୟ ବି ସମ୍ପାଦନ କରିଦେଲେ। ଏବେ ଦୁହେଁ ପତିପତ୍ନୀ। ପ୍ରେମର ବିଜୟ ହୋଇଛି ବୋଲି କହିଲା ପ୍ରେମିକ।

ପ୍ରେମିକ ଛାତିରେ ମଥା ରଖିଲା ପ୍ରିୟା। ଦୁହେଁ ରୋମାଞ୍ଚିତ। ଆଖିଭର୍ତ୍ତି ସପନ। ମୁଠା ଭର୍ତ୍ତି ସ୍ୱର୍ଗ। ଦୁହେଁ ଦୁହିଁଙ୍କୁ ଚାହିଁଲେ। ଦେହରେ ଶିହରଣ। ପ୍ରିୟା ଶୁଣୁଛି ପ୍ରେମିକ କଣ୍ଠରୁ ମଧୁପର ଗୁଞ୍ଜନ। ଦେହରୁ ଖୋଲିଯାଇଛି ଅଳଙ୍କାରମାନ। ପ୍ରେମିକ ଭାଷାରେ ସେଗୁଡ଼ା ପ୍ରେମ ପ୍ରଣୟରେ ପ୍ରତିବନ୍ଧକ। ପ୍ରିୟା ଦେହକୁ ବୋଝ। ବିନା ଅଳଙ୍କାରରେ ଅପ୍‌ସରା ପ୍ରତୀତ ହୁଏ ପ୍ରିୟା।

ରାତି ପାହିଲାବେଳକୁ ପ୍ରିୟା ଆଖିରେ ଲୁହ। ଏଇ କ'ଣ ତା' ସ୍ୱପ୍ନର ରାଜକୁମାର? ପ୍ରେମ କ'ଣ ଧର୍ଷଣ ପ୍ରସୂତ...! ନୀରବିଯାଇଛି ପ୍ରିୟା। ପରରାତିକୁ ବି ସେ ସହିଛି ପାଶବିକ ଅତ୍ୟାଚାର। ଦେହ ମନରେ ଏମିତି ଦହଗଞ୍ଜ କେହି କେବେ ଭୋଗି ନ ଥିବ। କୌଣସି ସ୍ତ୍ରୀ ସ୍ୱାମୀ ଦ୍ୱାରା ଏମିତି ଧର୍ଷିତା ହେବାକୁ ଚାହିଁ ନ ଥିବ।

ପ୍ରିୟା ଦେହକୁ ଆଉ ଫେରୁ ନ ଥିଲା ଅଳଙ୍କାରମାନ। ଘରୁ ଲୁଚେଇ ଆଣିଥିବା ଟଙ୍କା ଓ ଅଳଙ୍କାର ବ୍ୟାଗ୍‌ଟା ବି ଅନ୍ତର୍ଦ୍ଧାନ। ପ୍ରିୟା ପ୍ରମାଦ ଗଣିଲା। ପ୍ରେମିକକୁ ପ୍ରଶ୍ନିଳ ଆଖିରେ ଚାହିଁଲା। ପ୍ରତିବଦଳରେ ପ୍ରେମିକର ରକ୍ତମୁଖା ଆଖିରେ ଦେଖିଲା ଚୁପ୍ ରହିବାର ଇଙ୍ଗିତ।

ଚତୁର୍ଥ ରାତିରେ କବାଟ ଖୋଲି ରୁମ୍‌କୁ ଆସିଲା ପାନ୍ଥଶାଳାର ସେଇ ଲୋକଟି। ପ୍ରିୟାର ସବୁ ପ୍ରତିରୋଧ ବ୍ୟର୍ଥ। ସତେକି ପ୍ରିୟାର ବେଶ୍ୟା ଜୀବନର ଅୟମାରମ୍ଭ...!

ସକାଳ ହେଲା। କୋଠରିରୁ ବାହାରିବାର ଉପାୟ ଖୋଜୁଥିଲା ପ୍ରିୟା। ବନ୍ଦ ଝର୍କାର ଫାଙ୍କ ଦେଇ ବାହାରକୁ ଚାହିଁଲା। ଖରାରେ ଝଲମଲ ହେଉଥିବା ସତ୍ୟ ତା' ସାମ୍ନାରେ। ତା' ପ୍ରେମିକର ହାତ ଧରି ପାନ୍ଥଶାଳା ଭିତରକୁ ପ୍ରବେଶ କରୁଥିଲା ଆଉ ଜଣେ ପ୍ରିୟା।

ପ୍ରିୟା ବିବଶ। ତୁଟିଯାଇଛି ସପନ। ଆଉ କୋଠରିରୁ ନୁହେଁ ଜୀବନରୁ ମୁକୁଳି ଯିବାକୁ ଚାହିଁଲା ପ୍ରିୟା।

ପୋଲିସ ସନାକ୍ତ କଲା ପ୍ରିୟାର ପ୍ରାଣଶୂନ୍ୟ ଦେହକୁ ପାଖ ଜଙ୍ଗଲରୁ। ମା'ବାପା ଦୁହେଁ କୋହ ଆଉ ଲୁହରେ ତଳିତଳାନ୍ତ ହେଉଥିବାର ଦୃଶ୍ୟ ଉପଭୋଗ କରୁଥିଲେ ତଥାକଥିତ ପ୍ରେମିକମାନେ...!

ମୋ: ୯୪୩୮୧୭୫୫୪୨

## ପୁସ୍ତକ ପରିଚୟ


### ଅନ୍ତର୍ଦୃଷ୍ଟିର ଅନ୍ତରୀକ୍ଷ



**ଲେଖକ:** ଡ. ନାରାୟଣ ପଣ୍ଡା
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର–୧
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/–

ଦଶଟି ପ୍ରବନ୍ଧ ଆଲୋଚ୍ୟ ସମାଲୋଚନା ଗ୍ରନ୍ଥରେ ସ୍ଥାନିତ, ଯାହା ମୁଖ୍ୟତଃ ପ୍ରବନ୍ଧ ସାହିତ୍ୟର ବିଶ୍ଳେଷଣ ପାଇଁ ଉଦ୍ଦିଷ୍ଟ। ସଚ୍ଚିଦାନନ୍ଦ ରାଉତରାୟ, ଚନ୍ଦ୍ରଶେଖର ରଥ, ଚିତ୍ତରଞ୍ଜନ ଦାସ, ବୈକୁଣ୍ଠନାଥ ରଥ ଓ ଅନ୍ନଦାଶଙ୍କର ରାୟଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଗୁଡ଼ିକର ମୂଲ୍ୟାୟନ ନିଜ ଦୃଷ୍ଟିକୋଣରୁ ଡ. ପଣ୍ଡା କରିଛନ୍ତି। 'ଉପୋଦ୍‌ଘାତ'ରେ ସେ କହିଛନ୍ତି: ''ସମାଲୋଚକର ପ୍ରଧାନ ଦାୟିତ୍ୱ ହେଉଛି ପାଠକକୁ ଚକ୍ରବ୍ୟୂହରୁ ମୁକ୍ତ କରିବା। ତା'ର ହାତ ଧରି କଳାର ସୌନ୍ଦର୍ଯ୍ୟ ପ୍ରତି ତା'ର ଦୃଷ୍ଟି ଆକର୍ଷଣ କରିବା, ଯାହାଫଳରେ ପାଠକ କଳାକୁ ଅଧିକ ଉପଭୋଗ କରିପାରିବ।'' 'ଉପୋଦ୍‌ଘାତ'ର ଆଉ ଠାଏ ସମାଲୋଚକଙ୍କର ଭୂମିକା ସମ୍ପର୍କରେ କହିବାକୁ ଯାଇ ପ୍ରାବନ୍ଧିକ କହିଛନ୍ତି: ''ସାହିତ୍ୟରେ ସମାଲୋଚନାର ଭୂମିକା ଦ୍ୱିମୁଖୀ। ଏହା ସୃଷ୍ଟି କରିବା ପ୍ରକ୍ରିୟାରେ ସ୍ରଷ୍ଟାକୁ ସାହାଯ୍ୟ କରିଥାଏ; ପୁଣି ସୃଷ୍ଟିର ପ୍ରକୃତ ରସାସ୍ୱାଦନ କରିବାରେ ପୂର୍ଣ୍ଣ ପ୍ରାଣରେ ପାଠକକୁ ସାହାଯ୍ୟ କରିଥାଏ।'' ଗ୍ରନ୍ଥର ପ୍ରଥମ ପ୍ରବନ୍ଧ ''ସଚ୍ଚିଦାନନ୍ଦ ରାଉତରାୟଙ୍କ ମୌଳିକ ପ୍ରବନ୍ଧର ସ୍ୱରୂପ'' ସମ୍ପର୍କରେ ଆଲୋଚନା କଲାବେଳେ ଡ. ପଣ୍ଡା ଗୋଦାବରୀଶ ମହାପାତ୍ର ଓ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ବନ୍ଧରେ ସଚ୍ଚିବାବୁ ଯେଉଁ ମନ୍ତବ୍ୟ ରଖିଛନ୍ତି, ତା'ର ଉଲ୍ଲେଖ କରିଛନ୍ତି। ଯଥା: ୧. ସେ (ଗୋଦାବରୀଶ) ଲୋକମାନଙ୍କୁ ହସାଉଥିଲେ, ଚିଡ଼ାଉଥିଲେ, ରଗାଉଥିଲେ ଏବଂ ବେଳେବେଳେ ସାମାଜିକ ଓ ରାଜନୀତିକ ଅଳିଆ ଟୋକେଇକୁ ବେଶ୍ ଗୋଟାଏ ନାଡ ବି ବସାଇ ପାରୁଥିଲେ। କିନ୍ତୁ ତାଙ୍କର ଜଗତଟି ଥିଲା ବିଚ୍ ବଜାରର ସେଇ ମାମୁଲି ଦାଣ୍ଡଟି, ଯେଉଁଠି କଣ୍ଟ୍ରାକ୍ଟର, ଠିକାଦାର, ସରକାରୀ କର୍ମଚାରୀ ଓ ମନ୍ତ୍ରୀ ଏବଂ କଳାବଜାରିମାନଙ୍କର ଭିଡ଼; ଯେଉଁଠି ସାମାଜିକ ଶୁଚିତା ଅତ୍ୟନ୍ତ କ୍ଷୀଣ ଓ ବିପଦଗ୍ରସ୍ତ।'' ୨. ''ବାହାରେ ରୁକ୍ଷ କଠିନ, କିନ୍ତୁ ଭିତରେ ଶାନ୍ତକୋମଳ, ଉପରେ ପ୍ରାଚୀନପନ୍ଥୀ କିନ୍ତୁ ଭିତରେ ପ୍ରଗତିଶୀଳ– ଏଇ ଥିଲେ ଆର୍ତ୍ତବଲ୍ଲଭ।'' ପ୍ରତିଟି ଆଲୋଚନାରେ ନାରାୟଣଙ୍କ ସୂକ୍ଷ୍ମ ସମାଲୋଚକୀୟ ଦୃଷ୍ଟି ମଞ୍ଜି ଫିଟି ଆସୁଥିବା କଦଳୀପତ୍ର ପରି ସୁନ୍ଦର ଓ ସ୍ୱଚ୍ଛ। ବହିଟି ପାଠକୀୟ ଆଦର ପାଇବ।

### ରାଧିକା



**ମୂଳ ଓଡ଼ିଆ:** ନିର୍ମଳ ଚନ୍ଦ୍ର ଶୂରଦେଓ
**ହିନ୍ଦୀ ଅନୁବାଦ:** ଶ୍ରାବଣୀ ନାଥ
**ଇଂଲିଶ୍ ଅନୁବାଦ:** ବିରଞ୍ଚି ନାରାୟଣ ତ୍ରିପାଠୀ
**ପ୍ରକାଶକ:** ପରମ୍ପରା ପ୍ରକାଶନ, ନୟାଗଡ଼
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୧୦/–

ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଜୀବନ୍ତ କରିବାର ଅଭିଳାଷ ନେଇ କବି ଶୂରଦେଓ ୨୩ଟି କବିତା ଲେଖିଛନ୍ତି, ଯାହାର ହିନ୍ଦୀ ଓ ଇଂଲିଶ୍ ଅନୁବାଦ ମଧ୍ୟ ମୂଳ ଓଡ଼ିଆ ସହ ଆଲୋଚ୍ୟ ଗ୍ରନ୍ଥରେ ସାମିଲ ହୋଇଛି। ହିନ୍ଦୀ ଅନୁବାଦିକା ଲେଖିଛନ୍ତି: ''ଉନ୍‌କେ ହର୍ ଏକ୍ କବିତା କେ ପ୍ରତ୍ୟେକ ଶବ୍ଦ ମେଁ ଅନୁଭବ କିୟା ଜା ସକ୍‌ତା ହୈ ରାଧା ଔର୍ କୃଷ୍ଣ କେ ଅମର ପ୍ରେମ୍ କୋ।'' ଇଂଲିଶ୍ ଅନୁବାଦକ କହନ୍ତି: "Radha & Krishna are two forms of the same entity. x x We can not separate them from each other like aroma from flower, heat from fire & moonshine from moon." ରାଧାଙ୍କୁ ନେଇ ବହୁ କବି ସ୍ମରଣାତୀତ କାଳରୁ କେତେକେତେ ଅମର କବିତା ଲେଖିଯାଇଛନ୍ତି। ଆଜି ବି ଲେଖା ଚାଲିଛି। ଏଇ ପ୍ରବାହରେ କବି ଶୂରଦେଓ ନିଜର ଉପସ୍ଥିତିକୁ ମିଶାଇ ଦେଇଛନ୍ତି ରାଧାଙ୍କୁ ନେଇ ତାଙ୍କ ରଚିତ ଏଇ କବିତାଗୁଡ଼ିକରେ। ରାଧା କୃଷ୍ଣଙ୍କ ପାଖରୁ କାମନାର ପରିତୃପ୍ତି ପରେ ଫେରି ଆସିଛନ୍ତି ଘରକୁ। ସନ୍ଦେହୀ ସ୍ୱାମୀ ତାଙ୍କ ଫୁଲକୁ ଉଖାରି ଦେଖୁଛନ୍ତି ତାହା ଠିକ୍ ଅଛି କି ନା। ଶେଷରେ ସବୁ ଠିକ୍ ଅଛି ଜାଣି ''ଅନେକ ହସିଲେ/ ଶେଷରେ ଦରଫୁଟା ହସକୁ ତାଙ୍କର/ ମୋ' ହସରେ ଚାପିଦେଲେ'' (ସ୍ୱାମୀ, ପୃ:୬୯–୭୦)। ଏହି ଅଂଶର ହିନ୍ଦୀ: ''ସାମ୍ କୋ ମୁଝେ ବୁଲାକର ବନ୍ଦ୍ କମ୍‌ରେ ମେଁ ଲେକର/ ଢୁଁଢେ ତୁମ୍‌ହେଁ ମେରେ ତନ୍ ମେଁ/ ନ ପାକର୍ କୁଛ୍/ ଓ ହୋ ଗଏ ଖୁସ୍/ ଖୁଦ୍ ହୀ ଥେ ଉଲ୍‌ଝନ୍ ମେଁ।'' ଇଂଲିଶ୍ ଅନୁବାଦ: "He called me to his side/ closed the doors & shutters/ And examined me thoroughly/ when he found my rosy-boly/ Untouched,/ He expressed his half, smile with that of my laughter." ଅନୁବାଦକ ମୂଳ କବିତା ପ୍ରତି ବିଶ୍ୱସ୍ତ ଓ ଏହି କାରଣରୁ କବିତାଗୁଡ଼ିକର ଏହି ତ୍ରିଭାଷୀ ରୂପ ପାଠକଙ୍କ ପାଇଁ ଆନନ୍ଦଦାୟୀ ହେବ।

## କବିତା

### ମୋ ଝରକା ସେପାଖ ପାହାଡ଼

**ଚିନ୍ମୟୀ ପଣ୍ଡା**

କେବେଠୁ ଦେଖିନି ମୋ' ଝରକା ସେପାଖର
ପାହାଡ଼କୁ, ପାଦରେ ପାଣି ଛପଛପ କରି
ବ୍ୟସ୍ତ କରିନି ନଦୀକୁ, ବେସୁରା ତାନରେ
ବିରକ୍ତ କରିନି କୋଇଲିକୁ।
ମୁଁ ଜାଣେନି କରୁଛି କ'ଣ
ଜାଣେନି ବଞ୍ଚିଛି କି ନାହିଁ ସତରେ!
ନିଃଶ୍ୱାସ ପ୍ରଶ୍ୱାସ ଯଦି ଜୀବନ ହୁଏ
ବଞ୍ଚିଛି ଅବଶ୍ୟ!

ଏଯାଏଁ ଅନେକ କିଛି ଦେଖିନି ମୁଁ
ପତ୍ର ଫାଙ୍କରୁ ଝରିପଡୁଥିବା ସୂର୍ଯ୍ୟ ଆଲୁଅକୁ
ଗୋଟାଇ ପାରିନି ମାଟିରୁ, ଭୂଇଁଲୋଟଣି ଲତାକୁ
ପାଉଁଜି କରି ପିନ୍ଧି ପାରିନି ପାଦରେ
କେବଳ ଦୌଡ଼ି ଚାଲିଛି।

ଘରେ, ଅଫିସରେ, ରାସ୍ତାରେ
ଖାଇବା, ଶୋଇବା, ଚାଲିବା
ସବୁ ସମୟରେ, ସବୁ ଜାଗାରେ
ଦୌଡୁଛି, କେବଳ ଦୌଡୁଛି...
ଜାଣେନି ଏ ଦୌଡ଼ର ଅନ୍ତ କୋଉଠି,
ମୁଁ, ମୋ' ଦୁଇ ପାଖର ପୃଥିବୀ
ସେ ଦୌଡ଼ରେ ବି ସାମିଲ!

ପଛରେ କେବେଠୁ ଛାଡ଼ିଦେଇଛି,
ପିଲାଦିନର ସାଙ୍ଗ ଆଉ ମୁଠାଏ ବାଉଁଶ କୋଳି,
ତାରା ଗଣିବାର କଳା ଓ ବୁଢ଼ୀ ମା'ର ପାନ ବାକ୍ସ।
ଘର ପଛ ଓସ୍ତ ଗଛର ଭୂତ, ଆଇମା' କାହାଣୀ।
କାଇଁ, ଆଉ ସେମାନେ ଡାକୁ ନାହାନ୍ତି ତ'!

କେତେ ଆଉ ଡାକନ୍ତେ?
ମୁଁ ତ ଶୁଣିନି କେବେ, କିଛି ନ ଶୁଣି
ଆଜି ବି ଦୌଡୁଛି, ଦଉଡ଼ି ଚାଲିଛି...
ଏ ଦଉଡ଼ ଭିତରେ, ବେଳେବେଳେ
ପାଗଳ ପରି ଡାକୁଛି, ଝରକା ସେ ପାଖର
ପାହାଡ଼, ଦୂର ନଦୀ ଓ କୋଇଲି
ମୁଁ କ'ଣ ସତରେ ଯିବି, ଯାଇପାରିବି?

ମୋ: ୯୮୬୧୧୯୧୯୬୯

### ବୁଢ଼ିଆଣୀ ମାଛି ଖାଉଥିଲା

**ପ୍ରଜ୍ଞା ପରମିତା ପାଣି**

ବୁଢ଼ିଆଣୀ ମାଛି ଖାଉଥିଲା
ଆଉ ମୁଁ ସ୍ୱପ୍ନ, ସାହସ,
ବଞ୍ଚିବାର ଇଚ୍ଛା, ଉଦ୍ଦେଶ୍ୟ ଆଉ ପ୍ରେମ,
ମୁଁ ଧୀରେ ଧୀରେ ସବୁ ଖାଇଗଲି ସେଦିନ
ଶୋଇବା ପୂର୍ବରୁ
ଆଉ ସକାଳୁ ଦେଖିଲି ଆଉ ଗୋଟେ ମାଛି
ବୁଢ଼ିଆଣୀ ଜାଲରେ
ମୋ' ଭଡ଼ାଘର କାନ୍ଥର ବାମ ପାଖରେ
ବୁଢ଼ିଆଣୀ ମାଛି ଖାଉଥିଲା
ଆଉ ମୁଁ ଖାଇଗଲି ଜିଜ୍ଞାସା, ହସ, ପ୍ରତାରଣା, ବିଚ୍ଛେଦ
ବୁଢ଼ିଆଣୀ ମାଛି ଖାଇବାର ଆଉ ମୁଁ ଦେଖିନି
ଲମ୍ବା ଝାଡୁରେ ଜାଲି ସଫା କରିଦେବାର ଶକ୍ତି ବି ଆଉ ନାହିଁ
ମୁଁ ଖାଲି ଖାଇଚାଲିଛି, ଶକ୍ତି, ମମତା, ସ୍ନେହ, ଘୃଣା, ଜହ୍ନ,
ନକ୍ଷତ୍ର, ନିଆଁ, ଚୁଲି, ପାଉଁଶ ସବୁ
ବୁଢ଼ିଆଣୀ ମାଛି ଖାଉଥିଲା।

ମୋ: ୮୦୯୩୪୯୨୮୨୪

### ଦୁଃସ୍ୱପ୍ନ

**ଶରତ ଦାଶ**

ନିଜ ସାଥେ କରେ ରଣ
ନିଜ ସାଥେ କରେ ପ୍ରତାରଣା
ଦିବାନିଶି ଚାଲିଥାଏ ନିଜ ପଛେ
ଅବାଟରେ ହୋଇ ବାଟବଣା।

ନିଜ ମନ ହୋଇ ସର୍ପ
ଦଂଶୁଥାଏ ନିତି ବାରମ୍ବାର
କାନ୍ଦୁଥାଏ ଅହରହ
ଅମାନିଆ ନୟନ ମୋହର।

ହୃଦୟର ଆର୍ତ୍ତନାଦ
କରୁଥାଏ ସର୍ବଦା ସନ୍ତ୍ରସ୍ତ
ଅପ୍ରାପ୍ତିର ଅଗ୍ନିଶିଖା କରେ ତ୍ରସ୍ତ
ହେଲେ ସୂର୍ଯ୍ୟ ଅସ୍ତ।

ଆପଣା ପ୍ରାଣର ଭୟ
କରୁଥାଏ ସଦା ପ୍ରପୀଡ଼ିତ
ଅନ୍ଧାର ଆସିବା ଆଗୁ
ଶୁଖିଯାଏ ଆଲୋକର ସ୍ରୋତ।

କେବେ କ୍ରୋଧ ଜର୍ଜରିତ
ମନେ ଜଳେ ଅନଳ ଭୀଷଣ
କେବେ ବୁଡ଼ି ଅସୂୟାସାଗରେ
ଦିଏ ଡାକ ରଖ ନାରାୟଣ।

କେବେ ବିଭୁ ପୟରରେ
ଢାଳି ଭକ୍ତି ହୁଏ ଆତ୍ମହରା
କେବେ ପୁଣି ଦିଏ ଗାଳି
ହେଲେ ଭାରି ସଂସାରର ଭାରା।

ନିଜର ଶତ୍ରୁ ମୁଁ ନିଜେ
ସାଙ୍ଘାତିକ ଅତୀବ ଦାରୁଣ
ସବୁ ସ୍ୱପ୍ନ କରି ଭସ୍ମସାତ୍
ଦେଖୁଛି ମୁଁ କେବଳ ଦୁଃସପ୍ନ।

ମୋ: ୯୮୬୧୦୯୨୮୩୫

### ଗୀତି–କବିତା

### ମଧୁମିତା

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ରଜନୀଗନ୍ଧାର ବାସରେ ବିଭୋର
ନିଶୀଥର ନୀରବତା
ବଧୂଲି ଅଧରେ ବେପଥୁ ପରଶ
ସତେ ଲାଜକୁଳୀ ଲତା।

ବିତିଗଲା ରାତି ଝରୁଥିଲା ପ୍ରୀତି
ମୟୂଖ ମୁରୁଜ ହୋଇ
ଚିକିମିକି ଦିଶେ ମଥାର ସିନ୍ଦୂର
ସକାଳ ସୁରୁଯ ଉଇଁ
ଅଳସୀ ନୟନେ ବିଳାସୀ ସପନ
ନିମୀଳିତ ଆଖିପତା।

ମନ ଗହନର ଅକୁହା କଥାକୁ
ଉଡ଼ାଇଛି ଚଇତାଳି
ଗୋପନରେ ଯାହା ରହିଥିଲା ଦିନେ
ଆଜି ସିଏ ଚୋରାବାଲି
ପାଦ ଖସୁଥିବା ଶିଉଳି ପାହାଚେ
ନବବଧୂ ମଧୁମିତା।

ମୋ: ୯୯୬୮୨୮୦୮୯୬

## କାଳକାଳକୁ



### ''ଶବ୍ଦସବୁ ହେଉଛନ୍ତି ଗୁଳିଭରା ପିସ୍ତଲ''
– ଜାଁ ପଲ୍ ସାର୍ତ୍ରେ

**ଜାଁ ପଲ୍ ସାର୍ତ୍ରେ**ଙ୍କ ଜନ୍ମ ୨୧ ଜୁନ୍ ୧୯୦୫ରେ ଫ୍ରାନ୍‌ସର ପ୍ୟାରିସ୍‌ରେ ଓ ପରଲୋକ ସେଇଠି ୧୫ ଏପ୍ରିଲ ୧୯୮୦ରେ। ସେ ଏକାଧାରରେ ଦାର୍ଶନିକ, ନାଟ୍ୟକାର, ଔପନ୍ୟାସିକ, ଚଳଚ୍ଚିତ୍ର ପଟ୍ଟକଥା ଲେଖକ, ରାଜନୈତିକ କର୍ମୀ, ଜୀବନୀକାର ଓ ସାହିତ୍ୟ ସମାଲୋଚକ। ବିଂଶ ଶତାବ୍ଦୀର ଫରାସୀ ଦର୍ଶନ ଓ ମାର୍କସ୍‌ତତ୍ତ୍ୱରେ ସେ ଜଣେ ପ୍ରମୁଖ ଚିନ୍ତକ। ତାଙ୍କ ରଚନା ସମାଜଶାସ୍ତ୍ର, ସମାଲୋଚନାତତ୍ତ୍ୱ ଓ ଉତ୍ତର–ଔପନିବେଶିକ ବିଚାରଧାରାକୁ ସମ ଭାବେ ପ୍ରଭାବିତ କରିଛି। 'ବିଂଗ୍ ଆଣ୍ଡ୍ ନଥିଙ୍ଗ୍‌ନେସ୍' ହେଉଛି ତାଙ୍କର ସବୁଠୁଁ ଉଚ୍ଚାଙ୍ଗ ସୃଷ୍ଟି, ଯାହା ତାଙ୍କୁ ବିଶ୍ୱବନ୍ଦିତ କରିଛି। ୧୯୬୪ରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାରରେ ପୁରସ୍କୃତ ହେବା ସତ୍ତ୍ୱେ ସେ ନମ୍ରତାର ସହ ଏହାକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି: ''ମୁଁ ସବୁବେଳେ ପ୍ରାତିଷ୍ଠାନିକ ସମ୍ମାନର ବିରୋଧୀ। କାରଣ ଏପରି ସମ୍ମାନ ଲେଖକକୁ ବନ୍ଦୀ ବନାଏ। ସତ୍ ଲେଖକ ମାତ୍ରେ ଏଥିରୁ ନିବୃତ୍ତ ରହିବା ଉଚିତ୍।'' ସେ କହନ୍ତି: ''ପ୍ରେମରେ ଜଣେ ଓ ଆଉ ଜଣେ ମିଶି ସେଇ ଜଣେ।''

# ଭ୍ରାତୃ ହତ୍ୟା

## ଅନୁବାଦ ଗଳ୍ପ

**ମୂଳ ରଚନା:** ଫ୍ରେନ୍‌ଜ କାଫ୍‌କା
**ଅନୁସୃଜନ:** ଡ. ସୂଚନା ପାଢ଼ୀ

ସମାର ତା' ଭାଇ ବେସେକୁ ହତ୍ୟା କରିଥିବା ଅଦାଲତରେ ପ୍ରମାଣିତ ହୋଇଗଲା। ଜଣାପଡ଼ିଲା ଯେ, ସମାର ଚାନ୍ଦିନୀ ରାତିର ଆଲୋକରେ ତାକୁ ହତ୍ୟା କରିବା ପାଇଁ ଲୁଚି ଲୁଚି ଅପେକ୍ଷା କରିଥିଲା ବେସେର ଅଫିସ୍‌ଫେରନ୍ତା ରାସ୍ତାରେ। ବେସେ ରହୁଥିବା ଘରଠାରୁ ଅଳ୍ପ ଦୂରରେ ତା' ଅଫିସ୍।

ସମାର... କି ଆଶ୍ଚର୍ଯ୍ୟ ମଣିଷ! ସେଦିନ ରାତିରେ ଏତେ ଥଣ୍ଡା ପଡୁଥିଲା ଅଥଚ ତା' ଦେହରୁ ବାହାରୁଥିଲା ଗମ୍‌ଗମ୍ ଝାଳ। ଏ କ'ଣ ହତ୍ୟାଜନିତ ଉତ୍ତେଜନା? ହାତରେ ଧରିଥିବା ଛୁରିଟି ତୀକ୍ଷ୍ଣ ଧାର, ଖଣ୍ଡା ପରି। ଭାବୁଥିଲା ଆହୁରି ଧାରୁଆ କରିଦେଲେ ଭଲ ହୁଅନ୍ତା। ଘଷିଲା ପାଖରେ ପଡ଼ିଥିବା ପଥର ଉପରେ, ଯୋଗର ସୋଲରେ। ହାଏ! ଏ କ'ଣ ହେଲା? ଛୁରି ଅଧିକ ଧାରୁଆ ହେବା ପରିବର୍ତ୍ତେ ବଙ୍କା ହୋଇଗଲା।

ଏ ଦୃଶ୍ୟ ଦେଖୁଥିଲା ଆଉ ଜଣେ... ପଲାଶ। କୋଠା ଉପରେ ଥାଇ... ସମାରର ପ୍ରସ୍ତୁତି! କାହା ପାଇଁ? କାହିଁକି? ସନ୍ଦେହ କରି ତଳକୁ ଓହ୍ଲେଇଲା। ଦେଖିଲା ଶ୍ରୀମତୀ ବେସେ ସ୍ୱାମୀଙ୍କ ଫେରିବା ବାଟକୁ ଅପେକ୍ଷା କରି ଠିଆ ହୋଇଥିଲେ ବାଲ୍‌କୋନିରେ। ଏତେ ଡେରି ହେଲାଣି... କାହିଁକି ଆସିନାହାନ୍ତି?

ଅଫିସ୍‌ର ସବୁଠାରୁ କାମିକା କର୍ମଚାରୀ ବେସେ। ସେଦିନ ଅଫିସ୍ ଛୁଟି ହେବାର କିଛି ସମୟ ପରେ ଅଫିସ୍‌ରେ ତାଲା ପକାଇ ଘରକୁ ଫେରୁଥିଲେ। ରାସ୍ତାରେ ଅନେକ ଲୋକଙ୍କ ଯାତାୟାତ।

ପଲାଶ ଯଦିଓ ପାଗଳପ୍ରାୟ ସମାରକୁ ଦେଖିଲା, ତାକୁ ସାମ୍ନା କରିବା ସାହସ ତା'ର ନ ଥିଲା। ସମାର ବେସେକୁ ହାଣିବା ପାଇଁ ତା' ଫେରନ୍ତା ରାସ୍ତାରେ ଉନ୍ମତ୍ତ ସିଂହ ସଦୃଶ ପ୍ରସ୍ତୁତ ହୋଇ ରହିଥିଲା। ରାଗରେ ଜଳିଯାଇଥିଲା ମୁହଁ।

ହାତରେ ବାଡ଼ିଖଣ୍ଡେ ଧରି ବେସେ ଫେରୁଥିବା ବେଳେ ଶୁଣିଲା କାହାର କରୁଣ ସ୍ୱର। କିଏ? କାହା ସ୍ୱର? ପରିବେଶ ଓ ପରିସ୍ଥିତି ରହସ୍ୟମୟ ମନେହେଲା।

ଏ କ'ଣ? ହଠାତ୍ କାହାର ଚୋଟ... ବେସେ! ସମାର କିଛି କହିବା ପୂର୍ବରୁ ଛୁରି ଖସିଯାଇ ତଳେ ପଡ଼ିଗଲା। ବେସେ! ବେସେ! ଶୁଣ... କାନଖୋଲି ଶୁଣ... ଆଜିଠାରୁ ଆଉ ଜୁଲିଆ ସହିତ ସାକ୍ଷାତ୍ କରିପାରିବୁ ନାହିଁ। ତଳୁ ଛୁରି ଉଠାଇ ପୁଣି ଭୁସି ଚାଲିଲା ଛାତି, ପେଟ, ବେକ। ରକ୍ତଧାର ବୋହିଯାଇଥିଲା ବେସେ ମନର ଅବ୍ୟକ୍ତ ବେଦନା କହି କହି।



ଓଁ ଶାନ୍ତି! ସବୁ ସରିଗଲା... ଯାହା ହଉ...। ସମାର ଭାବିଥିଲା ବେସେ ମୃତ। ପାଗଳପରି କହିଚାଲିଲା– ବେସେ, ତୋତେ ହତ୍ୟାକରି ଯୋଉ ଆନନ୍ଦ... ରକ୍ତ ବୁହାଇବାର ଯୋଉ ଉନ୍ମାଦନା ତୁ କେମିତି ଜାଣିବୁ? ତୁ ତ ରାତିର ବୁଢ଼ା ପକ୍ଷୀ ପରି, ତୁ କେବଳ ଗୋଟିଏ ରକ୍ତଭର୍ତ୍ତି ବ୍ୟାଗ୍ ହିଁ ଥିଲୁ। ଦେଖ... ଦେଖ ଏଇ ରାସ୍ତାରେ ବୋହୁଛି ତୋ ଦେହର ରକ୍ତ... ହାଃ ହାଃ। ସେଥିପାଇଁ କ୍ଷଣକ ଭିତରେ ତୋତେ ନିଶ୍ଚିହ୍ନ କରିଦେଲି। ମୁଁ ଯାହା ଚାହେଁ ତାହା କରେ। ଅବଶ୍ୟ ମୋର ସବୁ କାର୍ଯ୍ୟ ଠିକ୍ ହୋଇ ନ ପାରେ, ସ୍ୱପ୍ନର ଖେଳରେ ସୁଫଳ ମିଳେନା। ତୋର ମୃତ ଶରୀର ଏଇ ଜାଗାରେ ଏମିତି ପଡ଼ି ରହିଥିବ– କାରଣ କ'ଣ ଜାଣୁ? ତୁ ମୋତେ ଧୋକା ଦେଇଥିଲୁ ଏବଂ ସେଥିପ୍ରତି ଉଦାସୀନ ଥିଲୁ। ମୋତେ ଅନେକ ପ୍ରଶ୍ନ ପଚାରୁଥିଲୁ। ମୂର୍ଖମାନଙ୍କ ପ୍ରଶ୍ନର କି ମୂଲ୍ୟଥାଏ?

ଅଳ୍ପ ସମୟ ପରେ ପହଞ୍ଚିଗଲା ପଲାଶ। କହିଲା– ସମାର! ମୁଁ ସବୁ ଦେଖିଛି। ତୁ ଏତେ ଅମାନବିକ କାମ କରିପାରୁ!

ସ୍ଥିର ଦୃଷ୍ଟିରେ ଦୁହେଁ ଦୁହିଁଙ୍କୁ କିଛି ସମୟ ଚାହିଁ ରହିଲେ।

ରାସ୍ତା ଉପରେ ପଡ଼ିଥିଲା ଅର୍ଦ୍ଧମୃତ ବେସେ... ଅଶକ୍ତ। ଖବରପାଇ ପହଞ୍ଚିଲେ ଶ୍ରୀମତୀ ବେସେ। ଦୁଃଖରେ ଭାଙ୍ଗିପଡ଼ିଲେ। ହସହସ ମୁଖମଣ୍ଡଳର ଝଟକ କ୍ଷଣକ ଭିତରେ ଉଭେଇଗଲା। ନିଜେ ଘୋଡ଼େଇ ହୋଇଥିବା ସାଲ୍‌ଟି ବେସେଙ୍କୁ ଘୋଡ଼ାଇଦେଲେ। ପୋଲିସ୍ ପହଞ୍ଚିବାକୁ ବେଶୀ ସମୟ ଲାଗିଲା ନାହିଁ। କ୍ଷତାକ୍ତ ଶରୀର ଟେକି ଟେକି ନେଇଗଲେ ଡାକ୍ତରଖାନା।

ସମାର ମନେମନେ ଗୁଣୁଗୁଣୁ ହୋଇ କହୁଥିଲା ଆଉ ଦିନେ ସାହସ କରିବନି ଜୁଲିଆ ସହିତ ଦେଖା କରିବାକୁ ବିଚାରା...।

ମୋ: ୭୦୦୮୨୯୧୦୪୦

ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୧୪/୨୦୨୫ Bhubaneswar, Saturday, June 14/ 2025

# ବିଜୟ ପଥରେ ଦକ୍ଷିଣ ଆଫ୍ରିକା

## ମାରକ୍ରମଙ୍କ ଶତକ, ବଭୁମାଙ୍କ ଲଢୁଆ ବ୍ୟାଟିଂ




ଶତକୀୟ ଭାଗୀଦାରି ଅବସରରେ ଏଡେନ ମାରକ୍ରମ ଓ ଟେମ୍ବା ବଭୁମା।

**ଲର୍ଡ୍ସ, ୧୩।୬ (ତପନ ସ୍ୱାଇଁ)**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ନିର୍ଣ୍ଣାୟକ ମୋଡ୍‌ରେ ପହଞ୍ଚିଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୨୦୭ ରନରେ ଅଲ୍‌ଆଉଟ ହେବାରୁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୮୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଚ୍ୟାଲେଞ୍ଜକୁ ସ୍ୱିକାର କରିଛି ଦକ୍ଷିଣ ଆଫ୍ରିକା। ଏଡେନ ମାରକ୍ରମଙ୍କ ଶତକ ଓ ଅଧିନାୟକ ଟେମ୍ବା ବଭୁମାଙ୍କ ଲଢୁଆ ବ୍ୟାଟିଂ ବଳରେ ଏହି ଦଳ ଐତିହାସିକ ବିଜୟ ପଥରେ ଅଗ୍ରସର ହୋଇଛି। ଶୁକ୍ରବାର ତୃତୀୟ ଦିବସ ଷ୍ଟମ୍ପ ବେଳକୁ ଦକ୍ଷିଣ ଆଫ୍ରିକା ୫୬ ଓଭରରେ ୨ ଉଇକେଟ ହରାଇ ୨୧୩ ରନ ସଂଗ୍ରହ କରିଛି। ଓପନର ର୍‍ୟାନ ରିକେଲଟନ ୬ ୱିଆନ ମୁଲ୍ଡର ୨୭ ରନକରି ଆଉଟ ହୋଇଥିବାବେଳେ ମାରକ୍ରମ ୧୦୨ ଓ ଅଧିନାୟକ ଟେମ୍ବା ବଭୁମା ୬୫ ରନକରି ଅପରାଜିତ ରହିଛନ୍ତି। ଅସମାପ୍ତ ୩ୟ ଉଇକେଟରେ ଦୁହେଁ ୨୩୨ ବଲ୍‌ରୁ ୧୪୩ ରନ ସଂଗ୍ରହ କରି ସାରିଛନ୍ତି। ୧୫୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମାରକ୍ରମ ନିଜ ଇନିଂସ ମଧ୍ୟରେ ୧୧ଟି ଓ ବଭୁମା ୧୨୧ ବଲ୍ ଖେଳି ୫ ଚୌକା ମାରିଛନ୍ତି। ଦୁହେଁ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଅଷ୍ଟ୍ରେଲିଆ ବୋଲରଙ୍କୁ ନିରାଶ କରିଛନ୍ତି। ଲର୍ଡ୍ସରେ ଅନୁଷ୍ଠିତ କୌଣସି ଟେଷ୍ଟର ପ୍ରଥମ ଇନିଂସରେ ଡକ୍(୦) ଓ ଦ୍ୱିତୀୟ ଇନିଂସରେ ଶତକ ହାସଲ କରିବାରେ ମାରକ୍ରମ ୯ମ ବ୍ୟାଟର ହୋଇଛନ୍ତି। ୧୯୮୦ପରେ ଏହି ସଫଳତା ହାସଲ କରିବାରେ ସେ ହେଉଛନ୍ତି ତୃତୀୟ ବ୍ୟାଟର। ୨୦୦୨ରେ ଭାରତ ବିପକ୍ଷରେ ମାଇକେଲ ଭନ୍ ଏବଂ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ମିସବା-ଉଲ-ହକ୍ ଏହି ସଫଳତା ପାଇଥିଲେ। ଟେଷ୍ଟରେ ମାରକ୍ରମଙ୍କର ଏହାଥିଲା ୮ମ ଶତକ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ମିଚେଲ ଷ୍ଟାର୍କ ୨ଟି ଯାକ ଉଇକେଟ ନେଇଛନ୍ତି। ୮ ଉଇକେଟ ସୁରକ୍ଷିତ ଥାଇ ଦକ୍ଷିଣ ଆଫ୍ରିକା ଏବେ ବିଜୟ ପାଇଁ ଆଉ ୬୯ ରନ ଆବଶ୍ୟକ କରୁଛି। ଶନିବାର ୪ର୍ଥ ଦିବସର ପ୍ରଥମ ସେସନରେ ଯଦି ସବୁକିଛି ଠିକ୍ ରୁହେ ତେବେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ପରେ ଦକ୍ଷିଣ ଆଫ୍ରିକା ତୃତୀୟ ଦଳ ଭାବେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିବ।

ସ୍ଲିପ୍‌ରେ ଫିଲ୍ଡିଂ ବେଳେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ ଆହତ ହୋଇ ପଡ଼ିଆ ଛାଡ଼ିଛନ୍ତି। ଡାହାଣ ହାତର ଅଙ୍ଗୁଳି ଭାଙ୍ଗିଥିବାରୁ ଅଷ୍ଟ୍ରେଲିଆନ ଟିମ୍ ମେଡିକାଲ ଷ୍ଟାଫ୍ ତାଙ୍କୁ ଏକ୍ସ-ରେ ପାଇଁ ଡାକ୍ତରଖାନା ନେଇଛନ୍ତି।

### ଲଢ଼ିଲେ ଷ୍ଟାର୍କ-ହାଜେଲଉଡ୍

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୪୪/୮ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଆଉ ମାତ୍ର ୪ ରନ ଯୋଗକରି ନାଥାନ ଲିୟନଙ୍କ ଉଇକେଟ ହରାଇଥିଲା। ଫଳରେ ସ୍କୋର ୧୪୮/୯ ହୋଇ ଯାଇଥିଲା। ଶେଷ ଉଇକେଟ ପକାଇବା ପାଇଁ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲଉଡ୍ ଲଢୁଆ ବ୍ୟାଟିଂ କରିଥିଲେ। ଦୁହେଁ ବିପକ୍ଷ ବୋଲରଙ୍କୁ ନିରାଶ କରି ୧୦ମ ତଥା ଅନ୍ତିମ ଉଇକେଟରେ ୧୩୫ଟି ବଲ୍‌ର ସମ୍ମୁଖୀନ ହୋଇ ୫୯ ରନର ଭାଗୀଦାରି ଗଢ଼ିଥିଲେ। ଏହି ଅବସରରେ ଷ୍ଟାର୍କ ଅର୍ଦ୍ଧଶତକ ହାସଲ କରିଥିଲେ। ଷ୍ଟାର୍କଙ୍କର ଏହାଥିଲା ଟେଷ୍ଟ କ୍ରିକେଟରେ ଏକାଦଶ ଅର୍ଦ୍ଧଶତକ। ତେବେ ସେ ୨୦୧୯ରେ ମାଞ୍ଚେଷ୍ଟର ଟେଷ୍ଟ ପରେ ଏଠାରେ ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ଏଥିପାଇଁ ସେ ୪୫ ଟେଷ୍ଟ ଓ ୬୨ଟି ଇନିଂସର ସହାୟତା ନେଇଥିଲେ। ୬୫ତମ ଓଭରର ଶେଷ ବଲ୍‌ରେ ହାଜେଲଉଡ୍ ଆଉଟ ହେବା ସହ ପାର୍ଟନରଶିପ୍ ଭାଙ୍ଗିଥିଲା ଏବଂ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ଶେଷ ହୋଇଥିଲା। ହାଜେଲଉଡ୍ ୧୭ ରନକରି ଏଡେନ ମାରକ୍ରମଙ୍କ ଶିକାର ହୋଇଥିବାବେଳେ ଷ୍ଟାର୍କ ୧୩୬ଟି ବଲ୍ ଖେଳି ୫୮ ରନରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡ଼ା ୪ଟ, ଲୁନ୍‌ଗି ଏନ୍‌ଗିଡି ୩ଟି ଏବଂ ମାର୍କୋ ଜାନସେନ, ୱିଆନ ମୁଲ୍ଡର ଓ ଏଡେନ ମାରକ୍ରମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୩୮। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୦୭/ଅଲ୍‌ଆଉଟ (ମିଚେଲ ଷ୍ଟାର୍କ-୫୮*, ଆଲେକ୍ସ କାରେ-୪୩, କାଗିସୋ ରାବାଡ଼ା-୪/୫୯, ଲୁନ୍‌ଗି ଏନ୍‌ଗିଡି-୩/୩୮, ମାର୍କୋ ଜାନସେନ-୧/୫୮, ୱିଆନ ମୁଲ୍ଡର-୧/୧୮, ଏଡେନ ମାରକ୍ରମ-୧/୫)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୧୩/୨ (ଏଡେନ ମାରକ୍ରମ-୧୦୨*, ଟେମ୍ବା ବଭୁମା-୬୫*, ମିଚେଲ ଷ୍ଟାର୍କ-୨/୫୩)।

# ମା’ ଅସୁସ୍ଥ, ଭାରତ ଫେରିଲେ ଗମ୍ଭୀର

**ବେକେନହାମ୍ (ୟୁକେ), ୧୩।୬ (ପି.ଟି.):** ଗୌତମ ଗମ୍ଭୀରଙ୍କ ମା’ ସୀମା ଗମ୍ଭୀର ହୃଦ୍‌ଘାତରେ ପୀଡ଼ିତ ହୋଇଛନ୍ତି। ଏହି ଖବର ପାଇବା ପରେ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଶୁକ୍ରବାର ସ୍ୱଦେଶ ଫେରିଛନ୍ତି। ସୀମାଙ୍କୁ ନୂଆଦିଲ୍ଲୀସ୍ଥିତ ଏକ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏହି ସୂଚନା ଦିଆଯାଇଛି। ଜୁନ୍ ୨୨ରୁ ଲିଡ୍ସଠାରେ ଇଂଲଣ୍ଡ ବିପକ୍ଷ ଏକ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ଭାରତୀୟ ଦଳ ବର୍ତ୍ତମାନ ୟୁନାଇଟେଡ କିଙ୍ଗଡମ୍ (ୟୁ.କେ.)ରେ ଅଛି। ଗମ୍ଭୀରଙ୍କ ଅନୁପସ୍ଥିତିରେ ସହକାରୀ କୋଚ୍ ର୍‍ୟାନ ଟେନ୍ ଡୋସ୍‌ଚେଟ୍ ଶୁକ୍ରବାରଠାରୁ ଭାରତ ଓ ଭାରତ ‘ଏ’ ଦଳ ମଧ୍ୟରେ ଆରମ୍ଭ ହୋଇଥିବା ୪ ଦିନିଆ ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚରେ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ଅନ୍ୟ କୋଚିଂ ଷ୍ଟାଫ୍ ଯଥା ବୋଲିଂ କୋଚ୍ ମୋର୍ନେ ମୋର୍କେଲ ଓ ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ପ୍ରମୁଖ ସହଯୋଗ କରିବେ। ଘରେ ଯଦି ପରିସ୍ଥିତି ଠିକ୍‌ଠାକ୍ ରୁହେ ତେବେ ଗମ୍ଭୀର ସପ୍ତାହକ ମଧ୍ୟରେ ଇଂଲଣ୍ଡ ଫେରିଯିବେ। ତାଙ୍କ ମା’ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଦିଓ ଉନ୍ନତି ପରିଲକ୍ଷିତ ହେଉଛି ସେ ଏବେ ସୁଦ୍ଧା ଆଇସିୟୁରେ ଅଛନ୍ତି। ପ୍ରଥମ ଟେଷ୍ଟ ଜୁନ୍ ୨୦ରୁ ଆରମ୍ଭ ହେବ।

# ଦ୍ୱିତୀୟ ଦିନରେ ଓଡ଼ିଶାକୁ ୯ ପଦକ




କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ପ୍ରତିଯୋଗୀମାନେ।

## ଜାତୀୟ ଜୁନିୟର କରାଟେ

**ଭୁବନେଶ୍ୱର, ୧୩।୬ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ଡେରାଡୁନଠାରେ ଗତ ୧୨ରୁ ଆରମ୍ଭ ହୋଇଥିବା ଜାତୀୟ ୟୁଥ୍, ଜୁନିୟର ଓ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ଓଡ଼ିଶା ଦଳକୁ ମୋଟ ୯ଟି ପଦକ ମିଳିଛି। ଏହା ମଧ୍ୟରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୫ ବ୍ରୋଞ୍ଜ ପଦକ ସାମିଲ।

ବିଶ୍ୱ କରାଟେ ସଂଘର ସ୍ୱୀକୃତିପ୍ରାପ୍ତ ଜାତୀୟ କରାଟେ ସଂଘ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କେଆଇଓ) ଦ୍ୱାରା ଆୟୋଜିତ ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଦ୍ୱାରା ଗତ ରାଜ୍ୟ କରାଟେ ପ୍ରତିଯୋଗିତାରୁ ମନୋନୀତ କରାଟେକାମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଓଡ଼ିଶାର ଅଂଶୁମାନ ଆଚାର୍ଯ୍ୟ ଯୁବ ୭୦ କେଜି ଫାଇଟିଂ ଏବଂ ଦିବ୍ୟ ପ୍ରସାଦ ନାୟକ ଜୁନିୟର ୭୬ କେଜିରୁ ଅଧିକ ଫାଇଟିଂ ବିଭାଗରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ଗତ ଯୁବ ଏସିଆ ବାଳିକା କାଟା ବିଭାଗରେ ବ୍ରୋଞ୍ଜ ପଦକ ଲାଭ କରିଥିବା ଓଡ଼ିଶାର ଅଲିସା ସୁବୁଦ୍ଧି ଏଥିରେ ରୌପ୍ୟ ପଦକ ଜିତିଛନ୍ତି। ଯୁବ ବାଳକ ୫୨ କେଜି ଫାଇଟିଂ ବିଭାଗରେ ଓମ୍ ସତ୍ୟମ୍ ମହାନ୍ତିଙ୍କୁ ରୌପ୍ୟ ପଦକ ମିଳିଛି। ଅନ୍ୟପକ୍ଷରେ ୬୧ କେଜି ବାଳିକା ଫାଇଟିଂରେ ତପସ୍ୱିନୀ ନାୟକ, ଜୁନିୟର ବାଳିକା କାଟାରେ ସୁପ୍ରିୟା ମହାନ୍ତି, ଜୁନିୟର ବାଳକ ୬୮ କେଜି ଫାଇଟିଂରେ ଆର୍ଯ୍ୟବ୍ରତ ବିଶ୍ୱାଳ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ଜୁନିୟର ପୁରୁଷ ଦଳଗତ କାଟାରେ ଶୁଭମ୍ ଦାଶ, ଦୋଳ ଗୋବିନ୍ଦ ବେହେରା, ରିତେଶ ପାତ୍ର ଓ ଅଂଶୁମାନ ମିଶ୍ର ଏବଂ ବାଳିକା ଦଳଗତ କାଟାରେ ଅଲିଶା ସୁବୁଦ୍ଧି, ସୁପ୍ରିୟା ମହାନ୍ତି, ତମନା ମେହେର, ଶ୍ୱେତାଞ୍ଜନା ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ଦେବେନ୍ଦ୍ର ଭାରତୀୟ ଫେନ୍‌ସିଂ ଦଳର ମ୍ୟାନେଜର

**ଭୁବନେଶ୍ୱର, ୧୩।୬ (ତପନ ସ୍ୱାଇଁ)**

ଇଣ୍ଡୋନେସିଆର ବାଲିଠାରେ ସିନର ଏସିଆନ ଫେନ୍‌ସିଂ ଚାମ୍ପିୟନଶିପ୍ ଚଳିତ ମାସ ୧୫ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ରାଜ୍ୟ ଫେନ୍‌ସିଂ ସଂଘ ସମ୍ପାଦକ ତଥା ଭାରତୀୟ ଫେନ୍‌ସିଂ ସଂଘ ଯୁଗ୍ମ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କୁ ଭାରତୀୟ ଦଳର ମ୍ୟାନେଜର ମନୋନୀତ କରାଯାଇଛି। ଏ ସମ୍ପର୍କରେ ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ରାଜୀବ ମେହେଟା ଓଡ଼ିଶା ଫେନ୍‌ସିଂ ଆସୋସିଏଶନକୁ ପତ୍ର ଯୋଗେ ଅବଗତ କରାଇଛନ୍ତି।

## ଭାରତ ବିପକ୍ଷ ମହିଳା ଟି୨୦

# ଇଂଲଣ୍ଡ ଦଳକୁ ଫେରିଲେ ଏକ୍କ୍ଲେଷ୍ଟୋନ୍

**ଲଣ୍ଡନ, ୧୩।୬ (ପି.ଟି.):** ଜୁନ୍ ୨୮ରୁ ଆରମ୍ଭ ହେବାକୁଥିବା ଭାରତ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଶୁକ୍ରବାର ୧୪ ଜଣିଆ ଇଂଲଣ୍ଡ ମହିଳା କ୍ରିକେଟ ଦଳ ଘୋଷଣା କରାଯାଇଛି। କିଛିଦିନ ପାଇଁ ଛୁଟିରେଥିବା ବାମହାତି ସ୍ପିନର ସୋଫି ଏକ୍କ୍ଲେଷ୍ଟୋନ୍ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇଂଲଣ୍ଡ ଟୁର୍ ଅବସରରେ ଭାରତୀୟ ମହିଳା ଦଳ ଆହୁରି ମଧ୍ୟ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବ। ଏକ୍କ୍ଲେଷ୍ଟୋନ୍ ନିକଟରେ ୱେଷ୍ଟଇଣ୍ଡିଜରେ ୩-୦ରେ ବିଜୟ ଲାଭ କରି ଫେରିଥିବା ଇଂଲଣ୍ଡ ଦଳର ଜଣେ ଅନ୍ୟତମ ସଦସ୍ୟା ଥିଲେ। ଭାରତ ଓ ଇଂଲଣ୍ଡ ଓପନିଂ ଅନ୍ତର୍ଜାତୀୟ ଟି୨୦ ଜୁନ୍ ୨୮ରେ ଟ୍ରେଣ୍ଟବ୍ରିଜ୍‌ଠାରେ ଖେଳାଯିବ। ପରେ ବ୍ରିଷ୍ଟଲଠାରେ ଦ୍ୱିତୀୟ ମ୍ୟାଚ ଜୁଲାଇ ୧ରେ ଖେଳାଯିବ। ଜୁଲାଇ ୪ରେ ଓଭାଲଠାରେ ତୃତୀୟ ଟି୨୦ ଖେଳାଯିବ। ଚତୁର୍ଥ ଓ ପଞ୍ଚମ ମ୍ୟାଚ ଯଥାକ୍ରମେ ଜୁଲାଇ ୯ ଓ ୧୨ରେ ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯିବ।

ଇଂଲଣ୍ଡ ଦଳ: ନାଟ୍ ସ୍କିଭର-ବ୍ରଣ୍ଟ (ଅଧିନାୟିକା), ଏମ୍ ଆର୍ଲଟ, ଟାମି ବିମଣ୍ଟ (ଉଇକେଟକିପର), ଲରେନ ବେଲ୍, ଆଲିସ୍ କାପ୍‌ସି, ଚାର୍ଲି ଡିନ୍, ସୋଫିଆ ଡଙ୍କଲେ, ସୋଫି ଏକ୍କ୍ଲେଷ୍ଟୋନ୍, ଲରେନ ଫିଲର, ଆମି ଜୋନ୍ସ (ଉଇକେଟକିପର), ପେଜ୍ ସ୍କୋଲଫିଲ୍ଡ, ଲିନ୍‌ସେ ସ୍ମିଥ, ଡାନି ୟାଟ୍ ହଜ୍, ଇସି ଓଙ୍ଗ୍।







1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ